CMYK

- Vol.- 46, Issue No. 209
- Saturday, 31 October 2026
- ଶନିବାର, ୩୧ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ଜାନୁଆରୀ ୨୫ରୁ ଦେଶରେ ଜନଗଣନା

ଫେବୃଆରୀ ୨୮ ପର୍ଯ୍ୟନ୍ତ ଚାଲିବ

ନୂଆଦିଲ୍ଲୀ,୩୦।୧୦ : ସାରା ଦେଶରେ ୨୦୨୭ ଜନଗଣନା ପାଇଁ ତାରିଖ ଘୋଷଣା କରାଯାଇଛି। ସରକାର ଜାନୁଆରୀ ୨୫ ରୁ ଫେବୃଆରୀ ୨୮, ୨୦୨୭ ମଧ୍ୟରେ ତାରିଖ ଧାର୍ଯ୍ୟ କରି ଜନଗଣନା ଘୋଷଣା କରିଛନ୍ତି । ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଜନଗଣନା ପାଇଁ ସନ୍ଦର୍ଭ ପ୍ରସ୍ତୁତି ତାରିଖ ୧ ମାର୍ଚ୍ଚ ୨୦୨୭ ରାତି ୧୨:୦୦ ହେବ । ତୁଷାରପାତ ଏବଂ ନିର୍ବାଚନ ନଥିବା ରାଜ୍ୟଗୁଡ଼ିକରେ ଜନଗଣନା କରାଯିବ ନାହିଁ । ଭାରତର ଜନଗଣନା କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣଙ୍କ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ, ମଣିପୁର (ପରବର୍ତ୍ତୀ ଘୋଷଣା ପର୍ଯ୍ୟନ୍ତ), ଗୋଆ, ଉତ୍ତର ପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଲଦାଖ, ହିମାଚଳ ପ୍ରଦେଶ ଏବଂ ଜମ୍ମୁ ଏବଂ କାଶ୍ମୀରର ତୁଷାରପାତ ପ୍ରଭାବିତ ଅଞ୍ଚଳ ବ୍ୟତୀତ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଜାନୁଆରୀ ୨୫, ୨୦୨୭ରୁ ଫେବୃଆରୀ ୨୮, ୨୦୨୭ ପର୍ଯ୍ୟନ୍ତ ଜନଗଣନା କରାଯିବ। ବିଜ୍ଞପ୍ତି ଅନୁଯାୟୀ, ଜନଗଣନା ପାଇଁ 'ସମୀକ୍ଷା ପର୍ଯ୍ୟାୟ' ୧ ମାର୍ଚ୍ଚ, ୨୦୨୭ ରୁ ୫ ମାର୍ଚ୍ଚ, ୨୦୨୭ ପର୍ଯ୍ୟନ୍ତ କରାଯିବ । ଏଥିରେ କୁହାଯାଇଛି ଯେ 'ସ୍ୱ-ଗଣନା' ବିକଳ୍ପ ୧୦ ଜାନୁଆରୀ, ୨୦୨୭ରୁ ୨୪ ଜାନୁଆରୀ, ୨୦୨୭ ପର୍ଯ୍ୟନ୍ତ, ଘର ଘର ଗଣନା ଆରମ୍ଭ ହେବା ପୂର୍ବରୁ ଉପଲବ୍ଧ ହେବ ।

ଚେତାବନୀ ସତ୍ତ୍ୱେ ଆନ୍ଧ୍ର ମାନୁନି

କୋରାପୁଟ, ୩୦।୧୦: ଆନ୍ଧ୍ର ପ୍ରଦେଶ ୫ ନଭେମ୍ବରରେ ଓଡ଼ିଶାର କୋଟିଆ ଅଞ୍ଚଳରେ କରିବାକୁ ଯାଉଥିବା ନିର୍ବାଚନ ପାଇଁ ପ୍ରଚାର ସାମଗ୍ରୀ ନେଇ ଯାଉଥିବା ଏକ ଗାଡ଼ିକୁ ବିବାଦୀୟ ରଣସିଂ ଗ୍ରାମ ପରିଦର୍ଶନ ସମୟରେ ରାଜ୍ୟର ସ୍ଥାନୀୟ ଅଧିକାରୀମାନେ ବିରୋଧ କରିବା ସହ ପୋଲିସ ଦୃଷ୍ଟିକୁ ତାହା ଆଣିଥିଲେ। ଅନଧିକୃତ ନିର୍ବାଚନୀ କାର୍ଯ୍ୟକଳାପକୁ ରୋକିବା ପାଇଁ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ନଜରଦାରି ବୃଦ୍ଧି କରାଯାଇଛି। ସେଥିଲାଗି ଯାଞ୍ଚ ଶିବିର ସ୍ଥାପନ କରାଯାଇଛି ଏବଂ ୧ ନଭେମ୍ବର ୨୦୨୬ରୁ ବିଏନଏସଏସର ଧାରା ୧୬୩ ଅଧୀନରେ ନିଷେଧାଜ୍ଞା ଜାରି କରାଯାଇଛି।

'ଅର୍ଣ୍ଣବ' ପରବର୍ତ୍ତୀ ସ୍ଥିତି : ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ରାଷ୍ଟ୍ରପତି

ବ୍ରହ୍ମପୁର,୩୦।୧୦: ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ବାତ୍ୟା ପରେ ରାଜ୍ୟରେ ସୃଷ୍ଟି ହୋଇଥିବା ପରିସ୍ଥିତି ଓ ପ୍ରଭାବିତ ଅଞ୍ଚଳର ସ୍ଥିତି ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କଠାରୁ ପଚାରି ବୁଝିଛନ୍ତି।ଏହି ଅବସରରେ ବାତ୍ୟା ପରବର୍ତ୍ତୀ ସ୍ଥିତିକୁ ନେଇ ରାଷ୍ଟ୍ରପତି ନିଜର ଉଦ୍‌ବେଗ ପ୍ରକାଶ କରିବା ସହ ଆବଶ୍ୟକ ସମୟରେ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ଆଶ୍ୱାସନା ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଏହି ଯୋଗାଯୋଗ ବାତ୍ୟା ପରବର୍ତ୍ତୀ ସ୍ଥିତିରେ ରାଜ୍ୟର ପରିସ୍ଥିତି ଓ ପ୍ରଭାବିତ ଲୋକଙ୍କ ସମସ୍ୟା ପ୍ରତି ତାଙ୍କ ଚିନ୍ତାକୁ ପ୍ରତିଫଳିତ କରିଛି।

ଆକାଶମାର୍ଗରୁ ବନ୍ୟାଞ୍ଚଳ ଦେଖିଲେ ମୁଖ୍ୟମନ୍ତ୍ରୀ

ସର୍ବୋଚ୍ଚ ପ୍ରାଥମିକତା ଜୀବନ ଓ ସମ୍ପତ୍ତିର ସୁରକ୍ଷା

ଦୁର୍ଦ୍ଦଶା ମୋଚନ ପାଇଁ ରାଜ୍ୟ ସରକାର ସଦା ଜାଗ୍ରତ

ପ୍ରଭାବିତଙ୍କ ନିକଟରେ ପହଞ୍ଚୁଛି ଖାଦ୍ୟ, ପାନୀୟ ଜଳ ଓ ଜରୁରୀ ସ୍ୱାସ୍ଥ୍ୟସେବା

ନଭେମ୍ବର ୨ ରେ କେନ୍ଦ୍ରୀୟ ଟିମ୍ କରିବ କ୍ଷୟକ୍ଷତି ଆକଳନ

୨୧ ସ୍ଥାନରେ ଏୟାର ଡ୍ରପିଂ

କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର ଦେବେ ସମ୍ପୂର୍ଣ୍ଣ ସହାୟତା: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୦: ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରଳୟଙ୍କରୀ ବର୍ଷା ଯୋଗୁଁ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର। ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବ୍ୟାପକ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼ିଛି। ବିପନ୍ନଙ୍କ ପାଖରେ କିପରି ସହାୟତା ଓ ରିଲିଫ ପହଞ୍ଚୁଛି ସେ ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। କ୍ଷତିଗ୍ରସ୍ତ ଜମି, ବିଚ୍ଛିନ୍ନ ଯୋଗାଯୋଗ ସମ୍ପର୍କରେ ଆଲୋଚନା କରିବାସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟା ଅଞ୍ଚଳ ପରିଦର୍ଶନ ପରେ ରଙ୍ଗେଇଲୁଣ୍ଡା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ହାଇଲେବଲ ବୈଠକ କରିଛନ୍ତି। ଏଥିରେ ଲୋକଙ୍କ ବନ୍ୟାଜନିତ ଦୁଃଖ ଦୁର୍ଦ୍ଦଶା ମୋଚନ ପାଇଁ ରାଜ୍ୟ ସରକାର ସଦା ଜାଗ୍ରତ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଛନ୍ତି। କେନ୍ଦ୍ର ସରକାରଙ୍କ ଠାରୁ ଆବଶ୍ୟକ ସହାୟତା ପାଇଁ ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ଠାରୁ ପ୍ରତିଶ୍ରୁତି ମିଳିଥିବା ସେ ସୂଚନା ଦେଇଛନ୍ତି। ଏସବୁ ମଧ୍ୟରେ ଆସନ୍ତା ନଭେମ୍ବର ୨ ତାରିଖରେ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସି କ୍ଷୟକ୍ଷତିର ଆକଳନ କରିବେ ବୋଲି ଜଣାପଡ଼ିଛି। ଆକାଶମାର୍ଗରୁ ପରିସ୍ଥିତିର ଆକଳନ କରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ବିପତ୍ତି ସମୟରେ ରାଜ୍ୟବାସୀଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ମୋର ସର୍ବୋଚ୍ଚ ପ୍ରାଥମିକତା। ପ୍ରଭାବିତଙ୍କ ନିକଟରେ ଖାଦ୍ୟ, ପାନୀୟ ଜଳ ଓ ଜରୁରୀ ସ୍ୱାସ୍ଥ୍ୟସେବା ଯେପରି ବିନା ବାଧାରେ ପହଞ୍ଚିପାରିବ, ସେଥିପାଇଁ ସମଗ୍ର ପ୍ରଶାସନ ଅହୋରାତ୍ର କାର୍ଯ୍ୟ କରୁଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛି। ଏଥିସହ ବିପର୍ଯ୍ୟସ୍ତ ରାସ୍ତାଘାଟର ପୁନରୁଦ୍ଧାର, ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବା ଓ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ପାଇଁ ପ୍ରଶାସନକୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କଠିନ ସମୟରେ ସରକାର ଦୃଢ଼ତାର ସହ ସହ ଛିଡ଼ା ହୋଇ ରହିଛନ୍ତି। ପ୍ରଭାବିତ ଅଂଚଳ ଲୋକମାନଙ୍କୁ ସାହସ ରଖି ସୁରକ୍ଷିତ ସ୍ଥାନରେ ରହିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେବା ସହ ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳଙ୍କ ସୂଚନାକୁ ଅନୁସରଣ କରି ପରସ୍ପରକୁ ସହଯୋଗର ହାତ ବଢ଼ାଇବାକୁ କହିଛନ୍ତି। ସମସ୍ତେ ମିଳିତ ଭାବେ ଏହି ସଙ୍କଟରୁ ଖୁବଶୀଘ୍ର ବାହାରିବା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ସେହିପରି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ନୌସେନାର ହେଲିକପ୍ଟର ଯୋଗେ ବିଭିନ୍ନ ଜଳବନ୍ଦୀ ଅଂଚଳରେ ରିଲିଫ୍ ଓ ଶୁଖିଲା ଖାଦ୍ୟ ସାମଗ୍ରୀ ଏୟାର ଡ୍ରପିଂ କରାଯାଉଛି। ରିଲିଫ୍ ବଣ୍ଟନ ପାଇଁ ଗଞ୍ଜାମ ଜିଲ୍ଲାରେ ୨୧ଟି ସ୍ଥାନ ଚିହ୍ନଟ କରାଯାଇଛି। ନୌସେନାର ହେଲିକପ୍ଟର, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ରିଲିଫ୍ ବଣ୍ଟନ କରୁଛନ୍ତି। ଗଞ୍ଜାମରେ ବିଗତ ୨୪ ଘଣ୍ଟାରେ ୬୩.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହି ବର୍ଷା ଯୋଗୁଁ ୨୪୨ଟି ପଂଚାୟତ, ୩୮୬ଟି ଗାଁ ଓ ୧୦୬ଟି ସହରାଂଚଳ ୱାର୍ଡ ପ୍ରଭାବିତ ହୋଇଛି। ପ୍ରଶାସନ ପକ୍ଷରୁ ୨୮ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଗଞ୍ଜାମର ୩୫୨ଟି ଓ ଗଜପତିର ୩୪୦ଟି ରିଲିଫ୍ ସେଣ୍ଟରରେ ମୋଟ ୨୧୭୮୨ ଜଣ ବନ୍ୟା ପୀଡ଼ିତ ଆଶ୍ରୟ ନେଇଛନ୍ତି। ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି ଯେ,କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଆକାଶମାର୍ଗ ସର୍ଭେ ଓ କେନ୍ଦ୍ରୀୟ ଟିମ୍‌ର କ୍ଷୟକ୍ଷତି ରିପୋର୍ଟ ଆସିବା ପରେ କ୍ଷତିପୂରଣ ଦିଆଯିବ।

ଗଂଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ କ୍ଷତି

- କେନ୍ଦ୍ର ସରକାର ତୁରନ୍ତ ସହାୟତା ଯୋଗାଇଛନ୍ତି
- ଅତିରିକ୍ତ ୨୦ କୋଟି ଟଙ୍କାର ସହାୟତା

ଭୁବନେଶ୍ୱର, ୩୦।୧୦: ବାତ୍ୟା ଅର୍ଣ୍ଣବ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଗଞ୍ଜାମ ଓ ଗଜପତିରେ ହୋଇଛି ବ୍ୟାପକ କ୍ଷୟକ୍ଷତି । ବାତ୍ୟା ପ୍ରଭାବିତ ଅଞ୍ଚଳରେ ଚାଷୀମାନେ ପ୍ରଭାବିତ ହୋଇଛନ୍ତି। ଫସଲ କ୍ଷତି ହୋଇଛି। ଏ ବର୍ଷ ଚାଷ ଆରମ୍ଭରୁ ବନ୍ୟା ଆସିଲା। ପାଣିପାଗ ପରିବର୍ତ୍ତନ ପାଇଁ ଏସବୁ ଘଟୁଛି। ବାତ୍ୟା ଅର୍ଣ୍ଣବ ମୁକାବିଲା ପାଇଁ ଆମେ ପୂର୍ବରୁ ପ୍ରସ୍ତୁତି କରିଥିଲୁ। ଆମେ ପ୍ରଭାବିତ ଜିଲ୍ଲାକୁ ସଚିବ ଓ ମନ୍ତ୍ରୀଙ୍କୁ ପଠାଇଥିଲୁ। ବାତ୍ୟା ଆନ୍ଧ୍ରରେ ଲ୍ୟାଣ୍ଡଫଲ ପରେ ଦିଗ ବଦଳାଇଲା। ଆମେ ମାଲକାନଗିରିରେ ଅଧିକ କ୍ଷତି କରିବ ବୋଲି ଭାବିଥିଲୁ। ହେଲେ ଗଂଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ କ୍ଷତି କରିଛି। ଆମେ କେନ୍ଦ୍ର ସରକାରଙ୍କ ସହାୟତା ମାଗିଥିଲୁ। ଗୃହମନ୍ତ୍ରୀଙ୍କ ସହ କଥା ହୋଇଥିଲି। କେନ୍ଦ୍ର ସରକାର ଆମକୁ ତୁରନ୍ତ ସହାୟତା ଯୋଗାଇଛନ୍ତି। ଏମିତି କି ହେଲିକପ୍ଟରରେ ଉଦ୍ଧାର କାର୍ଯ୍ୟ ହୋଇଛି। ଆମ ଟିମ ସମ୍ପୂର୍ଣ୍ଣ ସଜାଗ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ବନ୍ୟା ପରିସ୍ଥିତିର ମୁକାବିଲା ଏବଂ ରିଲିଫ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ଗଞ୍ଜାମ ଜିଲ୍ଲାକୁ ଅତିରିକ୍ତ ୨୦ କୋଟି ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି। ଏହି ଅର୍ଥ ବନ୍ୟା ମୁକାବିଲା ସମ୍ପର୍କିତ ଜରୁରୀକାଳୀନ କାର୍ଯ୍ୟ ଓ ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ସହାୟତା ପାଇଁ ବ୍ୟବହାର କରାଯିବ।ଏନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ଟ୍ୱିଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି।

ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପୁଣି ବାତିଲ

ଭୁବନେଶ୍ୱର, ୩୦।୧୦: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୁଣି ଓଡ଼ିଶା ଗସ୍ତ ବାତିଲ୍ ହୋଇଛି। ରାଷ୍ଟ୍ରପତିଙ୍କ ଗସ୍ତ ବାତିଲ ନେଇ ରାଇରଙ୍ଗପୁର ଏଡିଏମ୍ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ନଭେମ୍ବର ୩ ତାରିଖରୁ ରାଷ୍ଟ୍ରପତିଙ୍କ ୩ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଥିଲା। ତେବେ ଏହା ବାତିଲ ହୋଇଥିବା ଜଣାପଡିଛି। ଏହା ପୂର୍ବରୁ ୨୮ ତାରିଖରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ମଧ୍ୟ ବାତ୍ୟା ପାଇଁ ବାତିଲ ହୋଇଥିଲା ।

ଭୂସ୍ଖଳନ ନେଲା ୩ ଜୀବନ

ଫୁଲବାଣୀ, ୩୦।୧୦: କନ୍ଧମାଳ ଜିଲା ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଡାଙ୍ଗେସି ଗ୍ରାମରେ ଘଟିଥିବା ଭୟାବହ ଭୂସ୍ଖଳନରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଅଚ୍ୟୁତ ପ୍ରଧାନ, ତାଙ୍କ ସ୍ତ୍ରୀ ମାନସୀ ପ୍ରଧାନ ଏବଂ ସେମାନଙ୍କ ୭ ମାସର ଶିଶୁ। ଘରଠାରୁ ପ୍ରାୟ ୨୦୦ ମିଟର ଦୂରରେ ମାଟି ଅତଡ଼ା ଓ ପଙ୍କ ମଧ୍ୟରୁ ସେମାନଙ୍କ ମୃତଦେହ ମିଳିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ମୃତକଙ୍କ ପରିବାରକୁ ଜଣକ ପିଛା ୪ ଲକ୍ଷ ଟଙ୍କା ହିସାବରେ ମୋଟ ୧୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଘୋଷଣା କରାଯାଇଛି । କନ୍ଧମାଳ-ଗଞ୍ଜାମ ସୀମାନ୍ତ ଗାଙ୍ଗୁବାଲି ପାହାଡ଼ରେ ବଡ଼ ଭୂସ୍ଖଳନ ଘଟିଛି। ପାହାଡ଼ରୁ ଖସିଥିବା ପଥର ଓ ମାଟି ଅତଡ଼ାରେ ଧୋଇ ହୋଇଯାଇଛି ବାଇବେଲି ଏବଂ ଗିଡ଼ିପାବାଲି ଗାଁ। ଏହି ଦୁଇ ଗ୍ରାମର ୧୩ ଜଣ ଲୋକ ନିଖୋଜ ହୋଇଥିଲେ । ପରେ ସେମାନଙ୍କ ସନ୍ଧାନ ମିଳିଥିବା ଜଣାଯାଇଛି।

ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ, ୬ ମୃତ

ଡେରାଡୁନ,୩୦।୧୦: ଉତ୍ତରାଖଣ୍ଡରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ୬ଜଣଙ୍କ ମୃତ୍ୟୁ ଘଟିଛି । ବଦ୍ରିନାଥରୁ ଡେରାଡୁନ ଫେରୁଥିବା ବେଳେ ଖରାପ ପାଣିପାଗ ଯୋଗୁଁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ପାଇଲଟଙ୍କ ସମେତ ମୋଟ ୬ ଜଣ ଥିଲେ। ସମସ୍ତଙ୍କ ମୃତ୍ୟୁ ହୋଇଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି ।ସୂଚନା ଅନୁସାରେ, ହେଲିକପ୍ଟରଟି ଶୁକ୍ରବାର ଅପରାହ୍ନ ୧ଟା ୧୪ ମିନିଟ୍‌ରେ ବଦ୍ରିନାଥରୁ ଉଡ଼ାଣ ଆରମ୍ଭ କରିଥିଲା । ଏହା ଡେରାଡୁନର ସହସ୍ରଧାରା ହେଲିପ୍ୟାଡ୍ ଅଭିମୁଖେ ଯାଉଥିଲା । ତେବେ ଜୋଶୀମଠ ଉପତ୍ୟକା ଅତିକ୍ରମ କରୁଥିବା ସମୟରେ ହେଲିକପ୍ଟରଟି ଟ୍ରାକିଂ ସିଷ୍ଟମ୍‌ରୁ ସମ୍ପର୍କ ହରାଇଥିଲା । ଅପରାହ୍ନ ୨ଟା ୨୧ ମିନିଟ୍‌ରେ ଜୋଶୀମଠ ଏସ୍‌ଡିଏମ୍‌ଙ୍କଠାରୁ ଏନେଇ ସୂଚନା ପାଇଥିଲା ଜିଲ୍ଲା ପ୍ରଶାସନ । ଜୋଶୀମଠ ଅଞ୍ଚଳର ଚାଇ ଗାଁ ଉପରେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଖବର ମିଳିଥିଲା । ଏସଡିଆରଏଫ୍ ଟିମ ଦୀର୍ଘ ସମୟ ଖୋଜା ଖୋଜି ପରେ ଦୁର୍ଘଟଣା ସ୍ଥଳରେ ପହଞ୍ଚିଥିଲେ ।ହେଲିକପ୍ଟରଟି ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଏଥିରେ ଥିବା ଯାତ୍ରୀ ଓ ପାଇଲଟ୍ ଜୀବନ୍ତ ଦଗ୍ଧ ହୋଇଛନ୍ତି । ମୃତଦେହଗୁଡ଼ିକୁ ଉଦ୍ଧାର କରାଯାଇଛି । ଅକ୍ଟୋବର ୩୦ ତାରିଖ ପାଇଁ ଭାରତୀୟ ପାଣିପାଗ ବିଭାଗ ଚମୋଲି ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିଲା । ପାଗ ଖରାପ ସତ୍ତ୍ୱେ ହେଲିକପ୍ଟରଟି ଯାତ୍ରୀଙ୍କୁ ନେଇ କେଉଁ ପରିସ୍ଥିତିରେ ଉଡ଼ାଣ ଭରିଥିଲା ତାକୁ ନେଇ ସନ୍ଦେହ ବଢ଼ିଛି ।

'ଅର୍ଣ୍ଣବ'ଦେଇଗଲା ଗଜପତି ଓ ଗଞ୍ଜାମରେ ଅସରନ୍ତି ଦୁଃଖ

- ମହେନ୍ଦ୍ରତନୟାର ଜଳସ୍ତର ବୃଦ୍ଧି
- ବର୍ଷା ଓ ନଦୀରେ ଜଳସ୍ତର ଚିନ୍ତାଜନକ, ଜନଜୀବନ ବିପର୍ଯ୍ୟସ୍ତ
- ମୃତଦେହ କାନ୍ଧରେ ବୋହି ନେଲେ
- ବୁଗୁଡ଼ା: ଆଶ୍ରୟସ୍ଥଳୀକୁ ୪୯୦ ଜଣ ସ୍ଥାନାନ୍ତରିତ

ପାରଳାଖେମୁଣ୍ଡି/ବୁଗୁଡ଼ା/ଆସିକା, ୩୦।୧୦(ନିପ୍ର): ଗଂଜାମ ଓ ଗଜପତି ଜିଲ୍ଲାରେ ବାତ୍ୟା ଅର୍ଣ୍ଣବ ଅସରନ୍ତି ଦୁଃଖ ଦେଇଯାଇଛି। ଲୋକଙ୍କୁ ସ୍ୱାଭାବିକ ଜୀବନଧାରାକୁ ଫେରିବାକୁ ଢ଼େର୍ ସମୟ ଲାଗିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନରେ ବହୁ ଗଛ ଉପୁଡ଼ି ପଡ଼ିଥିବା ବେଳେ ଚାଷଜମିରେ ବର୍ଷାଜଳ ମାଡ଼ିଯାଇଛି। ଅନେକ ରାସ୍ତା ଉପରେ ଜଳସ୍ରୋତ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ନଦୀକୂଳିଆ ଗ୍ରାମଗୁଡ଼ିକରେ ଜଳ ପ୍ରବେଶକୁ ନେଇ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ଦେଖାଦେଇଛି। ଗଜପତି ଜିଲ୍ଲା ଗୁମ୍ମା ବ୍ଲକ କୁଜାସିଂ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ନିକଟରେ ମହେନ୍ଦ୍ରତନୟା ନଦୀର ଜଳସ୍ତର ବୃଦ୍ଧି ପାଇ ଗ୍ରାମ ଆଡ଼କୁ ମାଡ଼ିଆସିଛି। ନଦୀର ପ୍ରଖର ସ୍ରୋତ ଯୋଗୁଁ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଗ୍ରାମକୁ ସଂଯୋଗ କରୁଥିବା ଆମ୍ବାଝରି-ଅନ୍ଦରସିଂ ରାସ୍ତା ଉପରେ ପ୍ରାୟ ଦୁଇ ଫୁଟ୍ ଉଚ୍ଚତାରେ ପାଣି ପ୍ରବାହିତ ହେଉଛି। ଫଳରେ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଛି। ନଦୀଜଳ ଗ୍ରାମ ମଧ୍ୟକୁ ପ୍ରବେଶ କରିଥିବାରୁ ଲୋକଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ରାସ୍ତା ଉପରେ ପାଣି ପ୍ରବାହିତ ହେବା ଓ ଗଛ ପଡ଼ିବା ଯୋଗୁଁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ଡୁମ୍ବାଡ଼ା ପଞ୍ଚାୟତର ଅମରସିଂ ଅଞ୍ଚଳରେ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର ଓ ଆବଶ୍ୟକ ସହାୟତା କାର୍ଯ୍ୟ ପାଇଁ ପଦକ୍ଷେପ ନେଇଛି। ବାତ୍ୟା ମୁକାବିଲା ଓ ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଜପତି ଜିଲ୍ଲା ଗସ୍ତ ପୂର୍ବକ ଗୁମ୍ମା ଓ କାଶୀନଗର ବ୍ଲକ୍‌ର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିବା ସହ ମୌଳିକ ସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଲଗାଣ ବର୍ଷା ଯୋଗୁଁ ଗଜପତି ଜିଲ୍ଲାର ଗୋଷାଣୀ ବ୍ଲକରେ ବ୍ୟାପକ ଚାଷଜମି ଜଳମଗ୍ନ ହେବା ସହ ବିଭିନ୍ନ ଗ୍ରାମରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ଗ୍ରାମାଞ୍ଚଳରେ ଜଳ ନିଷ୍କାସନ ସମସ୍ୟା ଯୋଗୁଁ ସ୍ୱାଭାବିକ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଥିବା ନେଇ ଲୋକେ ବିଧାୟକଙ୍କୁ ଅବଗତ କରାଇଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବିଧାୟକ କ୍ଷତିଗ୍ରସ୍ତ ଅଞ୍ଚଳର ବାସ୍ତବ ସ୍ଥିତି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନଜରକୁ ଆଣିବା ସହ ଚାଷୀ ଓ ଜଳବନ୍ଦୀ ପରିବାରଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ଉଦ୍ୟମ କରିବେ ବୋଲି କହିଛନ୍ତି। କ୍ଷତିଗ୍ରସ୍ତ ଚାଷୀ ଓ ଜଳବନ୍ଦୀ ଗ୍ରାମବାସୀଙ୍କୁ ତୁରନ୍ତ ସହାୟତା ମିଳିବା ସହ ସମସ୍ୟାର ସମାଧାନ ହେବ ବୋଲି ପ୍ରଭାବିତ ଅଞ୍ଚଳବାସୀ ଆଶା ରଖିଛନ୍ତି। ବାତ୍ୟା ଅର୍ଣ୍ଣବ ପ୍ରଭାବ ମଧ୍ୟ ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ବ୍ଲକରେ ଦେଖିବାକୁ ମିଳିଛି। ଗତ ୨୮ ତାରିଖ ସନ୍ଧ୍ୟାରୁ ଭୀଷଣ ପବନ ସହ ଧାରାବାହିକ ବର୍ଷା ଲାଗି ରହିଥିଲା। ବାତ୍ୟାକୁ ନେଇ ବୁଗୁଡ଼ା ବିଡିଓ ଦ୍ୟୁତିକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବ୍ଲକ ସ୍ତରୀୟ ଜରୁରୀକାଳୀନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସତର୍କତା ସ୍ୱରୂପ ଆଠ ଗୋଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀକୁ ୪୯୦ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇ ଗରମ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା। ବିଡିଓ ଶ୍ରୀ ପାତ୍ର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ତଦାରଖ କରିବା ସହ ଆଶ୍ରୟସ୍ଥଳୀର ଲୋକଙ୍କ ସହ ଆଲୋଚନା କରିଥିଲେ। ଆସିକା ବ୍ଲକ ଅନ୍ତର୍ଗତ ସିଦ୍ଧନଈ ପଞ୍ଚାୟତର ମହାରାଜାପୁର ଗ୍ରାମର ଜଣେ ପ୍ରାୟ ୬୦ ବର୍ଷୀୟ ବୃଦ୍ଧାଙ୍କର ହୃଦ୍‌ଘାତରେ ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ହୋଇଥିଲା। ତେବେ ଏହି ସମୟରେ ଆସିକା ଅଞ୍ଚଳରେ ପ୍ରବଳ ବନ୍ୟା ଯୋଗୁଁ ଯୋଗାଯୋଗ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିଲା। ଫଳରେ ମୃତଦେହକୁ ଗାଁକୁ ନେବା ସମ୍ଭବ ହୋଇପାରି ନଥିଲା। ଦୁଇ ଦିନ ଧରି ମୃତଦେହ ଗାଁରେ ପହଞ୍ଚି ପାରି ନ ଥିବାବେଳେ ପରିସ୍ଥିତି ସୁଧୁରିବା ପରେ ପରିବାର ଲୋକେ ଏହାକୁ କାନ୍ଧରେ ବୋହି ବନ୍ୟା ଜଳ ମଧ୍ୟରେ ଅତିକ୍ରମ କରି ମହାରାଜାପୁର ଗ୍ରାମକୁ ନେଇଥିଲେ। ମୃତ ବୃଦ୍ଧାଙ୍କ ଡାକ ନାମ ଜାଡ଼ି ବୋଲି କୁହାଯାଇଛି।

ଆଜିଠୁ ଓସିଏସ ପରୀକ୍ଷା, ଚାଲିବ ୭ ତାରିଖ ଯାଏଁ

ବନ୍ୟା ପ୍ରଭାବିତ ଅଞ୍ଚଳ ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର,୩୦।୧୦: ଶନିବାରଠୁ ଆରମ୍ଭ ହେବ ଓଡ଼ିଶା ସିଭିଲ୍ ସର୍ଭିସେସ୍ ମୁଖ୍ୟ ଲିଖିତ ପରୀକ୍ଷା । ଓଡ଼ିଶା ଲୋକସେବା ଆୟୋଗ ବା ଓସିଏସର ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ହେବ । ବାତ୍ୟା ଅର୍ଣ୍ଣବ ପ୍ରଭାବରେ ପୂର୍ବରୁ ପରୀକ୍ଷା ସୂଚୀରେ ପରିବର୍ତ୍ତନ କରାଯାଇଥିଲା। ତେବେ ବନ୍ୟା ପରିସ୍ଥିତି ସତ୍ତ୍ୱେ ପରୀକ୍ଷା ଆଉ ଘୁଞ୍ଚାଯିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଓଡ଼ିଆ ଭାଷା ଏବଂ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଇଂରାଜୀ ଭାଷା ପରୀକ୍ଷା ହେବ। ସେହିପରି ନଭେମ୍ବର ୨ ଓ ୪ ତାରିଖରେ ସାଧାରଣ ଅଧ୍ୟୟନର ବିଭିନ୍ନ ପେପର୍, ନଭେମ୍ବର ୫ରେ ରଚନା ଏବଂ ନଭେମ୍ବର ୭ରେ ଇଚ୍ଛାଧୀନ ବିଷୟର ପରୀକ୍ଷା ଅନୁଷ୍ଠିତ ହେବ । ଅନ୍ୟପଟେ ବାତ୍ୟା ଅର୍ଣ୍ଣବ ପରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ଗଞ୍ଜାମ ସମେତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ତେବେ ପରୀକ୍ଷା ଆଉ ସ୍ଥଗିତ ରଖାଯିବ ନାହିଁ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଥରେ ପରୀକ୍ଷା କ୍ୟାନସଲ୍ କଲେ ପୁନଃ ପରୀକ୍ଷା ଆୟୋଜନ ପାଇଁ ପ୍ରାୟ ୬ ମାସ ସମୟ ଲାଗିପାରେ ବୋଲି ସେ କହିଛନ୍ତି । ବନ୍ୟା ପ୍ରଭାବିତ ଅଞ୍ଚଳର ପରୀକ୍ଷାର୍ଥୀ ଯେପରି ପରୀକ୍ଷାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ସରକାର ବ୍ୟବସ୍ଥା କରୁଛନ୍ତି । ସୂଚନା ଅନୁଯାୟୀ ଗଞ୍ଜାମ ଜିଲ୍ଲାର ପ୍ରାୟ ୩୨୫ ଜଣ ଏବଂ ଅନ୍ୟ ପ୍ରଭାବିତ ଅଞ୍ଚଳର ପ୍ରାୟ ୧୦୦ ଜଣ ପରୀକ୍ଷାର୍ଥୀ ରହିଛନ୍ତି । ସେମାନଙ୍କୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ ସମ୍ପୃକ୍ତ ବିଡିଓମାନଙ୍କୁ ଦାୟିତ୍ୱ ଦିଆଯାଇଛି ।

ଦୀପାବଳି ପାଳନ ତାତ୍ପର୍ଯ୍ୟ

ଆଉ ଦିନ କେଇଟା ପରେ ଆଲୋକର ପର୍ବ ଦୀପାବଳି । ପୁରପଲ୍ଲୀର ପ୍ରତି ପରିବାରରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରି ବଡ଼ବଡୁଆ ଡାକିବା ପରଂପରା ଅନ୍ୟ ଏକ ବିଶେଷତ୍ୱ ରହିଛି । ତେଣୁ ଦୀପାବଳି ଅବ୍ୟବହିତ ପୂର୍ବରୁ ଲୋକମାନେ ଏନେଇ ପ୍ରସ୍ତୁତି ଚଳାଇଛନ୍ତି । ବାଣଫୁଟାଇବା ଓ କ୍ଷତିକାରକ ଝିକମିକ ଲାଇଟ ବ୍ୟବହାର ଉପରେ କଟକଣା ଲାଗୁ କରାଯାଇଛି । ଏଭଳି ସ୍ଥିତିରେ ମାଟି ଦୀପ ଜାଳି ଦୀପାବଳି ପାଳନ କରିବାକୁ ଲୋକମାନେ ସ୍ଥିର କରିଛନ୍ତି । ଏବର୍ଷ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି କୁମ୍ଭାର ପରିବାର ଆଶା ବାନ୍ଧିଛନ୍ତି । ତେବେ ଏ ସବୁକୁ ବାଦ୍ ଦେଲେ ବିଭିନ୍ନ ଧର୍ମରେ ଦୀପାବଳି ପାଳନ କରାଯାଏ ।

ଜୈନ:

ଜୈନ ଅନୁଗାମୀମାନଙ୍କ ପାଇଁ ଏହା ୫୨୭ରେ ମହାବୀର ଙ୍କର ମୋକ୍ଷ ବା ନିର୍ବାଣ ପ୍ରାପ୍ତିର ଦିନ ଭାବରେ ପାଳନ କରାଯାଇଥାଏ । ଜୈନଧର୍ମରେ ଦୀକ୍ଷିତ ବ୍ୟକ୍ତିମାନେ ୨୪ତୀର୍ଥଙ୍କର ମହାବୀରଙ୍କର ନିର୍ବାଣ ଦିବସ ରୂପେ ଏହିଦିବସକୁ ପାଳନ କରିଥା'ନ୍ତି । ଏ ସମ୍ପର୍କରେ ଗୋଟିଏ କାହାଣୀ ରହିଛି । ମହାବୀରଙ୍କର ଯେତେବେଳେ ମହାପ୍ରୟାଣ ଘଟିଲା, ସେତେବେଳେ ତାଙ୍କପାଖରେ ବହୁ ଜୈନ ଧର୍ମାବଲମ୍ବୀ ସନ୍ନ୍ୟାସୀ ଭକ୍ତ ଉପସ୍ଥିତ ହୋଇଥିଲେ । ମହାପ୍ରୟାଣ ପରେ ଏ ପୃଥିବୀ ପାଇଁ କିଏ ଆଉ ଜ୍ଞାନାଲୋକ ଦେବ, ଏହା ହିଁ ସେମାନେ ଚିନ୍ତାକଲେ । ସେମାନେ ସମସ୍ତେ ଏକତ୍ର ହୋଇ ଦୀପାବଳି ଦିନ ମଶାଲ ଜଳାଇ ଦିବ୍ୟଜ୍ଞାନ ସନ୍ଧାନରେ ଯାଇଥିଲେ । ସେହିଦିନରୁ ଦୀପାବଳି ଦିନ ଆଲୋକ ଜାଳିବା ପରମ୍ପରା ଚଳିଆସୁଛି । ଖ୍ରୀଷ୍ଟପୂର୍ବ ୫୨୭ରେ ମହାବୀରଙ୍କୁ ଏହିଦିନରେ ନିର୍ବାଣ ପ୍ରାପ୍ତି ହୋଇଥିଲା । ସେହିଦିନକୁ ସ୍ମରଣକରିବା ପାଇଁ ଜୈନମାନେ ଦୀପାବଳି ପାଳନ କରନ୍ତି । ଏହି ଅବସରରେ ଦୀପ ଜଳାଯାଏ ଏବଂ ମିଷ୍ଟାନ୍ନ ବଣ୍ଟାଯାଏ । ଜୈନ ବ୍ୟବସାୟୀମାନେ ହିସାବଖାତା ଏବଂ ମୁଦ୍ରା ପୂଜାକରନ୍ତି । ସେହିବର୍ଷ ପାଇଁ ହିସାବଖାତା ବନ୍ଦ କରାଯାଏ । ପରବର୍ତ୍ତୀ ଆଠଦିନ କୌଣସି ବ୍ୟବସାୟ କରନ୍ତି ନାହିଁ । ସେମାନେ ଉପବାସ କରନ୍ତି; ଜପତପ କରନ୍ତି । ନବମଦିନରେ ଜୈନ ନବବର୍ଷ ପାଳିତ ହୁଏ । ଜୈନ ଧର୍ମାବଲମ୍ବୀଙ୍କ ଭଗବାନ ମହାବୀରଙ୍କ ନିର୍ବାଣପ୍ରାପ୍ତି ଦିବସ ଓ ଭଗବାନ ମହାବୀରଙ୍କ ଉତ୍ତରାଧ୍ୟାୟନ ସୂତ୍ର- ଶେଷପ୍ରବଚନ ପାଠର ମହାର୍ଘ୍ୟତିଥି ଭାବେ ଉତ୍ସାହର ସହିତ ଦୀପାବଳି ଉତ୍ସବ ପାଳନ କରାଯାଏ ।

ଶିଖ୍

ମୋଗଲ ସମ୍ରାଟ ଔରଙ୍ଗଦେବଙ୍କଦ୍ୱାରା ଶିଖଧର୍ମର ଷଷ୍ଠଗୁରୁ ହରଗୋବିନ୍ଦ ସିଂହ ବନ୍ଦୀହୋଇ କାରାକୋଠରିରେ ଆବଦ୍ଧ ହୋଇଥିଲେ । ଅଗଣିତ ଶିଖ ଧର୍ମାବଲମ୍ବୀଙ୍କ ଦୃଢବିରୋଧ ଯୋଗୁଁ ପରିଶେଷରେ ତାଙ୍କୁ କାରାମୁକ୍ତ କରାଗଲା । ତାଙ୍କୁ ସ୍ୱାଗତକରିବା ପାଇଁ ସେତେବେଳେ ସ୍ୱର୍ଣ୍ଣମନ୍ଦିରକୁ ଦୀପରେ ସଜାଯାଇଥିଲା । ସେ ଏହି ଦୀପାବଳିଦିନ କାରାମୁକ୍ତ ହୋଇ ଥିବାରୁ, ଏହିଦିନଟିକୁ ଅନ୍ଧାରରୁ ଆଲୋକସନ୍ଧାନ ପ୍ରାପ୍ତିର ଦିବସ ରୂପେ ଶିଖ ସମ୍ପ୍ରଦାୟ ପାଳିଆସୁଛନ୍ତି । ପାରମ୍ପରିକ ଭାବେ ଏହିଦିନରେ ଶିଖମାନେ ଗୋଇନ୍ଦୱାଲ୍ ସାହିବ ଗୁରୁଦ୍ୱାରକୁ ତୀର୍ଥକରି ଯାଆନ୍ତି । ଏହିଦିନଟିକୁ ଶିଖମାନଙ୍କ ପାଇଁ ଷଷ୍ଠଧର୍ମଗୁରୁଙ୍କ ସଂସ୍କରଣ ବନ୍ଦୀଛୋଡ଼୍ ଦିବସ ରୂପେ ପାଳନ କରାଯାଏ ।



କର୍ତ୍ତବ୍ୟ ପାଳନ ସର୍ବୋତ୍ତମ ଗୁଣ



ରାମାୟଣ ମହାକାବ୍ୟରେ ଅଯୋଧ୍ୟାର ରାଜକୁମାର ରାମଙ୍କ ଜୀବନ କାହାଣୀ, ତାଙ୍କର ଧର୍ମପାଳନ, ତ୍ୟାଗ, ନ୍ୟାୟ ଓ ଆଦର୍ଶ ଚରିତ୍ରକୁ ଅତ୍ୟନ୍ତ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି । ଏହା କେବଳ ଗୋଟିଏ କାହାଣୀ ନୁହେଁ, ବରଂ ମାନବ ଜୀବନ ପାଇଁ ଗୋଟିଏ ନୀତିମୟ ଦିଗଦର୍ଶନ । ରାମାୟଣରେ ମାନବ ଜୀବନର ଅନେକ ମୂଲ୍ୟବୋଧ ଧର୍ମ, ସତ୍ୟ, ଭକ୍ତି, ସହନଶୀଳତା, ନିଷ୍ଠା ଓ ପରିବାର ପ୍ରେମ ଶିକ୍ଷା ଦିଆଯାଇଛି । ଏହି କାହାଣୀର ନୀତି ଓ ଶିକ୍ଷା ଆଜିର ସମାଜରେ ମଧ୍ୟ ଅତ୍ୟନ୍ତ ଉପଯୋଗୀ। ରାମାୟଣର ପ୍ରଥମ ଓ ସବୁଠୁ ବଡ଼ ନୀତି ହେଉଛି ଧର୍ମ ଓ କର୍ତ୍ତବ୍ୟ ପାଳନ । ରାମ ତାଙ୍କ ପିତା ଦଶରଥଙ୍କ ଆଜ୍ଞା ପାଳନ କରି ୧୪ ବର୍ଷର ବନବାସ ଗ୍ରହଣ କରିଥିଲେ । ସେ ରାଜ୍ୟ, ଧନ-ସମ୍ପତ୍ତି ଓ ସୁଖ-ସୁବିଧାକୁ ଛାଡ଼ି ଧର୍ମ ଓ ପିତୃବଚନକୁ ଅଧିକ ମୂଲ୍ୟ ଦେଇଥିଲେ । ଏଠାରୁ ଆମେ ଶିଖୁଛୁ ଯେ ଜୀବନରେ ନିଜ କର୍ତ୍ତବ୍ୟ ପାଳନ କରିବା ମଣିଷର ସର୍ବୋତ୍ତମ ଗୁଣ । କେତେ ଅସୁବିଧା ଆସୁ ପଛେ, ଯଦି ଆମେ ଧର୍ମ ଓ ସତ୍ୟର ପଥରେ ଚାଲିବା, ଶେଷରେ ଜୟ ଆମର ହୁଏ। ରାମାୟଣ ଭାଇଚାରା ଓ ପରିବାର ପ୍ରେମର ଅତ୍ୟନ୍ତ ସୁନ୍ଦର ଉଦାହରଣ । ଲକ୍ଷ୍ମଣ ତାଙ୍କ ଭାଇ ରାମଙ୍କ ସହ ୧୪ ବର୍ଷ ବନବାସକୁ ଯାଇଥିଲେ । ସେ ରାମଙ୍କ ସେବା କରିବାକୁ ନିଜ ଜୀବନକୁ ସମର୍ପଣ କରିଥିଲେ । ଏହା ସହିତ ଭାରତଙ୍କ ଭକ୍ତି ଓ ପ୍ରେମ ମଧ୍ୟ ଅତ୍ୟନ୍ତ ଅଦ୍ଭୁତ । ସେ ରାମଙ୍କ ସ୍ଥାନରେ ରାଜା ହେବାକୁ ଚାହିଁଲେ ନାହିଁ, ବରଂ ରାମଙ୍କ ପାଦୁକାକୁ ସିଂହାସନରେ ରଖି ରାଜ୍ୟ ଚଳାଇଥିଲେ । ଏହି କାହାଣୀ ଆମକୁ ଶିଖାଏ ଯେ ପରିବାରରେ ପ୍ରେମ, ଭରସା ଓ ସମ୍ମାନ ରହିଲେ ସମସ୍ତ ସମସ୍ୟା ସହଜରେ ସମାଧାନ ହୋଇପାରେ। ରାମାୟଣରେ ସୀତାଙ୍କ ଚରିତ୍ର ନାରୀ ମର୍ଯ୍ୟାଦା, ସତୀତ୍ୱ ଓ ସହନଶୀଳତାର ଉତ୍କୃଷ୍ଟ ଉଦାହରଣ । ରାବଣଙ୍କ ଅଶୋକବାଟିକାରେ ବନ୍ଦୀ ହୋଇଥିଲେ ମଧ୍ୟ ସେ ନିଜ ପତି ପ୍ରତି ନିଷ୍ଠା ଓ ଧର୍ମକୁ ଛାଡ଼ିନଥିଲେ । ସୀତାଙ୍କ ଜୀବନ ଆମକୁ ଶିଖାଏ ଯେ ସତ୍ୟ, ସଂଯମ ଓ ନିଷ୍ଠା ମଣିଷକୁ ମହାନ କରେ । ନାରୀଙ୍କୁ ସମ୍ମାନ କରିବା ଏବଂ ତାଙ୍କର ମର୍ଯ୍ୟାଦା ରକ୍ଷା କରିବା ସମାଜର ପ୍ରତ୍ୟେକ ଲୋକଙ୍କ କର୍ତ୍ତବ୍ୟ ।

ସୁସ୍ଥତାର ମନ୍ତ୍ର

ଥଣ୍ଡା ବଢ଼ିଲେ କେତେକଙ୍କ କ୍ଷେତ୍ରରେ ତଣ୍ଟି ପାଖରେ ଟିକେ ଦରଜ ହେଉଥାଏ। ମୁଣ୍ଡ ଭରା ଭରା ଲାଗେ। ନା ଜ୍ୱର ନାହିଁ। କାଶ ବି ହେଉନି। ଏହି ଭୟ କାରଣରୁ ଅନେକ ଲୋକ ମାନସିକ ଭାବେ ଅସୁସ୍ଥ ହୋଇପଡୁଛନ୍ତି। ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିଗଲେ ଏହା ଶରୀର ପ୍ରତି ମଧ୍ୟ ନକାରାତ୍ମକ ପ୍ରଭାବ ପକାଇବ। ସବୁବେଳେ ଚାପରେ ରହିଲେ ରୋଗ ପ୍ରତିରୋଧକ ଶକ୍ତି କମିଯାଏ ବୋଲି ମଧ୍ୟ ଚିକିତ୍ସା ବିଜ୍ଞାନରେ ଉଲ୍ଲେଖ ରହିଛି। ତେଣୁ ଏଭଳି ପରିସ୍ଥିତିରେ ଆମ ସମସ୍ତଙ୍କୁ ଭୟ ଓ ଚାପମୁକ୍ତ ରହିବାକୁ ହେବ। ଭୟ ଓ ଚାପମୁକ୍ତ ରହିବା ପାଇଁ କହିଦେଲେ ଯେ ଜଣେ ସବୁ ପ୍ରକାର ଭୟ ଓ ଚାପରୁ ନିଜକୁ ମୁକ୍ତ କରିପାରିବ ସେ କଥା ବି ନୁହେଁ। ଚାପମୁକ୍ତ ରହିବା ଏକ ପ୍ରକାର କଳା। ଏହି କଳା ଆମକୁ ଆଜିଠୁ, ଏବେଠୁ ଶିଖିବାକୁ ହେବ। ଯଦି ଆମେ ମାନସିକ ସ୍ତରରେ ସୁସ୍ଥ ରହି ପାରିବା ତେବେ ସର୍ବପ୍ରଥମେ ଆସନ୍ତୁ ଆମେ ଈଶ୍ୱରଙ୍କ ଉପରେ ଭରସା ରଖିବା। ଭୂତାଣୁ ଆକ୍ରମଣୁ ବଞ୍ଚିବାକୁ ହେଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ନିହାତି ଆବଶ୍ୟକ। କିନ୍ତୁ ଆମ ଜୀବନଯାପନର ନାନା ସମସ୍ୟା କାରଣରୁ କ୍ରମଶଃ କମିବାରେ ଲାଗିଛି ମଣିଷର ରୋଗ ପ୍ରତିରୋଧକ କ୍ଷମତା। ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ପାଇଁ କେଉଁ ଅଭ୍ୟାସଗୁଡ଼ିକ ଉପରେ ଜୋର ଦେବା ଆବଶ୍ୟକ ଜାଣନ୍ତୁ। ପାଣି ପିଇବାରେ ଅଳସୁଆମି କରନ୍ତୁ ନାହିଁ। ଶରୀରରେ ଜଳର ପରିମାଣ କମିଗଲେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ କମିଯାଏ। ଶରୀରରେ ଜମା ହୋଇଥିବା ଜୀବାଣୁ, ଭୂତାଣୁ ମୂତ୍ର ସହିତ ବାହାରିଯାଆନ୍ତି। କିନ୍ତୁ ପାଣି ପିଇବା କମିଗଲେ ସେଗୁଡ଼ିକ ଶରୀରରୁ ସହଜରେ ବାହାରି ପାରନ୍ତି ନାହିଁ। ଆଉ ଏକ ଅଭ୍ୟାସ ଉପରେ ଗୁରୁତ୍ୱ ଦେବାକୁ ଭୁଲିବେ ନାହିଁ। ତାହା ହେଉଛି ନିୟମିତ ନିଦ୍ରା। ପ୍ରତିଦିନ ଭିନ୍ନ ଭିନ୍ନ ସମୟରେ ଶୋଇବା ଏବଂ ପର୍ଯ୍ୟାପ୍ତ ମାତ୍ରାରେ ନ ଶୋଇବା ନିଦ୍ରା ଯିବାର ଏହି ଦୁଇଟି ବଦଭ୍ୟାସକୁ ଛାଡ଼ିବାକୁ ହେବ। ଅନିୟମିତ ନିଦ୍ରା ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ନଷ୍ଟ କରେ ବୋଲି ଚିକିତ୍ସକମାନେ କୁହନ୍ତି। ସଠିକ ମାତ୍ରାରେ ନିଦ ନ ହେଲେ ଦୁର୍ବଳ ଅନୁଭବ ହୁଏ। ତେଣୁ ରୋଗ ସହିତ ମୁକାବିଲା କରିବାର କ୍ଷମତା ମଧ୍ୟ ପ୍ରଭାବିତ ହୋଇଥାଏ। ରୋଗ ପ୍ରତିରୋଧକ ଶକ୍ତି କମାଇବାରେ ଧୂମପାନର ଭୂମିକା ସବୁଠୁ ଅଧିକ। ତେଣୁ ଏହି କୁଅଭ୍ୟାସଗୁଡ଼ିକୁ ଆଜି ହିଁ ବିଦାୟ ଜଣାନ୍ତୁ। ଧୂମପାନ କରୁନଥିଲେ ମଧ୍ୟ ଯିଏ ଧୂମପାନ କରିଥିବେ ତାଙ୍କ ସଂସ୍ପର୍ଶରୁ ମଧ୍ୟ ଦୂରେଇ ରହିବାର ଅଭ୍ୟାସ ଗଢ଼ି ତୋଳନ୍ତୁ। ସବୁବେଳେ ଗୋଟିଏ ଜାଗାରେ ବସି ରହିବା ବଦଳରେ ଟିକେ ଚଲାବୁଲା କରିପାରିବେ। ଘର ଭିତରେ ହିଁ ନିଜ କାମ ନିଜେ କରିବାର ଅଭ୍ୟାସ ଆପଣାନ୍ତୁ। ନିଜ ପୋଷାକ ନିଜେ ସଫା କରନ୍ତୁ, ଶୁଖାନ୍ତୁ, ଇସ୍ତ୍ରୀ କରନ୍ତୁ। ଫଳରେ ଲଣ୍ଡ୍ରି ଯିବାର ଅଭ୍ୟାସ କମିବ। ଆଉ ଆପଣ ସେଇ ବାହାନାରେ ଟିକେ କାମ କରିପାରିବେ ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହେବ। ସପ୍ତାହରେ ଥରେ ଘର ଝଡ଼ା, ପୋଛା ଆଦି କରନ୍ତୁ। ଦେଖିବେ ଥକ୍କା ଲାଗିବ ନିଶ୍ଚୟ। କିନ୍ତୁ ଆପଣଙ୍କୁ ଶୋଷ ହେବ। ଭୋକ ବି ଭଲ କରି ଲାଗିବ। କାରଣ ଏସବୁ କାମ କରିବାବେଳେ ଶରୀରରୁ ଝାଳ ତ ବାହାରିବ ନିଶ୍ଚୟ। ଶେଷରେ ରହିଲା ମନକୁ ହାଲୁକା ରଖିବାର ଅଭ୍ୟାସ ସୃଷ୍ଟି କରିବା। ମାନସିକ ଭାବେ ଚାପମୁକ୍ତ ରହିବାର ଅନେକ ଉପାୟ ଅଛି। ଯେଉଁ ଉପାୟଟି ଆପଣଙ୍କ ପାଇଁ ସହଜ ହେଉଛି ସେଇଟିକୁ ବାଛି ନିଅନ୍ତୁ।

ଗାଁରେ ହନୁମାନ ପୂଜା ବର୍ଜିତ

ଭାରତରେ ହନୁମାନଙ୍କୁ କେବଳ ଦେବତା ରୂପେ ପୂଜା କରାଯାଏ ନାହିଁ, ବରଂ ଭାବନା ଓ ବିଶ୍ୱାସର ପ୍ରତୀକ ରୂପେ ବିବେଚନା କରାଯାଏ । ସହର, ବଜାର, ବସ୍ତି, ସୁଦୂର ଗାଁମାନଙ୍କରେ ହନୁମାନ ମନ୍ଦିର ଦେଖିବାକୁ ମିଳେ । କିନ୍ତୁ ଉତ୍ତରାଖଣ୍ଡରେ ଏକ ହିମାଳୟୀ ଗାଁ ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଯେତିକି ପରିଚିତ, ଆଉ ଏକ କାରଣ ପାଇଁ ସେତିକି ଲୋକପ୍ରିୟ । ଏ ଗାଁର ଲୋକେ ହନୁମାନଙ୍କୁ ପୂଜା କରନ୍ତି ନାହିଁ । ଏପରିକି ଗାଁରେ ହନୁମାନଙ୍କର କୌଣସି ମନ୍ଦିର ବି ନାହିଁ । ଏହା ପଛରେ ଖୁବ୍ ରୋଚକ କାରଣ ଅଛି, ଯାହା ରାମାୟଣ ଓ ସଞ୍ଜୀବନୀ ବୁଟି ସହ ଜଡ଼ିତ ଶତାବ୍ଦୀ ପୁରୁଣା ବିଶ୍ୱାସ ଉପରେ ପର୍ଯ୍ୟବସିତ । ଗାଁର ନାଁ ଦ୍ରୋଣଗିରି । ଚମୋଲି ଜିଲ୍ଲାର ସୁଦୂର ପାହାଡ଼ିଆ ଅଞ୍ଚଳ । ସମୁଦ୍ର ପତ୍ତନଠୁ ୩,୬୫୮ ମିଟର ଉଚ୍ଚରେ ଅବସ୍ଥିତ ଦ୍ରୋଣଗିରି ପ୍ରାଚୀନ ପଥର ଘର ଓ ସୁଉଚ୍ଚ ଟ୍ରେକିଂ ମାର୍ଗ ଲାଗି ପରିଚିତ । ପ୍ରାକୃତିକ ପରିଦୃଶ୍ୟ ସମେତ ଭାରତର ଅନାଲୋଚିତ ସାଂସ୍କୃତିକ ଓ ଧାର୍ମିକ ପରମ୍ପରାରେ ରୁଚି ରଖୁଥିବା ବ୍ୟକ୍ତିଙ୍କୁ ଏହି ଗାଁ ଆକର୍ଷଣୀୟ ଭ୍ରମଣ ଅନୁଭବ ପ୍ରଦାନ କରେ । ଦ୍ରୋଣଗିରିରେ ଗୋଟିଏ ବି ହନୁମାନ ମନ୍ଦିର ନ ଥିବା ପଛରେ କିମ୍ବଦନ୍ତୀ କହେ, ଲଙ୍କାରେ ଶ୍ରୀରାମ-ରାବଣ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଯେତେବେଳେ ଲକ୍ଷ୍ମଣ ଆହତ ହେଲେ, ଜୀବନ ପ୍ରଦାନକାରୀ ସଞ୍ଜୀବନୀ ବୁଟି ଖୋଜିବାକୁ ହନୁମାନଙ୍କୁ ହିମାଳୟକୁ ପଠାଗଲା । ହନୁମାନ ହିମାଳୟରେ ପହଞ୍ଚିଲେ କିନ୍ତୁ ସେହି ଔଷଧୀୟ ଗଛକୁ ଚିହ୍ନିପାରିଲେ ନାହିଁ । ତେଣୁ ପୂରା ପର୍ବତକୁ ଉଠାଇ ଲଙ୍କାର ଯୁଦ୍ଧକ୍ଷେତ୍ରକୁ ଆଣିଲେ । କିନ୍ତୁ ଦ୍ରୋଣଗିରି ବାସିନ୍ଦା ଏହି କାହାଣୀକୁ ଭିନ୍ନ ଭାବରେ ଜାଣନ୍ତି । ସ୍ଥାନୀୟ ବିଶ୍ୱାସ ଅନୁସାରେ, ରାମ-ରାବଣ ଯୁଦ୍ଧ କାହାଣୀରେ ଜଡ଼ିତ ଏହି ପର୍ବତ ଦ୍ରୋଣଗିରି ପର୍ବତ ଥିଲା । ଗାଁ ଲୋକେ ଏହାକୁ ପବିତ୍ର ଶୃଙ୍ଗ ଭାବେ ପୂଜା କରୁଥିଲେ । ଗାଁରେ ପ୍ରଚଳିତ କାହାଣୀ ଅନୁସାରେ, ଏହି ପବିତ୍ର ପର୍ବତକୁ ହନୁମାନ ନଷ୍ଟ କରିଥିଲେ କିମ୍ବା ସଞ୍ଜୀବନୀ ବୁଟି ଖୋଜିବା ସମୟରେ ଏହାର ଏକ ଅଂଶକୁ ହଟାଇ ଦେଇଥିଲେ । ସ୍ଥାନୀୟ ଲୋକଙ୍କ ଭାବନା ଓ ଆସ୍ଥାକୁ ଏହା ଆଘାତ ଦେଇଥିଲା । ଏହି କାରଣ ଲାଗି ସେବେଠୁ ଗ୍ରାମବାସୀ ହନୁମାନଙ୍କୁ ପୂଜା କରନ୍ତି ନାହିଁ । ସେଥିପାଇଁ ଗାଁରେ ଗୋଟିଏ ବି ହନୁମାନ ମନ୍ଦିର ନାହିଁ । ଦ୍ରୋଣଗିରି ଭୋଟିୟା ସାଂସ୍କୃତିକ ପରମ୍ପରା ସହ ଜଡ଼ିତ । ଏଠାରେ ଘରଗୁଡ଼ିକ ସ୍ଲେଟ୍ ଛାତ ଓ ପାରମ୍ପରିକ ପଥରଯୁକ୍ତ । ଜୀବିକା ନିର୍ବାହ ଲାଗି ଗାଁ ଲୋକ ଚାଷ ଓ ପଶୁପାଳନ ଉପରେ ନିର୍ଭର କରନ୍ତି ।

ଶ୍ରୀରାମଙ୍କୁ ଦର୍ଶନ

ଶ୍ରୀରାମ ଚରିତ ମାନସରେ ଗୋସ୍ୱାମୀ ତୁଳସୀ ଦାସ ଏକ ଅପୂର୍ବ ପୌରାଣିକ ଘଟଣାକୁ ବେଶ୍ ଚମତ୍କାର ଢଙ୍ଗରେ ବର୍ଣ୍ଣନା କରିଛନ୍ତି । ଭଗବାନ ଶିବ ଏବଂ ଭଗବାନ ବିଷ୍ଣୁ ଏକ ତଥା ଅଭିନ୍ନ । ଦୁହିଁଙ୍କ ମଧ୍ୟରେ ଥିବା ଘନିଷ୍ଠତାକୁ ପ୍ରମାଣିତ କରିବାକୁ ଯାଇ ତୁଳସୀ ଦାସ ଏକ ଘଟଣାର ବର୍ଣ୍ଣନା କରିଛନ୍ତି । ତ୍ରେତୟା ଯୁଗରେ ଭଗବାନ ବିଷ୍ଣୁ ଅଯୋଧ୍ୟାରେ ମାନବ ଅବତାର ନେଇଥିଲେ । ରାଜା ଦଶରଥ ଏବଂ ରାଣୀ କୌଶଲ୍ୟାଙ୍କ ଔରସରୁ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ହେବ। ଏହି ଖବର ପାଇବା ପରେ ଶ୍ରୀରାମଙ୍କ ଦର୍ଶନ ନିମନ୍ତେ ଶିବଙ୍କ ମନରେ ଇଚ୍ଛା ଜାଗ୍ରତ ହେଲା । ପରମଭକ୍ତ କାକଭୁଶୁଣ୍ଡିଙ୍କୁ ସାଥୀରେ ନେଇ ଅଯୋଧ୍ୟା ଯିବାକୁ ମନସ୍ଥ କଲେ ଓ ଜ୍ୟୋତିଷ ରୂପରେ ଅଯୋଧ୍ୟା ନଗରୀରେ ପ୍ରବେଶ କଲେ । ବିଭିନ୍ନ ସ୍ଥାନ ଭ୍ରମଣ କରିବା ପରେ ସେ ଗୋଟିଏ ସ୍ଥାନରେ ସ୍ଥିର ହୋଇ ବସିପଡ଼ିଲେ । ଅନ୍ୟପଟେ ଅଯୋଧ୍ୟାକୁ ଜଣେ ସିଦ୍ଧ ଜ୍ୟୋତିଷ ଆସିଥିବା କାକଭୁଶୁଣ୍ଡି ପ୍ରଚାର କରିଦେଲେ । ଖବର ପାଇ ବହୁଲୋକ ସେହି ସିଦ୍ଧ ଜ୍ୟୋତିଷଙ୍କ ନିକଟକୁ ଆସି ପରାମର୍ଶ ନେଲେ । ଖବର ତୁରନ୍ତ ରାଜମହଲରେ ପହଞ୍ଚିଗଲା । ଜ୍ୟୋତିଷ ରୂପୀ ଶିବ ଏବଂ କାକଭୁଶୁଣ୍ଡିଙ୍କୁ ରାଜମହଲରୁ ନିମନ୍ତ୍ରଣ ଆସିଲା । ରାଜମହଲରେ ପହଞ୍ଚିବା ପରେ ଜ୍ୟୋତିଷଙ୍କୁ ସମ୍ମାନପୂର୍ବକ ବସିବାକୁ କୁହାଗଲା । ଶେଷରେ ମାତା କୌଶଲ୍ୟାଙ୍କ ଗର୍ଭରେ ଶ୍ରୀରାମଙ୍କ ଦର୍ଶନ କରି ଭଗବାନ ଶିବ ଅତ୍ୟନ୍ତ ପ୍ରସନ୍ନ ହେଲେ । ଏହି ସମୟରେ ତାଙ୍କ ମୁଖରୁ ବାହାରିଥିବା ଅମୃତ ଶବ୍ଦକୁ ବର୍ଣ୍ଣନା କରି ତୁଳସୀ ଦାସ ଲେଖିଛନ୍ତି- 'ବ୍ୟାପକ ବ୍ରହ୍ମ ନିରଞ୍ଜନ ନିର୍ଗୁଣ ବିଗତ ବିନୋଦ ।'

ଦିନଲିପି

୩୧ .୧୦. ୨୦୨୬ ଶନିବାର

ପିଏମ୍-କିଷାନରେ ଉପକୃତ ହେଲେ ମାଲକାନଗିରିର ୧୦୦ ଚାଷୀ

ମାଲକାନଗିରି,(ନିପ୍ର): ମାଲକାନଗିରିରେ ପିଏମ୍-କିଷାନ ଉତ୍ସବ ଦିବସ ପାଳନ, କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ ନରସିଂହ ମାଡକାମୀ। ଚାଷୀଙ୍କ ମୁହଁରେ ହସ ଫୁଟାଇବା ସହ କୃଷି କ୍ଷେତ୍ରକୁ ଆର୍ଥିକ ସହାୟତା ଯୋଗାଇବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୨୪ତମ କିସ୍ତି ପ୍ରଦାନ କରାଯାଇଛି। ଏହି ଅବସରରେ ମାଲକାନଗିରି କଲେକ୍ଟୋରେଟ୍ ସ୍ଥିତ ଏଫ୍.ଏଲ୍.ସି. ହଲ୍‌ଠାରେ ପିଏମ୍-କିଷାନ ଉତ୍ସବ ଦିବସ ପାଳନ କରାଯାଇଥିଲା।

ଗୁଜରାଟର ବନସକାଣ୍ଠାରୁ ପ୍ରଧାନମନ୍ତ୍ରୀ ଦେଶର ଯୋଗ୍ୟ ଚାଷୀଙ୍କ ପାଇଁ ପିଏମ୍-କିଷାନ ଯୋଜନାର ୨୪ତମ କିସ୍ତିର ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାର ସିଧାପ୍ରସାରଣ ମାଲକାନଗିରିରେ ଉପସ୍ଥିତ ଚାଷୀମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାର ପ୍ରାୟ ୧୦୦ ଜଣ ପିଏମ୍-କିଷାନ ହିତାଧିକାରୀ ଚାଷୀ ଯୋଗଦେଇଥିଲେ। ମାଲକାନଗିରି ବିଧାୟକ ନରସିଂହ ମାଡକାମୀଙ୍କ ସମେତ ଜିଲ୍ଲାର କୃଷି ବିଭାଗର ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ସରକାରଙ୍କ ଏହି ଯୋଜନା ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇବା ସହ କୃଷି କାର୍ଯ୍ୟରେ ଉତ୍ସାହ ବଢ଼ାଇବ ବୋଲି ଆଶା ପ୍ରକାଶ ପାଇଛି।

ଆଇଆଇଟି ଭୁବନେଶ୍ୱର ପକ୍ଷରୁ ସତର୍କତା ସଚେତନତା

ଜଟଣୀ,(ନିପ୍ର): ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ୨୬ ଅକ୍ଟୋବର ୨୦୨୬ ଠାରୁ 'ସତର୍କତା ସଚେତନତା ସପ୍ତାହ' ପାଳନ କରାଯାଇଛି, ଯାହା ୧ ନଭେମ୍ବର ୨୦୨୬ ରେ ଶେଷ ହେବ। ଦୁର୍ନୀତି ବିରୋଧରେ ସଚେତନତା ବୃଦ୍ଧି, ସ୍ୱଚ୍ଛତା ଏବଂ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଦେଶବ୍ୟାପୀ ଚାଲିଥିବା ଅଭିଯାନର ଅଂଶବିଶେଷ ଭାବରେ ଏହା ଆୟୋଜିତ ହେଉଛି। ଚଳିତ ବର୍ଷର ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ହେଉଛି "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ପ୍ରତିଷ୍ଠାନର ଅଧାପକ ଏବଂ କର୍ମଚାରୀମାନଙ୍କ ପାଇଁ ସନ୍ତୋଷ କୁମାର ସାହୁ, ଡେପୁଟି ରେଜିଷ୍ଟ୍ରାର-ପ୍ରତିଷ୍ଠା ଦ୍ୱାରା ଆଚରଣ ନିୟମ, ସ୍ୱାର୍ଥର ଦ୍ୱନ୍ଦ୍ୱ ଏବଂ ନିବାରଣାତ୍ମକ ସତର୍କତା ଉପରେ ଏକ ସଚେତନତା ଅଧିବେଶନ ମଧ କରାଯାଇଥିଲା। ଓଡ଼ିଶା ହାଇକୋର୍ଟର

ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କ ଦ୍ୱାରା "ସମୃଦ୍ଧି ପାଇଁ ସଚ୍ଚୋଟତା" ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉଦ୍‌ବୋଧନ ଦେଇ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କହିଥିଲେ ଯେ, "ସ୍ୱାଧୀନତା ଓ ସ୍ୱଚ୍ଛତାର ମୂଲ୍ୟ ହେଉଛି ନିରନ୍ତର ସତର୍କତା।ଆଇଆଇଟି ଭୁବନେଶ୍ୱରର ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ଦେଶର ବିକାଶ ପାଇଁ ସତର୍କତା ଏବଂ ସଚ୍ଚୋଟତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ବାତ୍ୟା ପରବର୍ତ୍ତୀ ବିଭିନ୍ନ ବ୍ଲକରେ ପଶୁ ଚିକିତ୍ସା ଶିବିର

ପାରଳାଖେମୁଣ୍ଡି,(ନିପ୍ର): ବାତ୍ୟା ପରବର୍ତ୍ତୀ ସମୟରେ ଗୃହପାଳିତ ପଶୁଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ ଗଜପତି ଜିଲ୍ଲାର ବିଭିନ୍ନ ବ୍ଲକରେ ପଶୁ ଚିକିତ୍ସା ଶିବିର ଆୟୋଜନ କରାଯାଉଛି।ଶିବିରରେ ପଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଆବଶ୍ୟକ ଚିକିତ୍ସା ଓ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଏହାଦ୍ୱାରା ପଶୁଧନର ସୁରକ୍ଷା ସହ ଚାଷୀମାନଙ୍କ ଜୀବିକାକୁ ସୁରକ୍ଷିତ ରଖିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି।

ଦୁର୍ନୀତି ନିବାରଣ ସଚେତନତା

ପୁରୀ,(ନିପ୍ର): ପୁରୀ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ଓ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ସହଯୋଗରେ ଆୟୋଜିତ ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜିଲ୍ଲା ସଂସ୍କୃତି ଭବନ ଠାରେ ପହଞ୍ଚି ଲୋକମାନଙ୍କୁ ଦୁର୍ନୀତି ନିବାରଣ ସଂପର୍କରେ ସଚେତନ କରାଇଥିଲା। ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଓ ଦୁର୍ନୀତି ନିବାରଣ କାର୍ଯ୍ୟାଳୟର ଉପ ଆରକ୍ଷୀ ଅଧୀକ୍ଷକ ସୋମନାଥ ବାରିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉପସ୍ଥିତଙ୍କୁ ସମ୍ବୋଧିତ କରି ବରିଷ୍ଠ ଅଧିକାରୀମାନେ ଦୁର୍ନୀତି ଭଳି ଏକ ସାମାଜିକ ବ୍ୟାଧିର ମୂଳୋତ୍ପାଟନ ପାଇଁ ସଚେତନତା ହିଁ ଏକ ମାତ୍ର ବିକଳ୍ପ ବୋଲି କହିଥିଲେ। ଅଧିକାରୀ ବା କର୍ମଚାରୀ ମାନଙ୍କ ମଧ୍ୟରେ ଥିବା ଲୋଭ,ଅନ୍ୟାୟ ଉପାୟରେ ଅର୍ଥ ଆହରଣ ଓ ହଠାତ ବଡଲୋକ ହେବାର ମାନସିକତାକୁ ପରିହାର କରି ସାଧୁତାର ସହ କାର୍ଯ୍ୟ କଲେ ସମାଜ ଶୃଙ୍ଖଳିତ ଓ ଦୁର୍ନୀତି ମୁକ୍ତ ହୋଇ ପାରିବ ବୋଲି ସେମାନେ କହିଥିଲେ। ଶୋଭାଯାତ୍ରାରେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉପସ୍ଥିତ ଥିଲେ।

ଗୋଟିଏ ୱାର୍ଡରେ ଦୁଇ ଅଙ୍ଗନବାଡ଼ି, ଅବ୍ୟବସ୍ଥା ଘେରରେ ।।।।।। ଶିଶୁଙ୍କ ସୁରକ୍ଷା ନେଇ ପ୍ରଶ୍ନ ।।।।

ଜଟଣୀ,(ନିପ୍ର): ଜଟଣୀ ପୌରପାଳିକା ଅନ୍ତର୍ଗତ ବାଛରା ପାଟଣା ୱାର୍ଡ ନଂ ୧୪-ଏ ଏବଂ ୧୪-ସି ଅଙ୍ଗନବାଡ଼ି କେନ୍ଦ୍ରର ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ଅଭିଭାବକ ଓ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗୋଟିଏ କେନ୍ଦ୍ରରେ ଭିତ୍ତିଭୂମି ଭୁଶୁଡ଼ି ପଡ଼ିଥିବା ବେଳେ ଅନ୍ୟ କେନ୍ଦ୍ର ଦୀର୍ଘ ୧୫ ବର୍ଷ ହେଲା ଭଡ଼ା ଘରେ ଚାଲୁଛି । ବାଛରା ପାଟଣା ୱାର୍ଡ ନଂ ୧୪-ଏ ଅଙ୍ଗନବାଡ଼ି କେନ୍ଦ୍ରର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ବୋଲି ଅଭିଯୋଗ ହୋଇଛି । କେନ୍ଦ୍ରର ମୁଖ୍ୟ ଦ୍ୱାର କବାଟ, ରୋଷେଇ ଘର କବାଟ ଏବଂ ଷ୍ଟୋର ଘର କବାଟ ସବୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଫଳରେ କେନ୍ଦ୍ରରେ ଥିବା ସାମଗ୍ରୀ ଓ ଶିଶୁଙ୍କ ଖାଦ୍ୟ ସୁରକ୍ଷିତ ନାହିଁ । ଏହାଛଡ଼ା କେନ୍ଦ୍ରରେ ପାଣି ଟାଙ୍କି ନାହିଁ । ପାନୀୟ ଜଳ ଏବଂ ରୋଷେଇ କାମ ପାଇଁ କର୍ମଚାରୀଙ୍କୁ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡୁଛି ।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କେନ୍ଦ୍ର ସମ୍ମୁଖରେ ସାମାନ୍ୟ ବର୍ଷା ହେଲେ ହିଁ ପାଣି ଜମି ଯାଉଛି । କୋମଳମତି ଶିଶୁମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ସହିତ କେନ୍ଦ୍ର ସମ୍ମୁଖରେ ବିଦ୍ୟୁତ୍ ତାର ଝୁଲା ଅବସ୍ଥାରେ ରହିଥିବା ଯୋଗୁଁ ଶିଶୁମାନଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ଅଭିଭାବକମାନେ ଆଶଙ୍କା ପ୍ରକାଶ କରିଛନ୍ତି । ସେହିପରି ୧୪-ସି ରେ ଚାଲୁଥିବା ଅଙ୍ଗନବାଡି ଗୃହଟି

୨୦୧୧ ରୁ ଆଜିପର୍ଯ୍ୟନ୍ତ ଭଡ଼ା ଘରେ ଚାଲୁଛି । ସୂଚନା ଅନୁସାରେ, ୨୦୧୧ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ଅଙ୍ଗନବାଡ଼ି କେନ୍ଦ୍ର ବାଛରା ପାଟଣାର ବାପୁଜୀ କ୍ଲବରେ ଚାଲୁଥିଲା । ପରେ ୨୦୨୪ ମସିହାରୁ ଆଜି ପର୍ଯ୍ୟନ୍ତ ଜନୈକ ବ୍ୟକ୍ତିଙ୍କ ଆଜବେଷ୍ଟସ ଘରେ ଭଡ଼ାରେ ଚାଲୁଛି । ସ୍ଥାନୀୟ ଅଞ୍ଚଳରେ ସରକାରଙ୍କ ଶହ ଶହ ଏକର ସରକାରୀ ଜମି ପଡ଼ି ରହିଥିବା ବେଳେ ୧୫ ବର୍ଷ ହେଲା ଅଙ୍ଗନବାଡ଼ି ପାଇଁ ଗୋଟିଏ ନିଜସ୍ୱ ଗୃହ ନିର୍ମାଣ ହୋଇପାରିଲା ନାହିଁ ବୋଲି ଲୋକେ କ୍ଷୋଭର ସହ ପ୍ରଶ୍ନ ଉଠାଇଛନ୍ତି । ଭଡ଼ା ଘରେ ଶିଶୁମାନଙ୍କ ପାଇଁ ଖେଳ ପଡ଼ିଆ, ପରିଷ୍କାର ପାନୀୟ ଜଳ ଓ ଶୌଚାଳୟ ଭଳି ମୌଳିକ ସୁବିଧା ଠିକ୍ ଭାବେ ମିଳୁ ନ ଥିବା ଅଭିଭାବକମାନେ କହିଛନ୍ତି ।ଏ ନେଇ ସ୍ଥାନୀୟ ବାସିନ୍ଦା ଜଟଣୀ ପୌରପାଳିକା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ), ବିଦ୍ୟୁତ୍ ବିଭାଗ,ଆଦିଙ୍କୁ ଦାବୀ ମୁତାବକ ୧୪-ଏ କେନ୍ଦ୍ରର କବାଟ ମରାମତି କରାଯାଉ, ପାଣି ଟାଙ୍କି ବସାଯାଉ, ଜଳ ନିଷ୍କାସନ ଓ ଝୁଲା ତାର ସମସ୍ୟା ଦୂର କରାଯାଉ ଏବଂ ୧୪-ସି କେନ୍ଦ୍ର ପାଇଁ ସରକାରୀ ଜମିରେ ନିଜସ୍ୱ ଗୃହ ନିର୍ମାଣ କରାଯାଉ ବୋଲି ଜଣାଇଥିବା ସାଧାରଣରେ କୁହାଯାଇଛି।

ରୋଗପୋକ, ନିଅଣ୍ଟିଆ ବର୍ଷା ପରେ ଅର୍ଣ୍ଣବ କଷଣ

ତରଭା,(ନିପ୍ର): ଚଳିତ ବର୍ଷ ଚାଷୀ ଚାଷକୁ ନେଇ ସବୁବେଳ ଚିନ୍ତିତ ଥିବାବେଳେ କେତେବେଳ ରୋଗ ପୋକ ତ କେତେବେଳେ ବର୍ଷାର ଅଭାବ ଚିନ୍ତାର କାରଣ ସାଜିଥିଲା। ଏହା ନ ସରୁଣୁ ବାତ୍ୟା ଅର୍ଣ୍ଣବ ଚାଷିଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ ଥିଲା। ଚାଷୀ ପ୍ରାରମ୍ଭରୁ ଧାନ ବୁଣା ତଳି ପକା ସମୟରେ ଅତ୍ୟଧିକ ବର୍ଷା ଯୋଗୁଁ ଫସଲ ନଷ୍ଟ ହୋଇଥିଲା। ପରେ ରୁଆ ବେଉଷଣ ସମୟ ଠୁ ବିଭିନ୍ନ ରୋଗ ପୋକରେ ଘାଣ୍ଟି ହୋଇ କୀଟନାଶକ ଔଷଧ ପ୍ରୟୋଗ କରିକରି ନୟାନ୍ତ ହୋଇପଡିଥିଲା । ତାପରେ ଠିକ୍ ଥୋଡ଼ ଧାନ ବାହାରିବା ସମୟରେ ସେପ୍ଟେମ୍ବର ମାସ ଠାରୁ ନିଅଣ୍ଟିଆ ବର୍ଷା ଲାଗି ରହିଥିଲା । ଏହି ସମୟରେ ଚାଷୀ ମରୁଡି ପରିସ୍ଥିତିରୁ ବଞ୍ଚାଇ ରଖିବା ପାଇଁ ନଦୀ ନାଳ ପୋଖରୀରୁ ପମ୍ପ

ଯୋଗେ ବିଲକୁ ପାଣି ଦେବା ଆରମ୍ଭ କରିଥିଲା। ଠିକ ତାର କିଛି ଦିନ ପରେ ଅକ୍ଟୋବର ମାସ ଶେଷ ଭାଗରେ ଅର୍ଣ୍ଣବର ତାଣ୍ଡବରେ ଲଗାତାର ଦୁଇଦିନ ବର୍ଷା ଜାରି ରହିବା ଯୋଗୁଁ ତଳିଆ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏଠାରେ ସୂଚନାଯୋଗ୍ୟ ଯେ ଅର୍ଣ୍ଣବ ବର୍ଷା କେତେକ ମରୁଡି ଅଞ୍ଚଳରେ ଧାନ ଫସଲ ବଞ୍ଚିବାରେ ଆଶୀର୍ବାଦ ସଦୃଶ ହୋଇଛି। କିନ୍ତୁ ତଳିଆ ଅଞ୍ଚଳରେ ବର୍ଷାର ପ୍ରକୋପ ଓ ପବନ ଯୋଗୁଁ ଠିଆ ଧାନ ଫସଲ ପଡି ପାଣିରେ ଭାସୁଥିବା ଦେଖିବାକୁ ମିଳିଛି। ଏହାର ପ୍ରଭାବରେ କେଉଁଠି ଧାନ ଫସଲ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିବାବେଳେ କେଉଁଠି ନିଅଣ୍ଟିଆ ବର୍ଷା ର ପୂରଣ ହେତୁ ଧାନ ଫସଲ ମରୁଡିରୁ ବଞ୍ଚି ଯାଇଥିବା ଜଣାଯାଇଛି। ସବିଶେଷ ବିବରଣୀ ସଂଗ୍ରହ କରିବା ପାଇଁ ତରଭା ତହସିଲ ସହ ଯୋଗାଯୋଗ କରାଯାଇଥିଲା । କିନ୍ତୁ ତହସିଲଦାରଙ୍କ ଅନୁପସ୍ଥିତିରେ ସଠିକ ଲିଖିତ ତଥ୍ୟ ମିଳିପାରି ନ ଥିଲା । ଦାୟିତ୍ୱରେ ଥିବା ଅଧିକାରୀ ବିଶେଷ କ୍ଷତିଗ୍ରସ୍ତ ହୋଇନଥିବା ମୌଖିକ ଭାବେ କହିଥିଲେ । ଏଠାରେ ସ୍ଥାନୀୟ ତହସିଲଦାର, ବିଡିଓ, କୃଷି ଅଧିକାରୀ ଭଳି ଦାୟିତ୍ୱରେ ଥିବା ପଦସ୍ଥ ଅଧିକାରୀ ସଠିକ କ୍ଷୟକ୍ଷତି ଆକଳନ କରି ପ୍ରକୃତ ହିତାଧିକାରୀ ଚିହ୍ନଟ କରି ତାଙ୍କୁ ପ୍ରାପ୍ୟ ପ୍ରଦାନ ନେଇ ସାଧାରଣରେ ଦାବି ହେଉଛି।

'ନବସୃଜନ ମାଧ୍ୟମରେ ସମସ୍ୟାର ସମାଧାନ ଖୋଜିବେ ଯୁବପିଢ଼ି'

ଝାରସୁଗୁଡ଼ା,(ନିପ୍ର): ଆଧୁନିକ ଜ୍ଞାନକୌଶଳର ଉପଯୋଗ କରି ସାମାଜିକ ସମସ୍ୟାର ଅଭିନବ ସମାଧାନ ବାହାର କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ଓ ସୃଜନଶୀଳତାର ବିକାଶ ଲକ୍ଷ୍ୟରେ ବେଲପାହାଡ଼ ଡିଗ୍ରୀ କଲେଜ ପରିସରରେ ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନର ମେଗା ବୁଟ୍ କ୍ୟାମ୍ପ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚନ୍ଦ୍ରାଣଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ବେଲପାହାଡ଼ ଡିଗ୍ରୀ କଲେଜ ଓ ଆଇଟିସିର ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯୁବପିଢ଼ିଙ୍କୁ ନିଜର ଜ୍ଞାନ, ପ୍ରତିଭା ଓ ନୂତନ ଚିନ୍ତାଧାରାକୁ ସମାଜର ବିକାଶରେ ଉପଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ବର୍ତ୍ତମାନର ବୈଷୟିକ ଯୁଗରେ କୃତ୍ରିମ ବୁଦ୍ଧିମତ୍ତା ଭଳି ଆଧୁନିକ ଜ୍ଞାନକୌଶଳର ସଠିକ୍ ଓ ଉତ୍ପାଦନମୂଳକ ବ୍ୟବହାର ଦ୍ୱାରା ଅନେକ ଜଟିଳ ସମସ୍ୟାର ସମାଧାନ ସମ୍ଭବ। ଏଥିପାଇଁ ଛାତ୍ରଛାତ୍ରୀମାନେ ପାରମ୍ପରିକ ଚିନ୍ତାଧାରାରୁ ବାହାରି ନୂତନ ଉପାୟ ଅନ୍ୱେଷଣ କରିବା ଆବଶ୍ୟକ। ଏଭଳି ଉଦ୍ଭାବନ ଓ ସମାଧାନ ଜିଲ୍ଲା ସମେତ ରାଜ୍ୟ ଓ ଦେଶର ଆର୍ଥିକ ବିକାଶରେ ସହାୟକ ହୋଇପାରିବ ବୋଲି ସେ ମତପ୍ରକାଶ କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ଅରିନ୍ଦମ ପ୍ରଧାନ ଓଡ଼ିଶା

ସେବା ପ୍ରଥମ ନବସୃଜନ ଆହ୍ୱାନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ପ୍ରତିଯୋଗିତାରେ କିପରି ଅଂଶଗ୍ରହଣ କରାଯାଇପାରିବ ଏବଂ ପଞ୍ଜୀକରଣ ପାଇଁ କେଉଁସବୁ ପ୍ରକ୍ରିୟା ଅନୁସରଣ କରିବାକୁ ହେବ, ସେ ସମ୍ପର୍କରେ ସେ ବିସ୍ତୃତ ଭାବେ ବୁଝାଇଥିଲେ।

ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ନିଜର ନୂତନ ଧାରଣା ଉପସ୍ଥାପନ କରିବା ସହ ଅଧିକରୁ ଅଧିକ ଯୁବପ୍ରତିଭା ଏହି ଆହ୍ୱାନରେ ସାମିଲ ହେବାକୁ ସେମାନେ ପରାମର୍ଶ ଦେଇଥିଲେ। ଏହି ନବସୃଜନ ଆହ୍ୱାନରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ସାମିଲ କରାଯାଇଛି। ଏଥିମଧ୍ୟରେ ଶିକ୍ଷା ଓ ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ପରିବେଶ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ଜଳବାୟୁ ପରିବର୍ତ୍ତନ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଉତ୍ପାଦକତା ବୃଦ୍ଧି, ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦିତ ସାମଗ୍ରୀ ଓ ହସ୍ତଶିଳ୍ପର ବଜାର ସଂଯୋଗ, କୃଷି ଏବଂ ଉଦ୍ୟାନ କୃଷି ଆଦି ରହିଛି। ଏହି କ୍ଷେତ୍ରଗୁଡ଼ିକରେ ରହିଥିବା ବାସ୍ତବ ସମସ୍ୟାଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକର ସରଳ, ଉପଯୋଗୀ ଓ ଅଭିନବ ସମାଧାନ ପ୍ରସ୍ତୁତ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଏହି ବୁଟ୍ କ୍ୟାମ୍ପ ଯୁବପିଢ଼ିଙ୍କ ମଧ୍ୟରେ ନବସୃଜନ, ସୃଜନଶୀଳତା, ଉଦ୍ୟୋଗୀ ମନୋଭାବ ଓ ସମସ୍ୟା ସମାଧାନ ଦକ୍ଷତା ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ଭାବେ ବିବେଚିତ ହୋଇଛି। ଛାତ୍ରଛାତ୍ରୀଙ୍କ ନୂତନ ଚିନ୍ତାଧାରାକୁ ବାସ୍ତବ ରୂପ ଦେବା ସହ ସେମାନଙ୍କୁ ଭବିଷ୍ୟତର ଉଦ୍ୟୋଗୀ ଓ ନବସୃଜନକାରୀ ଭାବେ ଗଢ଼ିତୋଳିବା ଦିଗରେ ଏହି ପଦକ୍ଷେପ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି।

ବାତ୍ୟା 'ଅର୍ଣ୍ଣବ' ବର୍ଷାରେ ବ୍ୟାପକ ପନିପରିବା ନଷ୍ଟ, ଚିନ୍ତାରେ ଚାଷୀ

ପିପିଲି,(ନିପ୍ର): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷା ହେବା ଯୋଗୁଁ ବଳଙ୍ଗା ଅଞ୍ଚଳରେ ବ୍ୟାପକ ବିଭିନ୍ନ ପ୍ରକାର କ୍ଷେତର ଫସଲ ନଷ୍ଟ ହୋଇଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଗତ ତିନି ଦିନ ଧରି ତୁହାକୁ ତୁହା ବର୍ଷା ଲାଗିରହିବାରୁ ଅଞ୍ଚଳର ଅନେକ ଫସଲ ବିଲରେ ଜଳମଗ୍ନ ହୋଇପଡ଼ିଛି। ଅର୍ଣ୍ଣବ ଜନିତ ପ୍ରବଳ ବର୍ଷା ଯୋଗୁଁ ଧାନ ଜମିରେ ପାଣି କିଛି ମାତ୍ରାରେ ଜମି ରହିଥିବା ଦେଖିବାକୁ ମିଳିଛି। ସେହିଭଳି ଅନେକ ଖାଲୁଆ ଜମିରେ ଧାନଗଛ ପାଣିରେ ବୁଡ଼ି ରହିଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଲଗାଣ ବର୍ଷା ଯୋଗୁଁ ଗତ ଦୁଇ ଦିନ ଧରି ଜନଜୀବନ ମଧ ପ୍ରଭାବିତ ଭଳି ଦୃଶ୍ୟ ରାସ୍ତା ଘାଟରେ ଦେଖିବାକୁ ମିଳୁ ଅଛି। ଅତ୍ୟଧିକ ବର୍ଷା ଯୋଗୁଁ ପନି ପରିବା

ବିଲରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହେବା ଆଶଙ୍କା ରହିଛି। ସେହିପରି ଗତ ୨୮ ତାରିଖ ସନ୍ଧ୍ୟାରୁରୁ ତୁହାକୁ ତୁହା ପବନ ଓ ବର୍ଷା ହେବାରୁ ଯାହାକି ଚାଷୀ ଚିନ୍ତିତ ହୋଇ ପଡିଛନ୍ତି। ପିପିଲି ଓ ବଳଙ୍ଗା ଅଞ୍ଚଳର ସହ ସହ ଚାଷୀ ତାର ଭେଣ୍ଡି, ପୋଟଳ, ଝୁଡ଼ଙ୍ଗ, ବାଇଗଣ ଭଳି ଅନେକ ଫସଲ ପାଣି ଲାଗି ନଷ୍ଟ ହୋଇଚାଲିଛି। ତେଣୁ ଏ ଦିଗରେ ଜିଲ୍ଲା କୃଷି ଅଧିକାରୀ ଅଞ୍ଚଳ ପରିଦର୍ଶନ କରି ଚାଷୀ ମାନଙ୍କୁ କ୍ଷତି ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

୧.୬୨ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୩୨.୫୦ କୋଟିରୁ ଅଧିକ ଟଙ୍କାର ଆର୍ଥିକ ସହାୟତା

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲାରେ ଜିଲ୍ଲାସ୍ତରୀୟ ପିଏମ୍-କିଷାନ ଉତ୍ସବ ଦିବସ ଜିଲ୍ଲା ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍-କିଷାନ ଯୋଜନାର ୨୪ତମ କିସ୍ତିର ଅର୍ଥରାଶି ପ୍ରଦାନ ସମ୍ପର୍କିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ପ୍ରଦର୍ଶିତ ହୋଇଥିଲା। ପିଏମ୍-କିଷାନ ଯୋଜନାର ୨୪ତମ କିସ୍ତି ଅଧୀନରେ ଭଦ୍ରକ ଜିଲ୍ଲାର ମୋଟ ୧,୬୨,୫୨୪ ଜଣ ଚାଷୀଙ୍କୁ ପ୍ରତ୍ୟେକଙ୍କ ନିମନ୍ତେ ୨,୦୦୦ ଟଙ୍କା ହିସାବରେ ସର୍ବମୋଟ ୩୨ କୋଟି ୫୦ ଲକ୍ଷ ୪୮ ହଜାର ଟଙ୍କାର ଆର୍ଥିକ ସହାୟତା। ସିଧାସଳଖ ଡିବିଟି ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ

ଖାତାକୁ ପ୍ରଦାନ କରାଯାଇଛି। ଏହି ଅର୍ଥରାଶି ଚାଷୀମାନଙ୍କୁ ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ସାମଗ୍ରୀ କ୍ରୟ ସହିତ କୃଷି ସମ୍ବନ୍ଧୀୟ ଆବଶ୍ୟକତା ପୂରଣରେ ସହାୟକ ହେବ।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଶୁଭେନ୍ଦ୍ର ସାମଲ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶଶୀଭୂଷଣ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସଞ୍ଜୟ କୁମାର, ଜିଲ୍ଲା କୃଷି ଅଧିକାରୀ ପ୍ରୀତିରେଖା ମହାଲିକ ଓ ଯୋଜନା ଅଧିକାରିଣୀ ମୈଥିଳୀ ମିନର୍ଭା ଗିରି ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ କୃଷି ବିଭାଗର ବିଭିନ୍ନ ଅଧିକାରୀ, କର୍ମଚାରୀ ଓ ବହୁ ଚାଷୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ପିଏମ୍-କିଷାନ ଯୋଜନାର ଉଦ୍ଦେଶ୍ୟ, ଚାଷୀଙ୍କ ଆର୍ଥିକ ସଶକ୍ତୀକରଣରେ ଏହାର ଭୂମିକା ଏବଂ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଚାଷୀଙ୍କ କଲ୍ୟାଣ ଓ କୃଷି କ୍ଷେତ୍ରର ସାମଗ୍ରିକ ବିକାଶ ଦିଗରେ ପିଏମ୍-କିଷାନ ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ନିଃଶୁଳ୍କ ଚିକିତ୍ସା ଶିବିର

ପୁରୀ,(ନିପ୍ର): ହବିଷ୍ୟାଳି ମା ମାନଙ୍କ ଚିକିତ୍ସା ସୁବିଧା ପାଇଁ ଓଡିଶା ଆୟୁର୍ବେଦ ବିକାଶ ପରିଷଦ ତରଫରୁ ମୋଚି ସାହି କଲ୍ୟାଣ ମଣ୍ଡପ ଠାରେ ଏକ ଶିବିର ଆୟୋଜନ କରାଯାଇଛି ।ଏହା ଏକ ମାସ ଧରି କାର୍ଯ୍ୟକ୍ଷମ ରହିବ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ହବିଷ୍ୟାଳୀ ମାଆମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ଏକ ଷ୍ଟଲ ମାଧ୍ୟମରେ ଏହା କାର୍ଯ୍ୟକାରୀ ହେଉଛି। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଓ ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ । ଓଡିଶା ଆୟୁର୍ବେଦ ବିକାଶ ପରିଷଦର ସାଧାରଣ ସମ୍ପାଦକ ପ୍ରଫେସର ଡା କୈଳାସ ଭୂଷଣ ମହାପାତ୍ର ଶିବିର ପରିଚାଳନା କରୁଛନ୍ତି। ପ୍ରାକ୍ତନ ସାଧାରଣ ସମ୍ପାଦକ ପ୍ରଫେସର ଡା ନାରାୟଣ ମହାନ୍ତି, ଉପ ସଭାପତି ପ୍ରଫେସର ଡା ଦେବପ୍ରସାଦ ଦାଶ,ସହ ସମ୍ପାଦକ ଡା ଅଶୋକ କୁମାର ରଥ,କୋଷାଧ୍ୟକ୍ଷ ଡା ଇନ୍ଦିରା ନରେନ୍ଦ୍ରଙ୍କ ସମେତ ଡା ନୀଳମଣି ସ୍ୱାଇଁ,ଡା ପ୍ରଦ୍ୟୁମ୍ନ କୁମାର ବଡପଣ୍ଡା ଆଦି ସଭ୍ୟମାନେ ଉପସ୍ଥିତ ଥିଲେ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଗୁଣପୁରର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ବିକାଶ ନେଇ ନିବେଦନ

ରାୟଗଡ଼ା,(ନିପ୍ର): ରାୟଗଡା ଜିଲ୍ଲାର ବିଭିନ୍ନ ସ୍ଥାନ ତଥା କୋଣ ଅନୁକୋଣରେ ଅବହେଳିତ ଅବସ୍ଥାରେ ରହିଥିବା କୀର୍ତ୍ତିରାଜିର ପୁନରୁଦ୍ଧାର, ବିକାଶ ଓ ରାକ୍ଷଣାବେକ୍ଷଣ ପାଇଁ ନିବେଦନ କରି ନବ ନିର୍ମାଣ ସମିତିର ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଏହି ମର୍ମରେ ଏକ ସ୍ମାରକ ପତ୍ର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କୁ ପ୍ରଦାନ କରି ଜିଲ୍ଲାର ପୁରାତନ ପର୍ଯ୍ୟଟନ ସ୍ଥଳୀର ସାମଗ୍ରିକ ବିକାଶ ପାଇଁ ଅନୁରୋଧ କରିଥିଲେ।

ଏଥିରେ ଉଲ୍ଲେଖ କରାଯାଇଛି ଯେ ରାୟଗଡା ଜିଲ୍ଲାର ଗୁଣପୁର, ଚନ୍ଦ୍ରପୁର, ଗୁଡ଼ାରୀ, ପଦ୍ମପୁର ଓ ଆମ୍ବଦଳା ଠାରେ ଅନେକ ରାଜନଗର ପୁରାତନ ମନ୍ଦିର ଓ ବୌଦ୍ଧ, ଜୈନ କଳାକୃତିର ନିଦର୍ଶନ ମିଳେ। ଏହି ଆଞ୍ଚଳରେ ପ୍ରାଚୀନ ନଳ, ମଠର, ଓ ଗଙ୍ଗ-କଦମ୍ବ, ଗଜପତି ଓ ନନ୍ଦପୁର ବଂଶର ରାଜାମାନେ ଶାସନ କରିଥିଲେ । ଏହି ଅଂଚଳ ପ୍ରାଚୀନ କଳିଙ୍ଗର ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଥିଲା। ଏଠାରେ ଅନେକ ତାଂବ୍ର ଶାସନ, ଭଗ୍ନ ଦୁର୍ଗ, ଶିଳାଲେଖର ଖୋଜ ମିଳିଛି। ଏହାସହ ପର୍ଯ୍ୟଟନର ବିକାଶ ପାଇଁ ପର୍ଯ୍ୟାପ୍ତ କ୍ଷେତ୍ର ଅଛି। ଅତଏବ ଗୁଣପୁର ନବ ନିର୍ମାଣ ସମିତିର ସଦସ୍ୟଗଣ ଆପଣଙ୍କୁ ନିମ୍ନ ସୂଚିତ ପର୍ଯ୍ୟଟନ କ୍ଷେତ୍ର ଗୁଡିକର

ବିକାଶ ନିମନ୍ତେ ଅବଗତ କରାଇବାକୁ ଚାହୁଁଛୁ। ଏସବୁ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ। ଗୁଣପୁର ସହରରେ ପ୍ରାୟ ୧୬୦୦ ଶତାବ୍ଦୀରୁ ପ୍ରତିଷ୍ଠିତ ଏକ ପୁରାତନ ଶ୍ରୀଜଗନ୍ନାଥ ମନ୍ଦିର ରହିଛି । ଯାହାକି ଦେବୋତ୍ତର ବିଭାଗ ଦାୟିତ୍ୱରେ ରହିଅଛି। ଉକ୍ତ ମନ୍ଦିର ଜରାଜୀର୍ଣ୍ଣ ହେବା କାରଣରୁ ଶ୍ରୀ ଜଗନ୍ନାଥ ମନ୍ଦିର ଉନ୍ନୟନ ପରିଷଦ ନାମରେ ୧୯୮୭ ମସିହାରେ ଏକ ପରିଷଦ ଗଠନ କରାଯାଇ ୧୯୯୬ ମସିହାରେ ସହର ବାସିନ୍ଦାଙ୍କ ସାହାଯ୍ୟରେ ଉକ୍ତ ମନ୍ଦିରର ଜୀର୍ଣ୍ଣ ଉଦ୍ଧାର କରାଯାଇ ପୂଜ୍ୟ ଜଗତଗୁରୁ ଶଙ୍କରାଚାର୍ଯ୍ୟ ମହାରାଜ ଓ ସମ୍ମାନୀୟ ଗଜପତି ମହାରାଜଙ୍କ ଉପସ୍ଥିତିରେ ଏହାର ପ୍ରତିଷ୍ଠା କରାଗଲା। କିନ୍ତୁ ଏହାପରେ ସୀମିତ ସରକାରୀ ଅନୁଦାନ ହେତୁ ଏଯାଏଁ ଏହା ଅସମ୍ପୂର୍ଣ୍ଣ ହୋଇ ରହିଛି। ସ୍ଥାନୀୟ ଅଞ୍ଚଳର ଏହା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହୋଇଥିଲେ ମଧ ଏହାର ବିକାଶ ହୋଇପାରିନାହିଁ। ଏଣୁ ଏହାର ବିହିତ ପଦକ୍ଷେପ ସ୍ୱରୂପ ଏକ ବିସ୍ତୃତ ଡିପିଆର କରି ପ୍ରମୁଖ ପର୍ଯ୍ୟଟନସ୍ଥଳୀର ସାମଗ୍ରିକ ବିକାଶ କରାଯାଉ।

ସେହିଭଳି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଥର କାରୁକାର୍ଯ୍ୟ ଭରା ସାନ ଜଗନ୍ନାଥ ମନ୍ଦିର ପଡିରହିଛି। ଏହାର ମଧ୍ୟ ପୁନଉଦ୍ଧାର ସହ ଏସଆଇକୁ ହସ୍ତାନ୍ତର ଆବଶ୍ୟକ। ଅଞ୍ଚଳବାସୀଙ୍କ ପ୍ରମୁଖ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ସେଫାଳୀ ପାହାଡ ଉପରର ଶିବ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଛି। ଗଙ୍ଗ ବଂଶର ରାଜା ଗୁଣାର୍ଣ୍ଣବ ଶାସନ କାଳରେ ରହିଥିବା ପର୍ବତମାଳାର ମନ୍ଦିରର ସର୍ବାଙ୍ଗୀନ ଉନତି ପାଇଁ ଅର୍ଥ ମଞ୍ଜୁର କରାଯାଉ।

ଗୁଣପୁର ବ୍ଲକ ଭୀମପୁର ପଞ୍ଚାୟତର ମାଛଡିଆଁ ଜଳପ୍ରପାତ ଯେଉଁଠାରେ ସ୍ୱୟଂ ଭୀମଶଙ୍କର ଶିବ ମହାଦେବ ବିରାଜମାନ ଏହି ସ୍ଥଳ ନିମନ୍ତେ ସାଧାରଣ ଜନତାଙ୍କ ଆସ୍ଥା ଅତୁଟ ଅଟେ। ଯାହା ବହୁବର୍ଷ ଧରି ଗୁଣପୁରବାସୀଙ୍କ ଦାବି ଏହି ଦିଗରେ ଆପଣଙ୍କ ବିହିତ ପଦକ୍ଷେପ ଆବଶ୍ୟକ।

ଆନ୍ଧ୍ର-ଓଡ଼ିଶା ସୀମାନ୍ତବର୍ତ୍ତୀ ଗୁଣପୁର ବ୍ଲକର ସିରିଝୋଲି ଗ୍ରାମର ନାଳ ତଟରେ ରହିଛି ଜୟପୁର ରାଜାଙ୍କ ଦ୍ୱାରା ନିର୍ମିତ ଶ୍ରୀଗୋପୀନାଥ ଜିଉ ରାଧାକୃଷ୍ଣ ମନ୍ଦିର। ଏଠାରେ ବର୍ଷସାରା ଭକ୍ତଙ୍କ ଭିଡ ଜମେ। କିନ୍ତୁ ସରକାରୀ ଅନୁଦାନ ନ ଥିବା କାରଣରୁ ଗ୍ରାମବାସୀଙ୍କ ଦ୍ୱାରା ଏଠାର ବିକାଶ ଚାଲୁଛି। ଏ ଦିଗରେ ମଧ ପଦକ୍ଷେପ ନିଆଯିବା ଆବଶ୍ୟକ।

ମହେନ୍ଦ୍ରାଞ୍ଚଳ ପାର୍ବତ୍ୟ ଅଞ୍ଚଳରେ, ପର୍ବତାରୋହଣ ସୁବିଧା, ନଦନଦୀର ସୁରକ୍ଷା ନିର୍ଦ୍ଦିଷ୍ଟ ଭାବେ ବଂଶଧରା, ନାଗବଳୀ ଓ ମହେନ୍ଦ୍ର ତନୟା ନଦୀରେ ନଦୀଭିତ୍ତିକ ପର୍ଯ୍ୟଟନ ଯୋଜନା କାର୍ଯ୍ୟକ୍ରମ ଆରମ୍ଭ କରାଯାଉ।

ପଦ୍ମପୁର ଜଗାମୁଣ୍ଡା ପାହାଡ ବୌଦ୍ଧକୀର୍ତ୍ତିର ବିକାଶ ଆବଶ୍ୟକ। ଏହାସହ ଏହି ବ୍ଲକର ବଡନାଳ ଜଳସେଚନ ପ୍ରକଳ୍ପ ଭିତରେ ଅତି ସୁନ୍ଦର ମନଲୋଭା ପରିବେଶ ରହିଛି। ବର୍ଷସାରା ଏଠାକୁ ପର୍ଯ୍ୟଟକ ଆସନ୍ତି। କିନ୍ତୁ କୌଣସି ସୁବିଧା ଏଠିନାହିଁ। ଏଣୁ ଏଠାରେ ପାନୀୟ ଜଳ, ରହିବା ସୁବିଧା ଓ ବଣଭୋଜି କରିବା ଭଳି ସୁବିଧା, ଭିୟୁ ଟାୱାର ନିର୍ମାଣ ଇତ୍ୟାଦି ଦିଗରେ ପଦକ୍ଷେପ ନେବା ଜରୁରୀ ଅଟେ।

ଗୁଡାରି ବ୍ଲକ ଅଧୀନସ୍ଥ ଏମକେ ରାଇ ପଞ୍ଚାୟତର ରାସଗୁମି ନଦୀ କୂଳରେ ଶିବଙ୍କ ମନ୍ଦିର ନ ଥାଇ ମଧ ସେଠାରେ ଶିବଙ୍କୁ ପୂଜା କରନ୍ତି। ଏଠି ପର୍ଯ୍ୟଟକଙ୍କ ଭିଡ ଜମେ ହେଲେ ସୁବିଧା କିଛି ନ ଥିବା କାରଣରୁ ପର୍ଯ୍ୟଟକ ହଇରାଣ ହୁଅନ୍ତି । ଏଣୁ ଏ ଦିଗରେ ବିହୀତ ପଦକ୍ଷେପ ଜରୁରୀ।

ରାମନାଗୁଡା ବ୍ଲକ ଅଧୀନସ୍ଥ ପେଣକାମ ପଞ୍ଚାୟତର ଗଦଗଦା ଜଳ ପ୍ରପାତ ସ୍ଥିତ ଶିବ ଲିଙ୍ଗ ଚନ୍ଦ୍ରପୁର ବ୍ଲକର ମୀନାଝୁଲା ତ୍ରିବେଣୀ ସଙ୍ଗମର ଉନ୍ନତି ବିଧାନ କରାଯାଉ। ବିକାଶର ତ୍ୱରାନ୍ୱିତ ପ୍ରକ୍ରିୟା ଜରୁରୀ ଅଟେ ବୋଲି ସଭାପତି ଅକ୍ଷୟ ଦାସ ଶ୍ରୀମତୀ ପରିଡାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

CMYK

ତିଥି :(ଷଷ୍ଠୀ): (ଆର୍ଦ୍ରା ମିଥୁନ)
ଅମୃତ ବେଳା: ଦିବା ଘ ୬।୩୯ ମଧ୍ୟେ ଘ୭।୨୭ ଗତେ

ଆଜିର ଅନୁଚିନ୍ତନ

ସମସ୍ତ କର୍ମ ଓ ପଦାର୍ଥ, ଜ୍ଞାନ(ତତ୍ତ୍ୱ ଜ୍ଞାନ)ରେ ଲୀନ ହୋଇଯାଏ।।
- ଶ୍ରୀମଦ୍ ଭଗବଦ୍ ଗୀତା

ଇସ୍ରାଏଲ ଯିବ କାହା ହାତକୁ ?

ଗତ ଅକ୍ଟୋବର ୨୭ରେ ଇସ୍ରାଏଲର ସଂସଦୀୟ ନିର୍ବାଚନ ସମ୍ପନ୍ନ ହୋଇଥିଲେ ବି କୌଣସି ପକ୍ଷ ମ୍ୟାଜିକ ସଂଖ୍ୟା ୬୧ ପାଇନଥିବାରୁ ୧୨୦ ଆସନ ବିଶିଷ୍ଟ ଦେଶର ପାର୍ଲାମେଣ୍ଟ 'ନାସେଟ'ରେ କିଏ ହେବେ ଶାସକ ଦଳ ତାହା ସ୍ପଷ୍ଟ ହୋଇନାହିଁ। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଦକ୍ଷିଣପନ୍ଥୀ ମେଣ୍ଟକୁ ୫୩ ଆସନ ମିଳିଥିବା ବେଳେ ବିରୋଧୀ ମେଣ୍ଟର ମୁଖ୍ୟ ତଥା ପୂର୍ବତନ ଆଇଡିଏଫ୍ ମୁଖ୍ୟ ଗାଡ଼ି ଆଇଜେନକୋଟଙ୍କୁ ୪୮ ଓ ଆରବ-ନେତୃତ୍ୱ ଆଧାରିତ ଦଳଗୁଡ଼ିକୁ ୧୯ ଆସନ ହାସଲ ହୋଇଛି। ପ୍ରାଥମିକ ଭାବରେ ଏହା ଜଣାପଡ଼ିଥିଲେ ହେଁ ଯେତେଦୂର ସମ୍ଭବ ଆନୁଷ୍ଠାନିକ ଭାବରେ ଫଳାଫଳ ଘୋଷିତ ହେବ ନଭେମ୍ବର ୪ରେ।

ଇସ୍ରାଏଲର ବିଶେଷ କରି ଯେଉଁସବୁ ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢାଯାଇଥିଲା ତାହା ମଧ୍ୟରେ କିଛି ପ୍ରସଙ୍ଗ ସଂକ୍ଷେପରେ ଉପସ୍ଥାପିତ କରାଯାଇପାରେ। ପ୍ରଥମଟି ହେଉଛି ହମାସ୍ ନେତୃତ୍ୱ ଇସ୍ରାଏଲରେ ନରସଂହାର ଘଟାଇବାବେଳେ ଦେଶରେ ସୁରକ୍ଷା ତଥା ନେତୃତ୍ୱର ଉତ୍ତରଦାୟୀ କିଏ ହେବେ ? ଆଇଡିଏଫ୍ ବା ଇସ୍ରାଏଲ ଡିଫେନସ ଫୋର୍ସରେ ବର୍ତ୍ତମାନ ମାନବ ସମ୍ବଳର ଅଭାବ। ଏ ଦିଗ ପ୍ରତି କେତେ ଧ୍ୟାନ ଦିଆଯିବ ? ପୁଣି ସାମରିକ ସେବା ଅଲଟ୍ରା ଅର୍ଥୋଡୋକସମାନଙ୍କୁ ଛାଡ଼ କରିବା ପାଇଁ ବଢୁ ଥିବା ଚାପର ଅବସାନ ହେଉ। ଅନ୍ୟ ଦୁଇଟି ପ୍ରସଙ୍ଗ ହେଉଛି ନ୍ୟାୟିକ ସଂସ୍କାର ଓ ଆଞ୍ଚଳିକ ସୁରକ୍ଷା।

ଯଦି ନେତାନ୍ୟାହୁଙ୍କ ଲିକୁଡ ପାର୍ଟିରେ ବିରୋଧୀ ଗୋଷ୍ଠୀରୁ ଯେଉଁ ପକ୍ଷ ବି ଯୋଗ ଦିଅନ୍ତୁ ନା କାହିଁକି ସରକାର ଗଠନ ହୋଇପାରିବ। କିନ୍ତୁ ବିରୋଧୀ ଆଇଜେନ୍‌କୋଟଙ୍କ ମେଣ୍ଟ ନେତାନ୍ୟାହୁଙ୍କ ସହ ମେଣ୍ଟ କରିବାକୁ ନାରାଜ। ଯଦି ନେତାନ୍ୟାହୁ ସରକାର ଗଠନ ଲାଗି ପ୍ରସ୍ତାବ ରଖନ୍ତି ସେଥିରେ ଆରବ ଦଳଗୁଡ଼ିକ କେତେଦୂର ସହାୟକ ହେବେ ତାହା ଅଦ୍ୟାବଧି ଅସ୍ପଷ୍ଟ। ଏପରି ବି ହୋଇପାରେ ଆଇଜେନକୋଟଙ୍କ ମେଣ୍ଟ ଆରବ ଦଳଗୁଡ଼ିକରୁ ବାହାରୁ ସମର୍ଥନ ଆଣି ସରକାର ଗଠନ କରିପାରନ୍ତି। ଯଦି ମେଣ୍ଟ ନ ହୁଏ ଦେଶରେ ପୁଣି ନିର୍ବାଚନ ହୋଇପାରେ।

ଯଦି ମେଣ୍ଟ ହୁଏ ତେବେ ଆମେରିକା-ଇସ୍ରାଏଲ ସୁରକ୍ଷା ସହାୟତା ରାଜିନାମା ୨୦୨୮ ପର୍ଯ୍ୟନ୍ତ ବଳବତ୍ତର ରହୁଥିବାରୁ ଯିଏ ବି ପରବର୍ତ୍ତୀ ସରକାର ଗଢନ୍ତୁ ନା କାହିଁକି ତାଙ୍କ ପାଇଁ ଏ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ ରହିବ। ଇସ୍ରାଏଲର ଆଗାମୀ ସରକାର ଆମେରିକା-ଇସ୍ରାଏଲ ସୁରକ୍ଷା ସହଯୋଗ ଦ୍ୱାରା ପ୍ରଭାବିତ ହେବା ଥୟ। କେବଳ ସେତିକି ନୁହେଁ, ଇରାନ ଓ ପାଲେଷ୍ଟାଇନଙ୍କ ପ୍ରସଙ୍ଗ ନେଇ ହେବାକୁ ଥିବା ନୂଆ ସରକାରଙ୍କ ନୀତି କ'ଣ ହେବ ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ତାହାଛଡ଼ା ଭବିଷ୍ୟତ ସୁରକ୍ଷା ସହାୟତା ନେଇ ବୁଝାମଣା, ଆଞ୍ଚଳିକ କୂଟନୀତି ପ୍ରଭୃତି ନୂଆ ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ତେବେ ନେତାନ୍ୟାହୁ ଅଭିଜ୍ଞ ତଥା ପ୍ରଭାବୀ ଥିବା ଦୃଷ୍ଟିରୁ ସେ କୌଣସି ପ୍ରକାର ସମର୍ଥନ ସଂଗ୍ରହ କରିବା ସମ୍ଭାବନା ଅଧିକ ରହୁଥିବା ପରି ଜଣାପଡୁଛି।

ଜାତୀୟ ସଂହତି ଓ ରାଷ୍ଟ୍ରୀୟ ଏକତା ଦିବସର ମହତ୍ତ୍ୱ

ହାଦିଆ ପରବିନ୍

ପ୍ରତିବର୍ଷ ଅକ୍ଟୋବର ୩୧ ରେ, ଆମ ଦେଶ ଭାରତ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରିଥାଏ, ଯାହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସ ଅଟେ। ଏହି ମହାନ ନେତାଙ୍କ ଦୂରଦୃଷ୍ଟି ଓ ଦୃଢ ସଂକଳ୍ପ ଏକୀକୃତ ଭାରତର ପାଇଁ ଭିତ୍ତି ପ୍ରଦାନ କରିଥିଲା ।(ଭାରତର ଲୌହ ପୁରୁଷ) ଭାବେ ପରିଚିତ, ପଟେଲଙ୍କ ବଳିଷ୍ଠ ନେତୃତ୍ୱ ଦ୍ୱାରା ୫୬୦ରୁ ଅଧିକ ଦେଶୀୟ ରାଜ୍ୟ ଭାରତରେ ସମ୍ମିଳିତ ହେଲେ ଏବଂ ଆମଦେଶ ଏକ ସ୍ୱାଧୀନ ଓ ଏକତା ସମ୍ପନ୍ନ ରାଷ୍ଟ୍ରରେ ପରିଣତ ହେଲା ।ତେଣୁ ରାଷ୍ଟ୍ରୀୟ ଏକତା ଦିବସ କେବଳ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ନୁହେଁ, ବରଂ ଏହା ଭାରତର "ବିବିଧତାରେ ଏକତା" ର ସଂକଳ୍ପର ପୁନରୁଚ୍ଚାରଣ ଅଟେ।

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବାବେଳେ ଦେଶରେ ୫୬୦ରୁ ଅଧିକ ଦେଶୀୟ ରାଜ୍ୟ ରହିଥିଲା ଓ ପ୍ରତ୍ୟେକର ନିଜସ୍ୱ ଶାସନ ବ୍ୟବସ୍ଥା ଥିଲା। ସର୍ଦ୍ଦାର ପଟେଲ ସେହି ସମସ୍ତ ରାଜ୍ୟ ଗୁଡ଼ିକୁ ଭାରତୀୟ ସଂଘରେ ଏକତାବଦ୍ଧ କରିବାର ଏକ ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ହାତକୁ ନେଇଥିଲେ। ନିର୍ଭୀକ ନେତୃତ୍ୱ ଓ ଦୃଢ ସଂକଳ୍ପ ଦ୍ୱାରା ସେ ଏହି କାର୍ଯ୍ୟରେ ସଫଳ ହୋଇଥିଲେ। ସେ ହାଇଦ୍ରାବାଦ, ଜୁନାଗଡ଼ ଓ ଜମ୍ମୁ-କାଶ୍ମୀର ପରି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ଭାରତରେ ଏକତ୍ର

କରି ଭାରତର ଭୂଭାଗୀୟ ଅଖଣ୍ଡତା ସୁନିଶ୍ଚିତ କରିଥିଲେ। ସେ କହିଥିଲେ ଏକତା ବିନା ମାନବ ଶକ୍ତି କୌଣସି ଶକ୍ତି ନୁହେଁ; ଏକତା ହେଲେ ତାହା ଆଧ୍ୟାତ୍ମିକ ଶକ୍ତିରେ ପରିଣତ ହୁଏ।

ସର୍ଦ୍ଦାର ପଟେଲଙ୍କ ଅବଦାନ ଓ ସ୍ମୃତିକୁ ଉଦ୍‌ଜୀବିତ ରଖିବା ପାଇଁ ସର୍ଦ୍ଦାର ପଟେଲଙ୍କ ଜନ୍ମଦିନରେ ୨୦୧୪ ମସିହାରୁ ଭାରତ ସରକାରଙ୍କ ଦ୍ୱାରା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଆରମ୍ଭ କରାଯାଇଥିଲା ।ଏହାର ଉଦ୍ଦେଶ୍ୟ ଥିଲା ପଟେଲଙ୍କ "ଏକ ଭାରତ, ଶ୍ରେଷ୍ଠ ଭାରତ " ଦୃଷ୍ଟିକୋଣକୁ ସ୍ମରଣ କରି ତାହାର ପାଳନ କରିବା। ଏହି ଦିନ, ସମଗ୍ର ଦେଶରେ ସାଂସ୍କୃତିକ କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ ପ୍ରତିଜ୍ଞା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ମୁଖ୍ୟ ଆୟୋଜନ ଗୁଡିକ ଗୁଜରାଟ ସ୍ଥିତ ୧୮୨ ମିଟର ଉଚ୍ଚ ଓ ସର୍ଦ୍ଦାର ପଟେଲଙ୍କ ସ୍ମୃତିରେ ନିର୍ମିତ ଏକତା ମୂର୍ତ୍ତି ଠାରେ ଅନୁଷ୍ଠିତ ହୁଏ ।ଏହା ଭାରତର ଶକ୍ତି, ସାହସ ଓ ଏକୀକୃତ ଆତ୍ମାର ପ୍ରତୀକ।

> **ବର୍ତ୍ତମାନ ଆମଦେଶ ଭାରତ ଯେପରି ଆଞ୍ଚଳିକ ବୈଷମ୍ୟ, ସାମାଜିକ ଭେଦଭାବ ଓ ବିଚାରଧାରାର ଦ୍ୱନ୍ଦ୍ୱର ଭଳି ଆହ୍ୱାନଗୁଡିକର ସାମ୍ନା କରୁଛି ତାହା ପାଇଁ ରାଷ୍ଟ୍ରୀୟ ଏକତା ଦିବସର ଆବଶ୍ୟକତା ଅଧିକ ହୋଇପଡ଼ିଛି। ପ୍ରତିବର୍ଷ ପାଳନ ହେଉଥିବା ଏହି ଉତ୍ସବ ଏକ ଜାଗରଣ ସନ୍ଦେଶ ଦେଇଥାଏ ତାହା ହେଲା ଭାରତ ବିଶାଳ ଓ ବିବିଧ ହୋଇଥିଲେ ମଧ୍ୟ**

ସର୍ଦ୍ଦାର ପଟେଲଙ୍କ ରାଜନୈତିକ ବୁଦ୍ଧିମତା ଓ ଦୂରଦୃଷ୍ଟି ଆଜି ମଧ୍ୟ ସମାନ ଗୁରୁତ୍ୱ ବହନ କରେ। ସେ କହିଥିଲେ — "ସତ୍ୟ ଓ ନ୍ୟାୟର ପଥକୁ ଅନୁସରଣ କର, କାରଣ ସେହିପଥ ସମସ୍ତଙ୍କ ପାଇଁ ଉଚିତ ପଥ।" ରାଷ୍ଟ୍ରୀୟ ଏକତା ଦିବସ ଆମକୁ ସାମ୍ପ୍ରଦାୟିକ ସହିଷ୍ଣୁତା, ସାମାଜିକ ସମ୍ମାନ ଓ ଏକତା ଭଳି ମୂଲ୍ୟବୋଧ ଗୁଡ଼ିକୁ ସ୍ମରଣ କରାଇଥାଏ।

ବର୍ତ୍ତମାନ ଆମଦେଶ ଭାରତ ଯେପରି ଆଞ୍ଚଳିକ ବୈଷମ୍ୟ, ସାମାଜିକ ଭେଦଭାବ ଓ ବିଚାରଧାରାର ଦ୍ୱନ୍ଦ୍ୱର ଭଳି ଆହ୍ୱାନଗୁଡିକର ସାମ୍ନା କରୁଛି ତାହା ପାଇଁ ରାଷ୍ଟ୍ରୀୟ ଏକତା ଦିବସର ଆବଶ୍ୟକତା ଅଧିକ ହୋଇପଡ଼ିଛି। ପ୍ରତିବର୍ଷ ପାଳନ ହେଉଥିବା ଏହି ଉତ୍ସବ ଏକ ଜାଗରଣ ସନ୍ଦେଶ ଦେଇଥାଏ ତାହା ହେଲା ଭାରତ ବିଶାଳ ଓ ବିବିଧ ହୋଇଥିଲେ ମଧ୍ୟ ଏହାର ଆତ୍ମା ହେଉଛି ଏକ। ପଟେଲଙ୍କ ଶବ୍ଦରେ —"ମୋର ଏକମାତ୍ର ଆଶା ହେଉଛି ଭାରତ ଉତ୍ପାଦନଶୀଳ ହେଉ, ଯେପରି ଏହି ଦେଶରେ ଖାଦ୍ୟ ପାଇଁ କାହାରି ଲୁହ ନ ବହୁ ।"

ରାଷ୍ଟ୍ରୀୟ ଏକତା ଦିବସ କେବଳ ସ୍ମୃତିର ଦିନ ନୁହେଁ — ଏହା ଏକତାର ଶକ୍ତିର ସ୍ମରଣ ଅଟେ। ଏହା ଭାରତୀୟ ସଂବିଧାନର ମୂଲ୍ୟବୋଧ, ଧର୍ମନିରପେକ୍ଷତା ଓ ଏକତାର ଆତ୍ମାକୁ ପ୍ରତିଫଳିତ କରେ। ସର୍ଦ୍ଦାର ପଟେଲଙ୍କ ଉଚ୍ଚାରିତ ଶବ୍ଦ ଆଜି ମଧ୍ୟ ପ୍ରାସଙ୍ଗିକ ତାହା ହେଲା "କାମ ହେଉଛି ପୂଜା, ଶ୍ରମ ହେଉଛି ଦେବତା, ଯିଏ ନିଜ କାମକୁ ନିଷ୍ଠାର ସହିତ କରେ ସେ ସଦା ଶାନ୍ତି ଓ ସୁଖୀ ହୁଏ।" ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତି ଭାରତର ଆତ୍ମାରେ ଜୀବନ୍ତ – ପ୍ରତିବର୍ଷ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଏହି ଆତ୍ମାକୁ ପୁନର୍ଜୀବିତ କରେ ଓ ନିଶ୍ଚିତ କରେ ଯେ ଭାରତ ସର୍ବଦା ଏକତାର ସୂତ୍ରରେ ବାନ୍ଧି ହୋଇ ରହି ଏକ ସଶକ୍ତ ଓ ସମୃଦ୍ଧିଶାଳୀ ରାଷ୍ଟ୍ର ହୋଇ ରହିବ।

ଇସଲାମିକ୍ ସ୍କଲାର

ପ୍ରକୃତିର ରୁଦ୍ରରୂପ ଆଗରେ ମଣିଷ ଅସହାୟ

ସୌଭାଗ୍ୟ ରଞ୍ଜନ ମହାନ୍ତି

> **"ଗଞ୍ଜାମ ଓ ଗଜପତିର ଏହି ଦୁର୍ଦ୍ଦିନରେ ସମଗ୍ର ଓଡ଼ିଶା ଏକାଠି ହେବାର ସମୟ ଆସିଛି। ଜିଲ୍ଲାର ସୀମା ମଣିଷର ଦୁଃଖକୁ ଭାଗ କରିପାରେ ନାହିଁ। ମାଲକାନଗିରିର ଲୋକ ହୁଅନ୍ତୁ କି ଗଞ୍ଜାମର, ଗଜପତିର ପାହାଡ଼ିଆ ଗାଁ ହେଉ କି ସମୁଦ୍ରକୂଳର ବସତି, ପ୍ରତ୍ୟେକ ଓଡ଼ିଆଙ୍କ ଜୀବନ ସମାନ ମୂଲ୍ୟବାନ। ଆଜି ଆବଶ୍ୟକ ଦୋଷାରୋପ ନୁହେଁ, ସମନ୍ୱୟ; ରାଜନୈତିକ ବାକ୍ ଯୁଦ୍ଧ ନୁହେଁ, ମାନବିକତା; ଘୋଷଣା ନୁହେଁ, ଘରେ ଘରେ ସହାୟତା। ସରକାରଙ୍କ ପାଇଁ ଏହା ନେତୃତ୍ୱର ପରୀକ୍ଷା, ପ୍ରଶାସନ ପାଇଁ ଏହା କର୍ତ୍ତବ୍ୟର ପରୀକ୍ଷା ଏବଂ ସମାଜ ପାଇଁ ଏହା ମାନବିକତାର ପରୀକ୍ଷା।**

ଆକାଶରୁ ଯେତେବେଳେ ବର୍ଷା ଝରେ, ମଣିଷ ମନରେ ଆଶା ଜାଗେ। ଚାଷୀ ଭାବେ ତା'ର ଶୁଖିଲା ଜମିରେ ସବୁଜିମା ଫେରିବ, ନଦୀ ଭାବେ ତା'ର ଶୁଷ୍କ ଶଯ୍ୟାରେ ପୁଣି ଜଳଧାରା ବହିବ ଏବଂ ପ୍ରକୃତି ଭାବେ ତା'ର ଶୋଷ ମେଣ୍ଟିବ। କିନ୍ତୁ ସେହି ବର୍ଷା ଯେତେବେଳେ ସୀମା ଅତିକ୍ରମ କରେ, ଆଶୀର୍ବାଦ ଅଭିଶାପରେ ପରିଣତ ହୁଏ। ଆଜି ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଓ ଗଜପତିରେ ଠିକ୍ ସେହି ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳୁଛି। ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଅବିରତ ବର୍ଷା, ଉଚ୍ଛୁଳା ନଦୀ, ଭାଙ୍ଗିଯାଇଥିବା ରାସ୍ତା, ଜଳମଗ୍ନ ଗାଁ, ଘର ଭିତରେ ପଶିଥିବା ବନ୍ୟାଜଳ ଏବଂ ନିଜ ଘରଦ୍ୱାର ଛାଡ଼ି ସୁରକ୍ଷିତ ଆଶ୍ରୟ ଖୋଜୁଥିବା ହଜାର ହଜାର ମଣିଷଙ୍କ ଦୁର୍ଦ୍ଦଶା ଆଜି ସମଗ୍ର ଓଡ଼ିଶାକୁ ବ୍ୟଥିତ କରିଛି। ଯେଉଁ ଗଞ୍ଜାମ ମାଟି ଅନେକ ଐତିହାସିକ ଝଡ଼ଝଞ୍ଜାକୁ ସାହସର ସହିତ ସାମ୍ନା କରିଛି, ଯେଉଁ ମାଟିର ଲୋକଙ୍କ ଜୀବନରେ ସଂଘର୍ଷ ଓ ସାହସ ଏକାକାର ହୋଇଛି। ସେହି ଗଞ୍ଜାମ ଆଜି ପ୍ରକୃତିର ଭୟଙ୍କର ରୂପ ସହିତ ଲଢୁଛି।

ପାଣିପାଗର ପୂର୍ବାନୁମାନକୁ ଆଧାର କରି ରାଜ୍ୟ ପ୍ରଶାସନ ମାଲକାନଗିରି ସମେତ ଦକ୍ଷିଣ ଓଡ଼ିଶାର ଅନେକ ଜିଲ୍ଲାକୁ ସତର୍କ ରଖିଥିଲା। ମନ୍ତ୍ରୀ, ଅଧିକାରୀ, ଉଦ୍ଧାରକାରୀ ଦଳ ଏବଂ ଜିଲ୍ଲା ପ୍ରଶାସନ ସମ୍ଭାବ୍ୟ ବିପଦକୁ ଆଖିରେ ରଖି ପ୍ରସ୍ତୁତ ରହିଥିଲେ। କିନ୍ତୁ ପ୍ରକୃତିର ଗତିପଥ ଏପରି ବଦଳିଲା ଯେ ମାଲକାନଗିରିକୁ ନେଇ ଚିନ୍ତା ମଧ୍ୟରେ ଗଞ୍ଜାମ ଓ ଗଜପତି ଉପରେ ବିପଦର ସବୁଠାରୁ ଭୟଙ୍କର ଛାୟା ଘନେଇଗଲା। ପାତ୍ରପୁରରେ ୨୪ ଘଣ୍ଟା ମଧ୍ୟରେ ୫୪୬ ମିଲିମିଟର ବର୍ଷା ରେକର୍ଡ ହେବା କେବଳ ଏକ ପାଣିପାଗ ସଂଖ୍ୟା ନୁହେଁ, ଏହା ପ୍ରକୃତିର ଅସାଧାରଣ ତୀବ୍ରତାର ଏକ ଭୟାବହ ସଙ୍କେତ। ସୋରଡ଼ା, ସାନଖେମୁଣ୍ଡି, ଚିକିଟି, ରଙ୍ଗେଇଲୁଣ୍ଡା, ଦିଗପହଣ୍ଡି ଓ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଅତ୍ୟଧିକ ବର୍ଷା ଜନଜୀବନକୁ ବିପର୍ଯ୍ୟସ୍ତ କରିଛି। ଏହି ବର୍ଷାକୁ ଗତ ୩୫ ବର୍ଷ ମଧ୍ୟରେ ରାଜ୍ୟର ସର୍ବାଧିକ ଦୈନିକ ବର୍ଷା ଘଟଣା ମଧ୍ୟରୁ ଅନ୍ୟତମ ବୋଲି ରିପୋର୍ଟ କରାଯାଇଛି। ତେଣୁ ଏହାକୁ ଅତିରଞ୍ଜିତ ଭାବେ ନବେ ବର୍ଷର ରେକର୍ଡ କହିବା ଅପେକ୍ଷା ଏହାର ପ୍ରକୃତ ଭୟାବହତାକୁ ବୁଝିବା ଆବଶ୍ୟକ। ଗଞ୍ଜାମରେ ପ୍ରାୟ ୪୨ ହଜାର ୫୦୦ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ଗଜପତିରେ ମଧ୍ୟ ହଜାର ହଜାର ଲୋକଙ୍କ ଜୀବନ ପ୍ରଭାବିତ ହୋଇଛି। ଅନେକ ଗାଁ ଜଳବନ୍ଦୀ ହୋଇଛି। ନଦୀର ଜଳସ୍ତର ବିପଦସଙ୍କେତ ଅତିକ୍ରମ କରିବା ଫଳରେ ନଦୀକୂଳିଆ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଋଷିକୁଲ୍ୟା ନଦୀର ଜଳସ୍ତର ପୁରୁଷୋତ୍ତମପୁର ନିକଟରେ ବିପଦସଙ୍କେତ ଠାରୁ ଉପରକୁ ଉଠିବା ଏକ ଗମ୍ଭୀର ସତର୍କ ସଙ୍କେତ। ଗଜପତିରେ ବଂଶଧାରା ଓ ମହେନ୍ଦ୍ରତନୟା ନଦୀର ଉଚ୍ଛୁଳା ଜଳ ନିମ୍ନାଞ୍ଚଳର ଗାଁଗୁଡ଼ିକୁ ଆତଙ୍କିତ କରିଛି। ମୋହନା ଅଞ୍ଚଳରେ ଜାତୀୟ ରାଜପଥ ୩୨୬ର ପ୍ରାୟ ୩୦୦ ମିଟର ରାସ୍ତା ଧୋଇଯିବା କେବଳ ଯାତାୟାତର ବାଧା ନୁହେଁ, ଏହା ଦୁଇ ଜିଲ୍ଲା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ମଧ୍ୟ ଗୁରୁତର ଭାବେ ପ୍ରଭାବିତ କରିଛି। ରାସ୍ତା ଭାଙ୍ଗିଯାଇଛି, ପୋଲ ଉପରେ ପାଣି ଚାଲୁଛି, କେତେକ ସ୍ଥାନରେ ଭୂସ୍ଖଳନ ଘଟିଛି। ଏପରି ସମୟରେ ଜଣେ ରୋଗୀଙ୍କୁ ଡାକ୍ତରଖାନା ନେବା, ଜଣେ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ପହଞ୍ଚାଇବା କିମ୍ବା ଜଣେ ବୃଦ୍ଧଙ୍କୁ ଉଦ୍ଧାର କରିବା କେତେ କଷ୍ଟକର, ତାହା କେବଳ ବିପନ୍ନ ପରିବାର ହିଁ ଅନୁଭବ କରିପାରିବେ।

ଏହି ବିପତ୍ତି ମଧ୍ୟରେ ରାଜ୍ୟ ସରକାରଙ୍କ ସତର୍କତା ଓ ପ୍ରଶାସନର କ୍ଷେତ୍ରସ୍ତରୀୟ କାର୍ଯ୍ୟ ଗୁରୁତ୍ୱ ବହନ କରୁଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ଭାବ୍ୟ ବାତ୍ୟା ଓ ଅତିବୃଷ୍ଟି ପରିସ୍ଥିତିର ସମୀକ୍ଷା କରି ସମସ୍ତ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ଏନଡିଆରଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀକୁ ମୁତୟନ କରାଯାଇଛି। ମନ୍ତ୍ରୀ ଓ ଅଧିକାରୀମାନେ କ୍ଷେତ୍ରରେ ରହି

ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି। ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତଳସ୍ତରର କର୍ମଚାରୀ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏହା ପରୀକ୍ଷାର ସମୟ। କେବଳ ସଚିବାଳୟରେ ବୈଠକ କରିବା ଯଥେଷ୍ଟ ନୁହେଁ; ବନ୍ୟାଜଳ ଘେରରେ ଥିବା ଗାଁରେ ପ୍ରଶାସନର ଉପସ୍ଥିତି ହିଁ ଲୋକଙ୍କୁ ସାହସ ଦେଇପାରିବ। ଏଠାରେ ସରକାରଙ୍କ ପ୍ରଶଂସା କେବଳ ଘୋଷଣା ପାଇଁ ନୁହେଁ, ବରଂ ବିପନ୍ନଙ୍କ ନିକଟରେ ସହାୟତା ପହଞ୍ଚାଇବାର ଦୃଶ୍ୟମାନ ପରିଣାମ ପାଇଁ ହେବା ଉଚିତ। ଉଦ୍ଧାରକାରୀ ଦଳର ଜଣେ ଯବାନ ଯେତେବେଳେ ଛାତିଏ ପାଣିରେ ପଶି ଜଣେ ଶିଶୁକୁ କୋଳରେ ଧରି ସୁରକ୍ଷିତ ସ୍ଥାନକୁ ଆଣନ୍ତି, ସେତେବେଳେ ସେ କେବଳ ନିଜ କର୍ତ୍ତବ୍ୟ କରୁନାହାନ୍ତି, ସେ ମାନବିକତାର ଶ୍ରେଷ୍ଠ ପରିଚୟ ଦେଉଛନ୍ତି। ଜଣେ ଅଗ୍ନିଶମ କର୍ମଚାରୀ ନିଜ ଜୀବନକୁ ବିପଦରେ ପକାଇ ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରୁଥିବା ଦୃଶ୍ୟ ଆମକୁ ମନେ ପକାଇଦିଏ ଯେ ବିପତ୍ତି ସମୟରେ ମଣିଷ ହିଁ ମଣିଷର ସବୁଠାରୁ ବଡ଼ ଆଶ୍ରୟ। ଆଜି ଗଞ୍ଜାମର ଲୋକଙ୍କୁ କେବଳ ଆଶ୍ୱାସନା ନୁହେଁ, ଖାଦ୍ୟ, ପାନୀୟ ଜଳ, ଔଷଧ, ଶିଶୁ ଖାଦ୍ୟ, ଆଶ୍ରୟ ଓ ନିରାପଦ ଯାତାୟାତ ଆବଶ୍ୟକ। ଯେଉଁ ଘରର ଚୁଲିରେ ତିନି ଦିନ ହେଲା ନିଆଁ ଜଳିନାହିଁ, ସେହି ଘର ପାଇଁ ରିଲିଫ୍‌ର ଗୋଟିଏ ପ୍ୟାକେଟ୍ ମଧ୍ୟ ଜୀବନର ଆଶା। ଯେଉଁ ଚାଷୀଙ୍କ ଧାନକ୍ଷେତ ପାଣିରେ ବୁଡ଼ିଯାଇଛି, ତାଙ୍କ ପାଇଁ ଏହା କେବଳ ଫସଲ ନଷ୍ଟ ନୁହେଁ, ମାସ ମାସର ପରିଶ୍ରମ ଓ ପରିବାରର ଆଗାମୀ ଦିନର ସ୍ୱପ୍ନ ଭାସିଯିବାର ଯନ୍ତ୍ରଣା। ତେଣୁ ତୁରନ୍ତ କ୍ଷୟକ୍ଷତି ଆକଳନ, କୃଷକଙ୍କୁ ସହାୟତା, ଘରଭଙ୍ଗା ପରିବାରକୁ ଆର୍ଥିକ ସମର୍ଥନ ଓ ରାସ୍ତାଘାଟର ଶୀଘ୍ର ପୁନରୁଦ୍ଧାର ଅତ୍ୟନ୍ତ ଜରୁରୀ। ଏହି ବିପତ୍ତି ଆମକୁ ଆଉ ଏକ ବଡ଼ ଶିକ୍ଷା ଦେଉଛି। ବିପର୍ଯ୍ୟୟ ପରିଚାଳନା କେବଳ ବାତ୍ୟା ଆସିବା ପୂର୍ବରୁ ପ୍ରସ୍ତୁତିରେ ସୀମିତ ରହିପାରିବ ନାହିଁ। ଅତିବୃଷ୍ଟି, ଆକସ୍ମିକ ବନ୍ୟା, ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ, ନଦୀବନ୍ଧର ସୁରକ୍ଷା ଓ ଗ୍ରାମାଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ନେଇ ଦୀର୍ଘକାଳୀନ ଯୋଜନା ଆବଶ୍ୟକ। ଯେଉଁ ରାସ୍ତା ପ୍ରବଳ ବର୍ଷାରେ ଧୋଇଯାଏ, ଯେଉଁ ପୋଲ ନଦୀର ଚାପ ସହିପାରେ ନାହିଁ ଏବଂ ଯେଉଁ ଗାଁ ପ୍ରତିବର୍ଷ ଜଳବନ୍ଦୀ ହୁଏ, ସେଗୁଡ଼ିକର ସ୍ଥାୟୀ ସମାଧାନ ଖୋଜିବାକୁ ପଡ଼ିବ।

ଆଗୁଆ ସତର୍କ ସୂଚନା ଗାଁର ଶେଷ ପରିବାର ପର୍ଯ୍ୟନ୍ତ ପହଞ୍ଚିବା ଦରକାର। ନଦୀର ଜଳସ୍ତର ବୃଦ୍ଧି ସମ୍ପର୍କରେ ଲୋକଙ୍କୁ ସମୟୋଚିତ ସୂଚନା ଦେବା, ବିପଦପୂର୍ଣ୍ଣ ସ୍ଥାନରେ ଯାତାୟାତ ବନ୍ଦ କରିବା ଏବଂ ଉଦ୍ଧାରକାରୀଙ୍କ ପାଇଁ ଆବଶ୍ୟକ ସାଧନ ରଖିବା ଅପରିହାର୍ଯ୍ୟ। ଜନସାଧାରଣ ମଧ୍ୟ ଗୁଜବରେ ବିଶ୍ୱାସ ନ କରି ପ୍ରଶାସନର ସୂଚନା ମାନିବା ଉଚିତ। ବନ୍ୟାଜଳ ଭିତରକୁ ଯିବା, ଭଙ୍ଗା ପୋଲ ଅତିକ୍ରମ କରିବା କିମ୍ବା ବିଦ୍ୟୁତ୍ ତାର ନିକଟକୁ ଯିବା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ। ଗଞ୍ଜାମ ଓ ଗଜପତିର ଏହି ଦୁର୍ଦ୍ଦିନରେ ସମଗ୍ର ଓଡ଼ିଶା ଏକାଠି ହେବାର ସମୟ ଆସିଛି। ଜିଲ୍ଲାର ସୀମା ମଣିଷର ଦୁଃଖକୁ ଭାଗ କରିପାରେ ନାହିଁ। ମାଲକାନଗିରିର ଲୋକ ହୁଅନ୍ତୁ କି ଗଞ୍ଜାମର, ଗଜପତିର ପାହାଡ଼ିଆ ଗାଁ ହେଉ କି ସମୁଦ୍ରକୂଳର ବସତି, ପ୍ରତ୍ୟେକ ଓଡ଼ିଆଙ୍କ ଜୀବନ ସମାନ ମୂଲ୍ୟବାନ। ଆଜି ଆବଶ୍ୟକ ଦୋଷାରୋପ ନୁହେଁ, ସମନ୍ୱୟ; ରାଜନୈତିକ ବାକ୍ ଯୁଦ୍ଧ ନୁହେଁ, ମାନବିକତା; ଘୋଷଣା ନୁହେଁ, ଘରେ ଘରେ ସହାୟତା। ସରକାରଙ୍କ ପାଇଁ ଏହା ନେତୃତ୍ୱର ପରୀକ୍ଷା, ପ୍ରଶାସନ ପାଇଁ ଏହା କର୍ତ୍ତବ୍ୟର ପରୀକ୍ଷା ଏବଂ ସମାଜ ପାଇଁ ଏହା ମାନବିକତାର ପରୀକ୍ଷା। ବନ୍ୟାର ଜଳ ଦିନେ ନା ଦିନେ ହ୍ରାସ ପାଇବ, ନଦୀ ପୁଣି ନିଜ ସ୍ୱାଭାବିକ ଗତିରେ ବହିବ, ଭାଙ୍ଗିଥିବା ରାସ୍ତା ମରାମତି ହେବ ଏବଂ ଘରଦ୍ୱାର ପୁଣି ଗଢ଼ାଯିବ। କିନ୍ତୁ ଏହି ବିପତ୍ତିରେ ଯେଉଁ ପରିବାର ନିଜ ପ୍ରିୟଜନଙ୍କୁ ହରାଇବେ, ଯେଉଁ ଚାଷୀ ସର୍ବସ୍ୱ ହରାଇବେ, ଯେଉଁ ଶିଶୁ ଭୟରେ ରାତି କାଟିବ, ସେମାନଙ୍କ ଯନ୍ତ୍ରଣାକୁ ଭୁଲିବା ସହଜ ନୁହେଁ।

ତେଣୁ ଆଜିର ସବୁଠାରୁ ବଡ଼ ପ୍ରାର୍ଥନା ହେଉଛି, ପ୍ରତ୍ୟେକ ଜୀବନ ସୁରକ୍ଷିତ ରହୁ, ପ୍ରତ୍ୟେକ ବିପନ୍ନଙ୍କ ନିକଟରେ ସହାୟତା ପହଞ୍ଚୁ ଏବଂ ଗଞ୍ଜାମ ଓ ଗଜପତି ପୁଣି ନିଜ ସ୍ୱାଭାବିକ ଜୀବନକୁ ଫେରନ୍ତୁ। ଆଜି ଗଞ୍ଜାମ କାନ୍ଦୁଛି, ଗଜପତି ଚିନ୍ତାରେ, କିନ୍ତୁ ଓଡ଼ିଶାର ହୃଦୟ ସେମାନଙ୍କ ସହିତ ରହିଛି। ଏହି ମାଟିର ଲୋକଙ୍କ ଆଖିର ଲୁହ ପୋଛିବା ହିଁ ଆମ ସମସ୍ତଙ୍କର ପ୍ରଥମ ଦାୟିତ୍ୱ।

ମୋ: ୯୪୩୭୯୯୪୩୭୯

ଦୃଢ଼ମନା ପଟେଲ

କିଶୋର ଚନ୍ଦ୍ର ବେହେରା

> **"ସର୍ଦ୍ଧାର ବଲ୍ଲଭଭାଇ ପଟେଲଙ୍କର ରାଜନୈତିକ ଦୃଷ୍ଟିକୋଣ ବହୁତ ଗହୀର ଓ ଦୃଢ ଥିଲା। ସେ ଏକ ସୁଶାସନ ଏବଂ ସ୍ଥିରତାର ପ୍ରକୃତ ରାଜନୈତିକ ପରିବେଶକୁ ଗଢିବା ପାଇଁ ସଦା ଚେଷ୍ଟା କରୁଥିଲେ। ସାମ୍ରାଜ୍ୟବାଦକୁ ବିରୋଧ କରିଥିଲେ, କାରଣ ସାମ୍ରାଜ୍ୟବାଦୀ ଶାସନ ଭାରତର ଆର୍ଥିକ, ସାମାଜିକ ଓ ରାଜନୈତିକ ସଂରଚନାକୁ ଧୀରେ ଧୀରେ ନଷ୍ଟ କରୁଥିଲା। ସେ ସ୍ୱାଧୀନତା ପାଇଁ ଲୋକଙ୍କୁ ସଂଘବଦ୍ଧ ହେବାକୁ ବୁଝାଇଥିଲେ। ଏକ ସ୍ଥିର ଓ ସୂଚିତ ବ୍ୟବସ୍ଥା ପାଇଁ କର୍ମଶୀଳ ହୋଇଥିଲେ, ଯାହା ସାଧାରଣ ଲୋକଙ୍କ ପାଇଁ ନିଶ୍ଚିତ ତଥ୍ୟ ଓ ଶ୍ରେଷ୍ଠତା ଦେବାକୁ ଉଦ୍ୟମ କରୁଥିଲେ।**

ସର୍ଦ୍ଧାର ବଲ୍ଲଭଭାଇ ପଟେଲ ଜଣେ କଳ୍ପନାବିଳାସୀ ନେତା ନଥିଲେ, ବରଂ ଜଣେ କର୍ମଯୋଗୀ ଥିଲେ। ସମସ୍ୟାର ସମାଧାନ ପାଇଁ ସେ ସାମ, ଦାନ, ଦଣ୍ଡ, ଭେଦ ନୀତି ପ୍ରୟୋଗ କରିବାକୁ ପଛାଉ ନ ଥିଲେ। କୌଣସି କାଳ୍ପନିକ କିମ୍ବା ଜଟିଳ ଆଦର୍ଶବାଦରେ ବିଶ୍ୱାସ ନ କରି ପରିସ୍ଥିତି ଅନୁଯାୟୀ ବ୍ୟାବହାରିକ ନିଷ୍ପତ୍ତି ନେଉଥିଲେ, ଯାହା ତାଙ୍କୁ ଜଣେ ମହାନ ରାଷ୍ଟ୍ରନିର୍ମାତା ଭାବେ ପ୍ରତିଷ୍ଠିତ କରିଥିଲା। ରାଜନୈତିକ ଚିନ୍ତାଧାରା ମୁଖ୍ୟତଃ ବାସ୍ତବବାଦ, ଜାତୀୟ ଏକତା, ଏବଂ ଦୃଢ଼ ପ୍ରଶାସନ ଉପରେ ଆଧାରିତ ଥିଲା। ଯୁବାବସ୍ଥାରୁ ଖୁବ୍ କର୍ମତତ୍ପର, ବିଦ୍ୟାଳୟରେ ପଢ଼ିବା ସମୟରେ ଜଣେ ଦୁର୍ନୀତିଗ୍ରସ୍ତ ଶିକ୍ଷକଙ୍କ ବିରୋଧରେ ଅୟମାରମ୍ଭ ହୋଇଥିଲା ଛାତ୍ର ଆନ୍ଦୋଳନର ନେତୃତ୍ୱ ।ସେବେଠୁ ସ୍ୱପ୍ନ ଦେଖିଥିଲେ ସେ ଭଲ ଓକିଲଟିଏ ହୋଇ ସାଧାରଣ ଜନତା ଓ ଗରିବ ବ୍ୟକ୍ତିମାନଙ୍କୁ ସହଯୋଗର ହାତ ବଢାଇ ସାମ୍ବିଧାନିକ ନ୍ୟାୟ ଦେବା ପାଇଁ। ଓକିଲାତି ପାଠପଢ଼ିବା ପାଇଁ ୧୯୧୦ରେ ଇଂଲଣ୍ଡ ଯାଆନ୍ତି ଓ ସେଠାକାର ବାର୍ ପରୀକ୍ଷାରେ ଶୀର୍ଷ ସ୍ଥାନ ଅଧିକାର କରନ୍ତି ।୧୯୧୩ରେ ସେ ବାର୍ ଆସୋସିଏସନ୍‌ରେ ସ୍ଥାନ ପାଇ ଦେଶକୁ ଫେରନ୍ତି । ସେବେଠୁ ୧୯୫୦ ମୃତ୍ୟୁ ପର୍ଯ୍ୟନ୍ତ ସେ ଆଉ ଭାରତ ଛାଡ଼ି ଯାଇ ନଥିଲେ । ସର୍ଦ୍ଦାର ପଟେଲଙ୍କ ରାଜନୈତିକ ଦର୍ଶନର ମୂଳଦୁଆ ଥିଲା ଏକ ମଜଭୁତ ଓ ମିଳିତ ଭାରତ। ସ୍ୱାଧୀନତା ପରେ ଦେଶ ଖଣ୍ଡବିଖଣ୍ଡ ହେବାର ଆଶଙ୍କା ଥିବାବେଳେ ସେ ଦେଶୀୟ ଗଡ଼ଜାତ ରାଜ୍ୟକୁ

ଭାରତୀୟ ସଂଘରେ ସାମିଲ କରିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ଆଭ୍ୟନ୍ତରୀଣ ଏକତା ବିନା ଦେଶର ସ୍ୱାଧୀନତା ଅର୍ଥହୀନ। ଜବାହରଲାଲ ନେହେରୁଙ୍କ ଭଳି ସେ ପାଶ୍ଚାତ୍ୟ ସମାଜବାଦ କିମ୍ବା ବାମପନ୍ଥୀ ଚିନ୍ତାଧାରା ସପକ୍ଷରେ ନ ଥିଲେ। ସେ ଶ୍ରମିକ ଓ ମାଲିକଙ୍କ ମଧ୍ୟରେ ସଂଘର୍ଷ ପରିବର୍ତ୍ତେ ସହଯୋଗ ଉପରେ ଗୁରୁତ୍ୱ ଦେଉଥିଲେ। ମୁକ୍ତ ବ୍ୟବସାୟ ଓ ଶିଳ୍ପାୟନକୁ ସମର୍ଥନ କରୁଥିଲେ, କିନ୍ତୁ ତାହା ଗରିବ ଓ କୃଷକମାନଙ୍କ ସ୍ୱାର୍ଥ ରକ୍ଷା କରିବା ଉଚିତ ବୋଲି ମନେ କରୁଥିଲେ।

ରାଜନୀତିରେ ସର୍ଦ୍ଧାର ବଲ୍ଲଭଭାଇ ପଟେଲଙ୍କ ପ୍ରବେଶ ମହାତ୍ମା ଗାନ୍ଧୀଙ୍କ ଆଇନ ଅମାନ୍ୟ ଆଇନରୁ ଅନୁପ୍ରାଣିତ ହୋଇଥିଲା । ସେ ୧୯୧୮ ମସିହାରେ ସ୍ୱାଧୀନତା ସଂଗ୍ରାମରେ ଗଭୀର ଭାବରେ ଜଡିତ ହୋଇଥିଲେ, ଯେତେବେଳେ ସେ ଗୁଜରାଟର କୃଷକମାନଙ୍କୁ ଖେଡା ସତ୍ୟାଗ୍ରହରେ ନେତୃତ୍ୱ ନେଉଥିଲେ ।ଏହି ଅଞ୍ଚଳର ସାଧାରଣ ଜନତା ଯେତେବେଳେ ଦୁର୍ଭିକ୍ଷ ଓ ମହାମାରୀରେ ଆକ୍ରାନ୍ତ ହୋଇଥିଲା, ସେତେବେଳେ ମଧ୍ୟ ନୃଶଂସ ବ୍ରିଟିଶ ସରକାର ଦରିଦ୍ର ଚାଷୀଙ୍କ ଠାରୁ ଜମି ରାଜସ୍ୱ ଦାବି କରିଥିଲେ ।ଏଭଳି ଦୁଃଖରେ ପଟେଲ ଚାଷୀଙ୍କୁ ଏକତ୍ର କରି ଅହିଂସ ଆଧାରିତ ବିରୋଧର ଆୟୋଜନ କରିଥିଲେ । ଏହି ଅଭିଯାନ ଅହିଂସା ପ୍ରତି ତାଙ୍କର ଆଜୀବନ ପ୍ରତିବଦ୍ଧତାର ଆରମ୍ଭକୁ ଚିହ୍ନିତ କରିଥିଲା ଏବଂ ତାଙ୍କୁ "ସର୍ଦ୍ଦାର" ଆଖ୍ୟା ଦେଇଥିଲା ।୧୯୨୦ ଦଶକରେ ପଟେଲ ଅସହଯୋଗ ଆନ୍ଦୋଳନରେ ଭାଗ ନେଇଥିଲେ ।ଯାହାକି ବ୍ରିଟିଶ ସାମଗ୍ରୀ ଏବଂ ଅନୁଷ୍ଠାନକୁ ଅସହଯୋଗ କରିବା ପାଇଁ ଗାନ୍ଧୀଙ୍କ ଆହ୍ୱାନ ଥିଲା। ଏହି ଅବଧି ଭାରତୀୟ ଜାତୀୟ କଂଗ୍ରେସ ମଧ୍ୟରେ ଜଣେ ନେତା ଭାବରେ ତାଙ୍କର ସ୍ଥିତିକୁ ଦୃଢ଼ କରିଥିଲା। ୧୯୨୮ ମସିହାର ବର୍ଦୋଲି ସତ୍ୟାଗ୍ରହରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ଯାହାକି ଜମି ରାଜସ୍ୱ ବୃଦ୍ଧି ବିରୋଧରେ ହୋଇଥିଲା। ଏହି ସଫଳ ଆନ୍ଦୋଳନ କେବଳ ପଟେଲଙ୍କ ପ୍ରତି ଜାତୀୟ ଦୃଷ୍ଟି ଆକର୍ଷଣ କରିନଥିଲା ବରଂ ଗାନ୍ଧୀ ନୀତି ଉପରେ ତାଙ୍କର ବିଶ୍ୱାସକୁ ଆହୁରି ଦୃଢ କରିଥିଲା।

ସର୍ଦ୍ଧାର ବଲ୍ଲଭଭାଇ ପଟେଲଙ୍କର ରାଜନୈତିକ ଦୃଷ୍ଟିକୋଣ ବହୁତ ଗହୀର ଓ ଦୃଢ଼ ଥିଲା। ସେ ଏକ ସୁଶାସନ ଏବଂ ସ୍ଥିରତାର ପ୍ରକୃତ ରାଜନୈତିକ ପରିବେଶକୁ ଗଢିବା ପାଇଁ ସଦା ଚେଷ୍ଟା କରୁଥିଲେ। ସାମ୍ରାଜ୍ୟବାଦକୁ ବିରୋଧ କରିଥିଲେ, କାରଣ ସାମ୍ରାଜ୍ୟବାଦୀ ଶାସନ ଭାରତର ଆର୍ଥିକ, ସାମାଜିକ ଓ ରାଜନୈତିକ ସଂରଚନାକୁ ଧୀରେ ଧୀରେ ନଷ୍ଟ କରୁଥିଲା। ସେ ସ୍ୱାଧୀନତା ପାଇଁ ଲୋକଙ୍କୁ ସଂଘବଦ୍ଧ ହେବାକୁ ବୁଝାଇଥିଲେ। ଏକ ସ୍ଥିର ଓ ସୂଚିତ ବ୍ୟବସ୍ଥା ପାଇଁ କର୍ମଶୀଳ ହୋଇଥିଲେ, ଯାହା ସାଧାରଣ ଲୋକଙ୍କ ପାଇଁ ନିଶ୍ଚିତ ତଥ୍ୟ ଓ ଶ୍ରେଷ୍ଠତା ଦେବାକୁ ଉଦ୍ୟମ କରୁଥିଲେ। ସାମାଜିକ ନ୍ୟାୟ ଓ ସମାନତାକୁ ଗୁରୁତ୍ୱ ଦେଇଥିଲେ, ଯାହା ଦୀର୍ଘକାଳରେ ଭାରତର ସାମାଜିକ ରୂପରେ ସୁଦୃଢ ହେବାକୁ ସାହାଯ୍ୟ କରିଥିଲା। ୧୯୧୭ରେ ସେ ପ୍ରଥମେ ଅହମଦାବାଦର ସାନିଟେସନ କମିଶନର ଏବଂ ପରେ ୧୯୨୪ରୁ ୧୯୨୮ ପର୍ଯ୍ୟନ୍ତ ମ୍ୟୁନିସିପାଲିଟିର ସଭାପତି ଭାବେ ଦାୟିତ୍ୱ ତୁଲାଇ ନିଜର ପ୍ରଶାସନିକ ଦକ୍ଷତା ପ୍ରତିପାଦିତ କରିଥିଲେ। ସ୍ୱାଧୀନ ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ, ପ୍ରଥମ ଗୃହମନ୍ତ୍ରୀ, ମହାନ ସ୍ୱାଧୀନତା ସଂଗ୍ରାମୀ, ପ୍ରିୟ ନେତା ତଥା ଜଣେ ମାର୍ଗଦର୍ଶକ ଭାବରେ ଭାରତୀୟମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ଏକ ଶୃଙ୍ଖଳିତ ଏବଂ ନିରପେକ୍ଷ ପ୍ରଶାସନ ହିଁ ଦେଶର ବିକାଶ ତଥା ସ୍ଥିରତା ଆଣିପାରିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା।

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଆଦର୍ଶ ଆଜି ମଧ୍ୟ ପ୍ରାସଙ୍ଗିକତା ରହିଛି ।ତୀବ୍ର ପରିବର୍ତ୍ତନଶୀଳ ରାଜନୈତିକ ଗତିଶୀଳତାର ଯୁଗରେ, ପଟେଲଙ୍କ ଜାତୀୟ ଏକତା ଏବଂ ଅଖଣ୍ଡତା ନୀତି ଆମକୁ ସାମୂହିକ ପରିଚୟ ଏବଂ ନମନୀୟତାର ମହତ୍ତ୍ୱ ବିଷୟରେ ମନେ ପକାଇଥାଏ ।ଏକ ବିକେନ୍ଦ୍ରୀକୃତ ଅର୍ଥନୀତି, ଗ୍ରାମୀଣ ସମ୍ପ୍ରଦାୟଗୁଡ଼ିକର ସଶକ୍ତିକରଣ ଏବଂ ଦକ୍ଷ ଶାସନ ବିଷୟରେ ତାଙ୍କର ଦୃଷ୍ଟିକୋଣ ଆଧୁନିକ ନୀତି ଆଲୋଚନାରେ ମଧ୍ୟ ଗୁଞ୍ଜରିତ ହେଉଛି । ଏହା ବ୍ୟତୀତ, ବୈଚାରିକ ମତଭେଦକୁ ଦୂର କରିବା ଏବଂ ସହଯୋଗୀ ନେତୃତ୍ୱ ଉପରେ ଗୁରୁତ୍ୱ ଦେବାର ତାଙ୍କର ଦକ୍ଷତା ଏହା ଉପରେ ଗୁରୁତ୍ୱ ଦେଇଥାଏ ଯେ ଜାତୀୟ କଲ୍ୟାଣ ପ୍ରତି ଏକ ସାଧାରଣ ପ୍ରତିବଦ୍ଧତା ବ୍ୟକ୍ତିଗତ କିମ୍ବା ରାଜନୈତିକ ଭିନ୍ନତାକୁ ଅତିକ୍ରମ କରିପାରେ, ଯାହା ଏକ ମୂଲ୍ୟବାନ ଶିକ୍ଷା ପ୍ରଦାନ କରିଥାଏ ।ଆଜିର ଏହି ପବିତ୍ର ଦିବସରେ 'ମୁଁ ସତ୍ୟପାଠ କରୁଛି ଯେ ମୁଁ ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷା ରକ୍ଷା କରିବା ପାଇଁ ନିଜକୁ ସମର୍ପିତ କରିବି ଏବଂ ମୋର ଦେଶବାସୀଙ୍କ ମଧ୍ୟରେ ଏହି ବାର୍ତ୍ତା ପ୍ରସାର କରିବା ପାଇଁ ଆନ୍ତରିକତାର ସହ ପ୍ରୟାସ କରିବି। ମୋ ଦେଶର ଏକତାର ଭାବନାରୁ ମୁଁ ଏହି ଶପଥ ନେଉଛି, ଯାହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୂରଦୃଷ୍ଟି ଏବଂ କାର୍ଯ୍ୟାନ୍ୱୟନ ଦ୍ୱାରା ସମ୍ଭବ ହୋଇପାରିଥିଲା।' ଜାତୀୟ ଏକତା ଦିବସ ଭାରତର ବିବିଧତା ମଧ୍ୟରେ ଏକତାର ଭାବନାକୁ ସମ୍ମାନ ଜଣାଇବା ସହ ଦେଶର ସାର୍ବଭୌମତ୍ୱ, ଶାନ୍ତି ଓ ଅଖଣ୍ଡତା ବଜାୟ ରଖିବା ପାଇଁ ଆମର ସାମୂହିକ ସଂକଳ୍ପକୁ ସୁଦୃଢ଼ କରେ।

ନନ୍ଦପୁର, ଜିଲ୍ଲା: କୋରାପୁଟ
ମୋ- ୯୪୩୭୯୫୫୫୬୮

CMYK

31..10.2026.pmd 1 10/30/2026, 5:43 AM

ବାରହା ଫାଶରେ ପଡି ଯୁବକଙ୍କ ମୃତ୍ୟୁ ଘଟଣା, ୩ ଶିକାରୀଙ୍କୁ ବାନ୍ଧିଲା ପୁଲିସ

ନୟାଗଡ,୩୦।୧୦ (ନିପ୍ର): ଗତ ୨୩ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ରେ ପଡିଦୁଡା ପଞ୍ଚାୟତ କନଡି ଗ୍ରାମର ବାବୁଲା ନାୟକଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ବାଣୀଗୋଛା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ କନଡି ଗ୍ରାମର ସୁଶାନ୍ତ ମଲ୍ଲିକ (୩୨), ଅଲେଖ ବେହେରା (୪୦)ଓ ପ୍ରଦୀପ ଯାନୀ ଓରଫ ଡାଙ୍ଗ (୩୪) । ସମସ୍ତେ ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇ ଛକି ବସିଥିଲେ। ଏହି ସମୟରେ ବାବୁଲା ନାଗେଶ୍ୱର ସାହି ରେ ଥିବା ସଙ୍ଗାତ ଘରକୁ ଯିବା ବାଟରେ ତାରରେ ଛନ୍ଦି ହୋଇପଡ଼ିଥିଲେ । ପୁଲିସ ଏହାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବାଣିଗୋଛା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର କହିଛନ୍ତି ।

ସ୍ତ୍ରୀକୁ ନିର୍ଯାତନା ଅଭିଯୋଗ

ପିପିଲି ,୩୦।୧୦ (ନିପ୍ର); ଅନ୍ୟ ଜଣେ ଯୁବତୀକୁ ଭଲ ପାଇ ଜଣେ ବିବାହିତ ବ୍ୟକ୍ତି ତାର ସ୍ତ୍ରୀକୁ ନିର୍ଯାତନା ଦେଉ ଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି। ପିପିଲି ଥାନା ଅଧୀନ ମଙ୍ଗଳପୁର ଅଞ୍ଚଳର ଜଣେ ଯୁବତୀ ନିଆଳି ଥାନା ଅଞ୍ଚଳରେ ବିବାହ କରି ଥିଲେ। ବିଭାଘର କିଛି ଦିନ ଭଲରେ ଚଳିବା ପରେ ସ୍ୱାମୀ ରତିକାନ୍ତ ନାୟକ ଅନ୍ୟଜଣେ ଯୁବତୀଙ୍କୁ ଭଲ ପାଇ ଆସୁ ଥିବା ଅଭିଯୋଗ କାରିଣୀ ଅଭିଯୋଗରେ ଦର୍ଶାଇ ଅଛନ୍ତି। ସ୍ୱାମୀ ରତିକାନ୍ତ ଏକ କମ୍ପାନୀ କାର୍ଯ୍ୟରେ ଥିବା ବେଳେ ସେ ଅଭିଯୋଗକାରିଣୀଙ୍କୁ ସାଙ୍ଗରେ ନେଇ ପାଖରେ ରଖି ଥିଲେ। ଅଭିଯୋଗକାରିଣୀ ଏସବୁ ଜାଣିବା ପରେ ଉଭୟଙ୍କ ମଧ୍ୟରେ ବିବାଦ ଉପୁଜିବାରୁ ରତିକାନ୍ତ ଅଭିଯୋଗ କାରିଣୀ ଲିଜା ନାୟକଙ୍କୁ ତାଙ୍କ ବାପ ଘର ମଙ୍ଗଳପୁରଠାରେ ଛାଡି ଦେଇ ଥିଲେ। ଲିଜା ଦୁଇଟି ସନ୍ତାନକୁ ନେଇ ବାପ ଘରେ ବହୁ କଷ୍ଟରେ ଚଳିବା ପରେ ନିରାଶ ହୋଇ ଭୁବନେଶ୍ୱର ମହିଳା ଥାନାରେ ଦ୍ୱାରସ୍ଥ ହେବାରୁ ମହିଳା ଥାନା ମାମଲା ଆଗତ କରି ପିପିଲି ଥାନାକୁ ପଠାଇ ଅଛି। ପିପିଲି ପୋଲିସ ନିଜ ପକ୍ଷରୁ ଥାନା କେଶ ନଂ୬୬୦/୨୬ ମାମଲା ଆଗତ କରି ତଦନ୍ତ ଚଳାଇ ଅଛି।

ସୁରକ୍ଷିତ ଶିଶୁ ଅଭିଯାନ

ରାୟଗଡା,୩୦।୧୦(ନିପ୍ର); ରାୟଗଡ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ରାୟଗଡ ପୌରାଞ୍ଚଳର କୋଡ଼ିଏ ଗୋଟି ବିଦ୍ୟାଳୟରେ ସୁରକ୍ଷିତ ଶିଶୁ ଅଭିଯାନ ପ୍ରାରମ୍ଭ ହୋଇଛି। ଏହା ତିନି ଦିନ ଧରି ଚାଲିବ । ପକ୍ସୋ ଆଇନ ୨୦୧୨ ସମ୍ପର୍କିତ ପାନ ଇଣ୍ଡିଆ ବିଦ୍ୟାଳୟ ସଚେତନତା ଅଭିଯାନରେ ଶିଶୁଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ନିଷ୍ପତ୍ତି କ୍ରମେ ଏହି ସଚେତନତା ଅଭିଯାନ ପ୍ରାରମ୍ଭ ହୋଇଛି । ଗୁରୁବାର ସ୍ଥାନୀୟ ବ୍ରାହ୍ମଣ ସାହି, ଏକ୍ସ ବୋର୍ଡ, ଫରେଷ୍ଟ କଲୋନୀ, ରେଭେନ୍ୟୁ କଲୋନୀ ଉ ପ୍ରା ବିଦ୍ୟାଳୟ, ପି ଏମ ଶ୍ରୀ ଜିଶିଡି ଉଚ୍ଚ ବିଦ୍ୟାଳୟ, ଜିବିଏମ୍ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚବିଦ୍ୟାଳୟ ଠାରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଚିବ ସୁବ୍ରତ ଆଚାର୍ଯ୍ୟ, ଭାରତୀ ତ୍ରିପାଠୀ, ନବ କୁମାର କଣ୍ଟା, ବିଶ୍ୱନାଥ ଗନ୍ତାୟତ, ଦେବରାଜ ନାୟକ, ସୁକାନ୍ତ ଦାସ ଓ ରିତେଶ କୁମାର ସାବତ ପ୍ରମୁଖ ସମ୍ବଳ ବ୍ୟକ୍ତିତ୍ୱ ଭାବେ ଯୋଗ ଦେଇ ମୋ ଶୈଶବ - ମୋ ଅଧିକାର, କାନୁନ ଜାଣ - ଶୈଶବ ବଞ୍ଚାଅ, ବୋଲ, ବତାଅ, ବଞ୍ଚାଅ ଆଦି ସ୍ଲୋଗାନ ସହ ପକ୍ସୋ ଆଇନ ବିଷୟରେ ସଚେତନ କରିଥିଲେ । ପୂର୍ବତନ ପରିଷଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଳାଞ୍ଚଳ ମିଶ୍ର ପ୍ୟାନେଲ ଓକିଲ ବିଶ୍ୱନାଥ ଗନ୍ତାୟତଙ୍କୁ ସ୍ୱାଗତ କରିବା ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଆଲୋଚନା ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବୃନ୍ଦ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ ।

ସରକାରୀ ଅଫିସରେ ଯୋଗଦେବା ନିୟମକୁ ଫୁଁ !

ପିପିଲି,୩୦।୧୦(ନିପ୍ର):ଏବେ ପୁରୀ ଜିଲ୍ଲା ପିପିଲି ବ୍ଲକର କାର୍ଯ୍ୟରତ ଅଫିସର ଓ ଯନ୍ତ୍ରୀମାନଙ୍କ ଅଫିସ ଅନୁପସ୍ଥିତ ରହୁ ଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଏହି ଅଭିଯୋଗ ପରେ ଉଠିଲାଣି ଅନେକ ପ୍ରଶ୍ନ। ସରକାରୀ ନିୟମ ୧୦.୩୦ ମିନିଟ ସମୟରେ କାର୍ଯ୍ୟରେ ଯୋଗ ଦେବାକୁ ନିୟମ ଥିବା ବେଳେ ବାବୁ ମାନେ ୧୦.୩୦ ପରିବର୍ତ୍ତେ ୧୨.୩୦ କିମ୍ବା ଏକ ଘଟିକାରେ ଆସୁ ଥିବା ଦୃଶ୍ୟ ଦେଖିବାକୁ ମିଳିଅଛି। ଜନସାଧାରଣ ଓ ଜନପ୍ରତିନିଧି ମାନେ ବିଭିନ୍ନ କାର୍ଯ୍ୟ ନେଇ ପଞ୍ଚାୟତ ମାନଙ୍କରୁ ଆସୁ ଥିବା ବେଳେ ସେମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁ ଥିବା ଜନପ୍ରତିନିଧି ମାନେ ଅଭିଯୋଗ ଆଣିଛନ୍ତି। ସେମାନେ ଆଉ ମଧ୍ୟ କହି ଛନ୍ତି ବାବୁ ମାନେ ଅନୁପସ୍ଥିତ ଥିବାରୁ ଆମ୍ଭେ ତାଙ୍କର ଚୌକି ଓ ଟେବୁଲ ଦେଖି ଚାହିଁ ବସି ରହୁ ଅଛୁ। ଏଭଳି ସମସ୍ୟା ସର୍ବଦା ଲାଗି ରହୁ ଥିବା ବେଳେ ଜିଲ୍ଲା ପ୍ରଶାସନ କିଭଳି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ରହକୁ ନେଇ ଏକ ପ୍ରକାର ଅଙ୍ଗୁଳି ନିର୍ଦ୍ଦେଶ କରିଅଛି। ତେଣୁ ପିପିଲି ବ୍ଲକରେ କାର୍ଯ୍ୟରତ ଅଫିସର ଓ ଯନ୍ତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

ଆଦର୍ଶ ଶିକ୍ଷକ ଗୋଦାବରୀଶ ସାମନ୍ତସିଂହାରଙ୍କୁ ସମ୍ମାନଜନକ 'ଡକ୍ଟରେଟ୍'

ନିରାକାରପୁର,୩୦।୧୦(ନିପ୍ର):ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ବ୍ଲକର ସ୍ୱନାମଧନ୍ୟ ଆଦର୍ଶ ଶିକ୍ଷକ ଗୋଦାବରୀଶ ସାମନ୍ତସିଂହାରଙ୍କୁ ଶିକ୍ଷା କ୍ଷେତ୍ରରେ ତାଙ୍କର ଅବିସ୍ମରଣୀୟ ଅବଦାନ ନିମନ୍ତେ ସମ୍ମାନସୂଚକ 'ଡକ୍ଟରେଟ୍' ମାନପତ୍ର ଏବଂ ଆୱାର୍ଡ ପ୍ରଦାନ କରାଯାଇଛି। ବ୍ରହ୍ମପୁର-ଗଞ୍ଜାମ କଳା ପରିଷଦ ପକ୍ଷରୁ କବିସୂର୍ଯ୍ୟ ରଙ୍ଗମଞ୍ଚରେ ଆୟୋଜିତ ଏକ ଭବ୍ୟ ସମାରୋହରେ 'ୱାର୍ଲ୍ଡ ଚାରିଟେବୁଲ୍ ୱେଲଫେୟାର ଫାଉଣ୍ଡେସନ୍' ତରଫରୁ ଶ୍ରୀ ସାମନ୍ତସିଂହାରଙ୍କୁ ଏହି ଗୌରବବିଧୂତ ଡକ୍ଟରେଟ୍ ସମ୍ମାନରେ ଭୂଷିତ କରାଯାଇଛି। ସେ ତାଙ୍କର ସଂଘର୍ଷମୟ ଜୀବନ ସ୍ରୋତରେ ଶିକ୍ଷାଦାନ ଏବଂ ଇଂରାଜୀ ଭାଷାକୁ ନିଜର ବ୍ରତ ଓ ପେଶା ଭାବରେ ଗ୍ରହଣ କରି ନିଷ୍ଠାର ସହ କାର୍ଯ୍ୟ କରିଆସୁଛନ୍ତି। ଏହି ସଫଳତା ପାଇଁ ସେ ତାଙ୍କର ସ୍ୱର୍ଗତ ପିତା ଅଲେଖବନ୍ଧୁ ସାମନ୍ତସିଂହାର, ମାତା ଜତନୀ ସାମନ୍ତସିଂହାର, ମାମୁଁ ଶରତ ଚନ୍ଦ୍ର ଭୋଳ, ଭାଇ ଓ ଭାଉଜଙ୍କ ଆଶୀର୍ବାଦ ଏବଂ ପୁତୁରା-ଝିଆରୀ, ଛାତ୍ରଛାତ୍ରୀ ତଥା ସହପାଠୀ ବନ୍ଧୁମାନଙ୍କ ଅକୁଣ୍ଠ ସହଯୋଗ ଓ ଉତ୍ସାହକୁ କୃତଜ୍ଞତାର ସହ ସ୍ମରଣ କରିଛନ୍ତି। ତାଙ୍କର ଏଭଳି ସଫଳତା ପାଇଁ ରାମଚନ୍ଦ୍ର ବିଦ୍ୟାନିକେତନ, ରମାବିଲି ସମେତ ସ୍ଥାନୀୟ ଛତ୍ରପଡ଼ା ଗ୍ରାମବାସୀ ଏବଂ ବିଭିନ୍ନ ମହଲରୁ ତାଙ୍କ ପ୍ରତି ଶୁଭେଚ୍ଛା ଓ ସମ୍ବର୍ଦ୍ଧନାର ସୁଅ ଛୁଟିଛି।

ବାତ୍ୟା 'ଅର୍ଣ୍ଣବ' କୋରଡ଼ା ମାଡ଼ରେ ଚାଷୀର ସ୍ୱପ୍ନ ଚୂର୍‌ମାର ପ୍ରକୃତିର ନିଷ୍ଠୁର ପ୍ରହାର ଆଗରେ ହାର୍ ମାନିଛି ଅନ୍ନଦାତା !

ରେଢ଼ାଖୋଲ,୩୦।୧୦ (ନିପ୍ର); ଗୋଟିଏ ପଟେ ଆକାଶରୁ ଖରା ଓ ମରୁଡ଼ିର ନିଆଁ ବର୍ଷୁଥିଲା, ଆଉ ଅନ୍ୟପଟେ ସେତିକିରେ ମନ ବୁଝିନଥିବା ପ୍ରକୃତି ବାତ୍ୟା 'ଅର୍ଣ୍ଣବ' ରୂପକ କୋରଡ଼ା ମାଡ଼ରେ ଚାଷୀର ସ୍ୱପ୍ନକୁ ଚୂରମାର୍ କରିଦେଇଛି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଲୁହାପଙ୍କ ପଞ୍ଚାୟତରୁ ଆସିଛି ସେହି ଆଖିରୁ ଲୁହ ଝରାଇ ଦେବା ଭଳି ଦୃଶ୍ୟ। ସବୁଜ ସ୍ୱପ୍ନରେ ହସୁଥିବା ଏକର ଏକର ଧାନ ବିଲ ଏବେ କେବଳ ପାଣିର ସମୁଦ୍ର। ମୌସୁମୀର ଆଗମନ ପରେ ଚଳିତ ବର୍ଷ ଆରମ୍ଭରୁ ହିଁ ରେଢ଼ାଖୋଲ ଅଞ୍ଚଳରେ ଆରମ୍ଭ ହୋଇଥିଲା ବର୍ଷା ଯାହା ଫଳରେ ଚାଷୀ ନିଜର ବର୍ଷ ଜାକର ଅମଳରେ ପ୍ରଥମ ସୋପାନ ଖୁସିରେ ସାରିଥିଲା ହେଲେ ପରେ ମୌସୁମୀର ନିରୁଦ୍ଦିଷ୍ଟ ପଣ ଯୋଗୁଁ ରେଢ଼ାଖୋଲ ଅଞ୍ଚଳରେ ମରୁଡ଼ିର କଳାଛାଇ ମାଡ଼ିଆସିଥିଲା। ପାଣି ଅଭାବରୁ ଜମି ଶୁଖି ଆଁ କରିଥିଲା, ମାଟି ଫାଟି ଧାନ ଜଳି ଯାଇଥିଲା । କିନ୍ତୁ ଯେଉଁ କିଛି ସ୍ଥାନରେ ଚାଷୀ ନିଜ ଝାଳ ବୁହାଇ ଫସଲକୁ ବଞ୍ଚାଇ ପାରିଥିଲେ, ସେଠାରେ ହସିଉଠିଥିଲା ସୁନା ରଙ୍ଗର ପାଚିଲା ଧାନ। ହେଲେ

ଅମଳ ହେବା ଠିକ୍ ପୂର୍ବରୁ ଆସିଲା ବାତ୍ୟା 'ଅର୍ଣ୍ଣବ' । ଧଡାମ୍ କରି ତଳେ ପଡ଼ିଗଲା ପାଚିଲା ଧାନ ଗଛ। ବିଲରେ ଏବେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଥିବା ବେଳେ ଧାନ ଗଛଗୁଡ଼ିକ ପଚିବାକୁ ବସିଲାଣି। ଅମଳ ହେବା ପୂର୍ବରୁ ହିଁ ବିଲରେ ଧାନ ଗଜା ହୋଇଯିବା ଚାଷୀର ଛାତିକୁ ବିଦାରି ଦେଇଛି। ଗୋଟେ ପଟେ ଜଳସେଚନ ଅଭାବରୁ ମରୁଡ଼ି, ଆଉ ସେତିକିରେ ନିସ୍ତାର ନ ମିଳୁଣୁ ପୁଣି ବାତ୍ୟାର ତାଣ୍ଡବ' ଏହି ଦୁଇଟିଯାକ ପ୍ରାକୃତିକ ବିପର୍ଯ୍ୟୟ ଚାଷୀର ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଇଛି । ସାହୁକାରଠାରୁ ଚଢ଼ା ସୁଧରେ ଟଙ୍କା ଆଣି, ବ୍ୟାଙ୍କରୁ ଋଣ କରି ଯେଉଁ ଫସଲକୁ ପୁଅ ପରି ପାଳିଥିଲେ, ସେହି ଫସଲ ଏବେ ଆଖି ଆଗରେ ନଷ୍ଟ ହୋଇଯାଉଛି । ଫସଲ ବିକି ଋଣ ଶୁଝିବା ତ ଦୂରର କଥା, ଏବେ ଦୁଇ ଓଳି ଦୁଇ ମୁଠା ଖାଇବାକୁ କେଉଁଠୁ ଆଣିବେ, ସେହି ଚିନ୍ତାରେ ସ୍ଥାନୀୟ ଚାଷୀକୂଳ। 'ଆମର ଆଉ କିଛି ବାଟ ନାହିଁ। ପ୍ରଥମେ ମରୁଡ଼ି ଆମକୁ ମାରିଲା, ଏବେ ବାତ୍ୟା 'ଅର୍ଣ୍ଣବ' ଆମ ପେଟରେ କୁରାଡି ମାରିଲା। ସରକାର ଯଦି ଆମକୁ ସାହାଯ୍ୟ ନକରନ୍ତି, ତେବେ ବିଷ ପିଇବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ ବୋଲି କହିଛନ୍ତି ରେଢ଼ାଖୋଲ ଅଞ୍ଚଳ ସମେତ ଲୁହାପଙ୍କ ଓ କୁକୁଡ଼ା ବାହାଳୀ ପଞ୍ଚାୟତର ଚାଷୀକୁଳ । ଲୁହାପଙ୍କ ପଞ୍ଚାୟତର ଚାଷୀ ଓ କୁକୁଡ଼ାବାହାଳୀ ପଞ୍ଚାୟତ ର ସାଧାରଣ ଜନତା ଏବେ ସିଧାସଳଖ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତୁରନ୍ତ ଏକ ଅଧିକାରୀ ଦଳ ପଠାଇ କ୍ଷୟକ୍ଷତିର ପ୍ରତ୍ୟକ୍ଷ ଅନୁଧ୍ୟାନ କରାଯାଉ ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ୍ ସରକାରୀ ମୁଆବଜା/ସହାୟତା ପ୍ରଦାନ କରାଯାଉ ବୋଲି କହିଛନ୍ତି। ନଚେତ୍ ଆଗାମୀ ଦିନରେ ଏହି ଆଞ୍ଚଳିକ ଚାଷୀ କୂଳ ନିଜର ହକ୍ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

ରାଜୁକୁ ନେଇ ଦୁଇ ରେଞ୍ଜ ମଧ୍ୟରେ ଟଣାଓଟରା !

ହାତୀକୁ ଦେଖିବାକୁ ଗାଁରେ ଜମୁଛି ଭିଡ଼, ସୁରକ୍ଷା ନେଇ ବଢ଼ିଲା ଚିନ୍ତା

ଝାରସୁଗୁଡା,୩୦।୧୦ (ନିପ୍ର): ଗାଁରୁ ଗାଁ ବୁଲୁଥିବା ଦନ୍ତାହାତୀ ରାଜୁ ଏବେ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ହାତୀକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମୁଥିବା ବେଳେ ତା'ର ଚିତ୍ର ଓ ଭିଡିଓ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ପ୍ରସାର କରାଯାଉଛି। କେହି ଧାନ ଖାଇବାକୁ ଦେଉଛନ୍ତି ତ ଆଉ କେହି ନଡ଼ିଆ, କଦଳୀ ଓ ତାଳମଞ୍ଜି ଦେଇ ହାତୀକୁ ଆପ୍ୟାୟିତ କରୁଛନ୍ତି। ହେଲେ ଏହି ଆକର୍ଷଣ ଭିତରେ ହାତୀର ସୁରକ୍ଷା ଓ ଲୋକଙ୍କ ଜୀବନ ପ୍ରତି ବିପଦର ଆଶଙ୍କା ବଢୁଥିବା ବେଳେ ତାକୁ ନେଇ ବାଗଡିହି ଓ ବାମରା ବନାଞ୍ଚଳ ମଧ୍ୟରେ ସମନ୍ୱୟର ଅଭାବ ଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ସୂଚନା ଅନୁଯାୟୀ, ଗତ ଦୁଇଦିନ ଧରି ବାଗଡିହି ବନାଞ୍ଚଳର ତାଲମୁଣ୍ଡା ସେକ୍ସନ ଅନ୍ତର୍ଗତ ବରହାମୂଷା ଗ୍ରାମରେ ରାଜୁ ହାତୀ ରହିଛି।

ହାତୀଟି ଗାଁ ନିକଟରେ ଥିବାରୁ ତାକୁ ଦେଖିବା ପାଇଁ ଶତାଧିକ ଲୋକଙ୍କ ସମାଗମ ହେଉଛି। ଏହି ଭିଡ଼କୁ ନିୟନ୍ତ୍ରଣ କରିବା ସହ ହାତୀର ଗତିବିଧି ଉପରେ ନଜର ରଖିବା ବନ କର୍ମଚାରୀଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ଅନ୍ୟପଟେ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ହାତୀର ଅବସ୍ଥିତିକୁ ନେଇ ଦୁଇ ବନାଞ୍ଚଳର କର୍ମଚାରୀଙ୍କ ମଧ୍ୟରେ ମତଭେଦ ଥିବା ଚର୍ଚ୍ଚା ହେଉଛି। ବାଗଡିହି ବନାଞ୍ଚଳର ତାଲମୁଣ୍ଡା ସେକ୍ସନର ବନପାଳ ଅମିର ପଟେଲଙ୍କ ସୂଚନା ଅନୁସାରେ, ରାଜୁ ହାତୀ ସୀମାନ୍ତ ଗ୍ରାମରେ ରହିଥିବାରୁ ତାକୁ ଅନ୍ୟ ବନାଞ୍ଚଳକୁ ଘଉଡ଼ାଇବା ପ୍ରସଙ୍ଗରେ ମତଭେଦ ଦେଖାଦେଇଛି।

ହାତୀର ଗତିପଥ ପ୍ରାକୃତିକ ଭାବେ ନିର୍ଦ୍ଧାରିତ ହେଉଥିବାରୁ ତାକୁ ଜୋରଜବରଦସ୍ତି ଅନ୍ୟ ଅଞ୍ଚଳକୁ ତଡ଼ିବା ଠିକ୍ ନୁହେଁ ବୋଲି ମତ ପ୍ରକାଶ ପାଇଛି।

ଏପଟେ ବାମରା ବନାଞ୍ଚଳର କର୍ମଚାରୀମାନେ ରାଜୁ ହାତୀର ଗତିବିଧି ଉପରେ ନଜର ରଖିବା ସହ ଏହା ନିଜ ଅଞ୍ଚଳକୁ ପ୍ରବେଶ ନକରିବା ଉପରେ ଧ୍ୟାନ ଦେଉଥିବା କୁହାଯାଉଛି। ଅନ୍ୟପକ୍ଷରେ ହାତୀଟି ନିଜ ଅଞ୍ଚଳରେ ରହିବାକୁ ନେଇ ବାଗଡିହି ବନାଞ୍ଚଳର କର୍ମଚାରୀମାନେ ମଧ୍ୟ ଚିନ୍ତିତ ଥିବା ଆଲୋଚନା ହେଉଛି। ଏଭଳି ସ୍ଥିତିରେ ହାତୀର ସୁରକ୍ଷିତ ଗତିପଥ ନିର୍ଦ୍ଧାରଣ କରିବା ଓ ଦୁଇ ବନାଞ୍ଚଳ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଜରୁରୀ ହୋଇପଡ଼ିଛି। ରାଜୁ ହାତୀକୁ ଦେଖିବା ପାଇଁ ଲୋକଙ୍କ ଆଗ୍ରହ ଯେତିକି ବଢୁଛି, ସେତିକି ବଢୁଛି ବିପଦର ଆଶଙ୍କା। ହାତୀ ନିକଟକୁ ଯାଇ ଖାଦ୍ୟ ଦେବା, ଛବି ଉଠାଇବା କିମ୍ବା ଭିଡିଓ କରିବା ସମୟରେ ସାମାନ୍ୟ ଅସାବଧାନତା ମଧ୍ୟ ଗୁରୁତର ଦୁର୍ଘଟଣାର କାରଣ ହୋଇପାରେ। ହାତୀଟି ଭୟଭୀତ କିମ୍ବା ଉତ୍ତେଜିତ ହେଲେ ପରିସ୍ଥିତି ଅଧିକ ଜଟିଳ ହେବାର ଆଶଙ୍କା ରହିଛି।

ତେଣୁ ହାତୀକୁ ଖାଦ୍ୟ ଦେବା ଓ ତା'ର ଅତି ନିକଟକୁ ଯିବାରୁ ଲୋକେ ନିବୃତ୍ତ ରହିବା ଆବଶ୍ୟକ। ଏଭଳି ପରିସ୍ଥିତିରେ ବନ ବିଭାଗର ଉଚ୍ଚ ଅଧିକାରୀମାନେ ତୁରନ୍ତ ହସ୍ତକ୍ଷେପ କରି ଦୁଇ ବନାଞ୍ଚଳ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ସହ ହାତୀର ଗତିବିଧି ଉପରେ ମିଳିତ ନଜର ରଖିବା ଆବଶ୍ୟକ। ହାତୀଟି ଯେଉଁ ଅଞ୍ଚଳକୁ ଯାଉଛି, ସେଠାରେ ଲୋକଙ୍କୁ ସଚେତନ କରିବା ଓ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ ଦେବାକୁ ଦାବି ହେଉଛି।

ଧାମନଗର ଶାନ୍ତି କମିଟି ବୈଠକ ଫଟୋରେ ଗେରୁଆ ଟୋପି, ଗାମୁଛା ଲଗାଇ ପ୍ରଚାର! ଥାନାରେ ଅଭିଯୋଗ

ଧାମନଗର,୩୦।୧୦ (ନିପ୍ର); ଧାମନଗରରେ ଶାନ୍ତି କମିଟି ବୈଠକର ଫଟୋକୁ ଏଆଇ ମାଧ୍ୟମରେ ନିର୍ମାଣ କରି ସାମାଜିକ ଗଣମାଧ୍ୟମରେ ପ୍ରଚାର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଫଟୋରେ କେତେକ ସଦସ୍ୟଙ୍କ ଟୋପି ପରିବର୍ତ୍ତନ କରି ଗେରୁଆ ଟୋପି ଓ କାନ୍ଧରେ ଗେରୁଆ ଗାମୁଛା ଲଗାଯାଇଥିବା ଅଭିଯୋଗ କରି ଶାନ୍ତି କମିଟିର କିଛି ସଦସ୍ୟ ଓ ସ୍ଥାନୀୟ କିଛି ପ୍ରତିନିଧିମାନେ ଗୁରୁବାର ଧାମନଗର ତହସିଲଦାର ଓ ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଅକ୍ଟୋବର ୯ ତାରିଖରେ ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭାଗୃହରେ ଆଗାମୀ ପର୍ବପର୍ବାଣିକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଶାନ୍ତି କମିଟି ବୈଠକ ହୋଇଥିଲା। ଏଥିରେ ବିଭିନ୍ନ ବର୍ଗ ଓ ସମ୍ପ୍ରଦାୟର ଲୋକେ ଯୋଗ ଦେଇଥିଲେ। ତେବେ ଉକ୍ତ ବୈଠକର ମୂଳ ଫଟୋକୁ ଏଆଇ ମାଧ୍ୟମରେ ପରିବର୍ତ୍ତନ କରାଯାଇ ଫେସବୁକ୍ ସମେତ ଅନ୍ୟ ସାମାଜିକ ଗଣମାଧ୍ୟମରେ ପ୍ରସାର କରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏହି ଫଟୋରେ କିଛି ଅନ୍ୟ ସମ୍ପ୍ରଦାୟର ଲୋକେ ଥିବାରୁ ତାଙ୍କୁ ଗେରୁଆ ରଙ୍ଗ ପିନ୍ଧାଇବା ଖରାପ ଲାଗିଛି।

ଏଭଳି ଫଟୋ ପ୍ରଚାର ପଛରେ କାହାର ଉଦ୍ଦେଶ୍ୟ ରହିଛି ତଦନ୍ତ କରିବାକୁ ଅଭିଯୋଗକାରୀମାନେ ଦାବି କରିଛନ୍ତି। ଏହାଦ୍ୱାରା ଲୋକଙ୍କ ମଧ୍ୟରେ ଭୁଲ୍ ଧାରଣା ସୃଷ୍ଟି ହେବା ସହ ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରଭାବିତ ହେବାର ଆଶଙ୍କା ରହିଥିବା ସେମାନେ ଅଭିଯୋଗରେ କହିଛନ୍ତି। ଘଟଣାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା, ଆଇନ ଅନୁଯାୟୀ ପଦକ୍ଷେପ ନେବା ଏବଂ ଫଟୋକୁ ସାମାଜିକ ଗଣମାଧ୍ୟମରୁ ହଟାଇବାକୁ ଥାନା ଅଧିକାରୀ ସୁବ୍ରଜିତ୍ ଦାସଙ୍କ ନିକଟରେ ଦାବି କରାଯାଇଛି। ଏଥିରେ ପ୍ରତାପ ସାମଲ, ଏମଡି ଫକ୍ରୋଉଦ୍ଦିନ, ସେକ ମୁସ୍ତାକ, ସେକ ଆସଲମ, ଏମଡି ମଞ୍ଜୁରୁଲ ହକ୍, ଜଗବନ୍ଧୁ ପ୍ରଧାନ, ଏମଡି ହବିବୁର ରହେମାନ, ସେକ ରୁସ୍ତମ୍, ସୁଶାନ୍ତ ରାଉତ ସମେତ ଅନ୍ୟମାନେ ତହସିଲ୍ ଓ ଥାନା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ବଢ଼ିଲା ଭାସ୍କର ରାଓଙ୍କ ଅଡୁଆ ଅଗ୍ରିମ ଜାମିନ ଆବେଦନ ଖାରଜ

ରାୟଗଡ଼ା,୩୦।୧୦ (ନିପ୍ର); ବଢ଼ିଲା ଭାସ୍କର ରାଓଙ୍କ ଅଡୁଆ। ହାଇକୋର୍ଟଙ୍କ ଅଗ୍ରୀମ ଜାମିନ ଆଦେଶ ସୁପ୍ରିକୋର୍ଟଙ୍କ ଦ୍ୱାରା ଖାରଜ। ରାୟଗଡ଼ା ଯୁବ ଆଦିବାସୀ ନେତା ଭାଗିରଥି ମାଣ୍ଡଙ୍ଗି ହତ୍ୟା ମାମଲାରେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ପୂର୍ବତନ ବିଜେଡିର ପୁରୁଖା ନେତା ତଥା ବର୍ତ୍ତମାନର ବିଜୁ ସ୍ୱାଭିମାନ ମଞ୍ଚର ଆବାହକ ଭାସ୍କର ରାଓଙ୍କ ଅଡୁଆ ବଢ଼ିଛି ।ହାଇକୋର୍ଟ ପ୍ରଦାନ କରିଥିବା ଅଗ୍ରିମ ଜାମିନକୁ ସର୍ବୋଚ୍ଚନ୍ୟାୟାଳୟ ଖାରଜ କରିବା ସହ ଭାସ୍କର ରାଓଙ୍କ ସମେତ ଅନ୍ୟ ୬ ଅଭିଯୁକ୍ତଙ୍କୁ ଏସଡିଜେମ କୋର୍ଟରେ ୨ ସପ୍ତାହ ମଧ୍ୟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୦ରେ ଯୁବ ଆଦିବାସି ନେତା ଭାଗିରଥି ମାଣ୍ଡାଙ୍ଗି ଙ୍କ ହତ୍ୟା ଘଟଣାକୁ ନେଇ ଏହି ମାମଲା ରୁଜୁ ହୋଇଥିଲା। ହତ୍ୟା ଘଟଣାରେ ଭାସ୍କର ରାଓଙ୍କ ସମେତ ୬ ଜଣଙ୍କ ସଂପୃକ୍ତି ନେଇ ମୃତକଙ୍କ ପରିବାର , ତାଙ୍କ ଭାଇ ଜଗନ୍ନାଥ ମାଣ୍ଡାଙ୍ଗି ଏବଂ ଆଦିବାସି ମହସଂଘ ଅଭିଯୋଗ ଉଠାଇଥିଲେ। ଓ ଭାସ୍କର ରାଓଙ୍କ ଗିରଫ ଦବିରେ ରାୟଗଡରେ ରାୟଗଡାରେ ବିଭିନ୍ନ ସମୟରେ ଆନ୍ଦୋଳନ ସଭାଯତ୍ରା ଓ ରାଲି ମଧ୍ୟ ହେଉଥିଲା। ମାମଲାଟି ଏସଡିଜେଏମ କୋର୍ଟରେ ବିଚାରାଧୀନ ରହିଥିବା ବେଳେ ଆଦଲତଙ୍କ ପକ୍ଷରୁ ଭାସ୍କର ରାଓଙ୍କ ସମେତ ଅନ୍ୟ ୬ ଅଭିଯୁକ୍ତଙ୍କ ବିରୋଧରେ ଜାମିନ୍ ବିହୀନ ପରୱାନା ଜାରି ହୋଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଭାସ୍କର ରାଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କୁ ଅଗ୍ରିମ ଜାମିନ ପ୍ରଦାନ୍ କରିଥିଲେ। ତେବେ ହାଇକୋର୍ଟଙ୍କ ଏହି ଆଦେଶକୁ ଚ୍ୟାଲେଞ୍ଜ କରି ମୃତ ଭାଗିରଥିଙ୍କ ଭାଇ ଜଗନ୍ନାଥ ମାନ୍ ଡାଙ୍ଗି ସୁପ୍ରିକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ତଥ୍ୟ ଓ ପ୍ରମାଣ ବିଚାର କରି ସୁପ୍ରିକୋର୍ଟ ହାଇକୋର୍ଟଙ୍କ ଅଗ୍ରିମ ଜାମିନ ଆଦେଶକୁ ଖାରଜ କରିଛନ୍ତି।

କୋଲାବିରା ଓ ଲଇକେରାରେ ନ୍ୟାୟିକ ସେବାର ନୂଆ ଅଧ୍ୟାୟ

ଉଦ୍‌ଘାଟିତ ହେଲା ଦୁଇ ଜେଏମ୍‌ଏଫ୍‌ସି ଅଦାଲତ, ସ୍ଥାନୀୟ ଅଞ୍ଚଳବାସୀଙ୍କୁ ମିଳିବ ଆଇନଗତ ସୁବିଧା

ଝାରସୁଗୁଡା,୩୦।୧୦ (ନିପ୍ର): ଗ୍ରାମାଞ୍ଚଳରେ ନ୍ୟାୟିକ ସେବାକୁ ଅଧିକ ସୁଗମ କରିବା ଦିଗରେ ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ଓ ଲଇକେରାରେ ନୂତନ ଜେଏମ୍‌ଏଫ୍‌ସି ଅଦାଲତ କାର୍ଯ୍ୟକ୍ଷମ ହେବାର ପଥ ପ୍ରଶସ୍ତ ହୋଇଛି। ଗୁରୁବାର ଉଭୟ ବ୍ଲକ ସଦର ମହକୁମାରେ କନିଷ୍ଠ ଦେୱାନୀ ବିଚାରପତି ତଥା ନ୍ୟାୟିକ ମାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀ (ଜେଏମ୍‌ଏଫ୍‌ସି) ଅଦାଲତ ଉଦ୍‌ଘାଟିତ ହୋଇଛି।

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀରମନ ଆଭାସି ମାଧ୍ୟମରେ ଏହି ଦୁଇ ଅଦାଲତର ଉଦ୍‌ଘାଟନ କରିଥିଲେ। କୋଲାବିରା ବ୍ଲକ କାର୍ଯ୍ୟାଳୟ ପରିସରରେ ନୂତନ ଅଦାଲତ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ନିର୍ମାଣ କରାଯାଇଥିବା ବେଳେ ଲଇକେରାରେ କଲ୍ୟାଣ ମଣ୍ଡପସ୍ଥିତ ରବୀନ୍ଦ୍ର ପାଠାଗାରଠାରେ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ ହୋଇଛି। କୋଲାବିରାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଦାଲତ ପାଇଁ ନିଯୁକ୍ତ ଜିଲ୍ଲା ଦୌରାଜଜ୍ ଦେବାଶିଷ ମିଶ୍ର ଉପସ୍ଥିତ ଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ, ତହସିଲଦାର ମନୋଜ ପ୍ରଭାକର କୁଜୁର, ଏବିଡିଓ ରାଜେଶ ରୋଶନ ଗୁଡ଼ିଆ, ଝାରସୁଗୁଡ଼ା ସିଭିଲ କୋର୍ଟ ରେଜିଷ୍ଟ୍ରାର ସ୍ୱର୍ଣ୍ଣଲତା ନାୟକ, କୋଲାବିରା ଥାନା ଅଧିକାରୀ ସନ୍ତୋଷ ପଧାନଙ୍କ ସମେତ ଆଇନଜୀବୀ ଧୀରେନ୍ଦ୍ରକୁମାର ଶତପଥୀ, ଶକ୍ତିଭୂଷଣ ସେଠୀ, ମନୋଜକୁମାର କାଲୋ, ସଞ୍ଜୀବ ସାହୁ, ଖଗେଶ୍ୱର ଛଟାନ ଓ ଲକ୍ଷ୍ମୀ ବାଗ ଉପସ୍ଥିତ ଥିଲେ।

ସେହିପରି ଲଇକେରାରେ ଅଦାଲତ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଜିଲ୍ଲା ଦୌରାଜଜ୍ ପ୍ରଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଠାରେ ନିଯୁକ୍ତ ଦୌରାଜଜ୍ ପବିତ୍ର ମୋହନ ପଣ୍ଡାଙ୍କ ସମେତ ଉପ-ପ୍ରଶାସନିକ ରଜିତ କୁମାର ଥାନାପତି, ସୁବାଷ ଚନ୍ଦ୍ର ପ୍ରଧାନ, ଓକିଲ ସଂଘ ସଭାପତି ରଘୁମଣୀ ପଟେଲ, ସମ୍ପାଦକ ନୀଳାଦ୍ରୀ ବିହାରୀ ପଣ୍ଡା, ଆଇନଜୀବୀ ସନ୍ତୋଷ ଦାସ, ସନ୍ଦୀପ ଅଗସ୍ତି, ବିଶ୍ୱନାଥ ପଟ୍ଟନାୟକ, ନିରଦାକାନ୍ତ ମିଶ୍ର, ତପନ ନନ୍ଦ ଓ କବିତା ରାଏ ପ୍ରମୁଖ ଯୋଗ ଦେଇଥିଲେ। ଉଭୟ ଅଞ୍ଚଳରେ ଅଦାଲତ ପ୍ରତିଷ୍ଠା ହେବା ଫଳରେ ସ୍ଥାନୀୟ ଲୋକଙ୍କୁ ନ୍ୟାୟିକ ସେବା ପାଇଁ ଦୂରଦୂରାନ୍ତକୁ ଯିବାର ଆବଶ୍ୟକତା କମିବା ସହ ମାମଲାର ଶୁଣାଣି ଓ ଆଇନଗତ ପ୍ରକ୍ରିୟାରେ ସୁବିଧା ମିଳିବା ଆଶା କରାଯାଉଛି।

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷା, କ୍ଷେତରେ ଶୋଇଲା ପାଚିଲା ଧାନ

ଝାରସୁଗୁଡା,୩୦।୧୦: ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଝାରସୁଗୁଡ଼ା ଜିଲ୍ଲାର ଲଇକେରା ବ୍ଲକ ଅଞ୍ଚଳରେ ଦୁଇ ଦିନ ଧରି ଲାଗି ରହିଥିବା ଲଗାଣ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଅମଳ ଅପେକ୍ଷାରେ ଥିବା ପାଚିଲା ଧାନ ଜମିରେ ଶୋଇ ପଡ଼ିଥିବାରୁ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷରେ ଲଗାଣ ବର୍ଷା ଯୋଗୁଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଘରୋଇ କ୍ଷୟକ୍ଷତି ମଧ୍ୟ ଘଟିଛି। କେଉଁଠି ଗାଈ ଗୁହାଳ ଭାଙ୍ଗି ପଡ଼ିଥିବା ବେଳେ ଆଉ କେଉଁଠି ବିଶାଳ ନିମ୍ବ ଗଛ ଉପୁଡ଼ି କାର ଉପରେ ପଡ଼ିଛି। ସୂଚନା ଅନୁଯାୟୀ, ବୁଧବାର ରାତିରେ ଲଇକେରା ବ୍ଲକର ସାହାସପୁର ପଞ୍ଚାୟତ ଅନ୍ତର୍ଗତ ନାଏକବନ୍ଧପାଲି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଗାଈ ଗୁହାଳଟି ଲଗାଣ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲା। ଏହାଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କ କ୍ଷୟକ୍ଷତି ହୋଇଛି। ସେହିପରି ଗୁରୁବାର ଲଇକେରା ଥାନା ସମ୍ମୁଖରେ ଥିବା ଏକ ବିଶାଳ ନିମ୍ବ ଗଛ ଭାଙ୍ଗି ପଡ଼ିବାରୁ ଜଣେ ଓକିଲଙ୍କ କାର କ୍ଷତିଗ୍ରସ୍ତ ହୋଇଛି। ଗଛଟି ରାସ୍ତା ଉପରେ ପଡ଼ିବା ସହ ବିଦ୍ୟୁତ୍ ତାର ଉପରେ ଲାଗି ରହିଥିଲା। ଫଳରେ କିଛି ସମୟ ପାଇଁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଥିଲା। ଖବର ପାଇ ଲଇକେରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛଟିକୁ କାଟି ରାସ୍ତାରୁ ହଟାଇଥିଲେ। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ, ଲଗାଣ ବର୍ଷାର ପ୍ରଭାବରେ ଲଇକେରା ବ୍ଲକର ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ଶତାଧିକ ଏକର ଚାଷଜମିରେ ପାଚିଲା ଧାନ ଶୋଇ ପଡ଼ିଥିବା ଜଣାପଡ଼ିଛି। ଧାନ ଅମଳର ଠିକ୍ ପୂର୍ବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଉତ୍ପାଦନ ହ୍ରାସ ପାଇବା ସହ ଧାନର ମାନ ନଷ୍ଟ ହେବା ଆଶଙ୍କା ରହିଛି। ବର୍ଷା ଲାଗି ରହିଲେ ଧାନ ଅମଳରେ ବିଳମ୍ବ ହେବା ସହ ଚାଷୀଙ୍କ ଆର୍ଥିକ କ୍ଷତି ବଢ଼ିପାରେ। ଫସଲ ଅମଳ ସମୟରେ ଏଭଳି ବିପର୍ଯ୍ୟୟ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଥିବାବେଳେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରି ପ୍ରଭାବିତ ଚାଷୀଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଚାଷୀ ମହଲରେ ଦାବି ହୋଇଛି।

ସହମତିରେ ଗଢ଼ିଥିବା ସମ୍ପର୍କ ଭାଙ୍ଗିଗଲେ...

ସମ୍ପର୍କ ନୁହେଁ ବଳାତ୍କାର: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୩୦/୧୦: ଦୁଇଜଣ ବୟସ୍କଙ୍କ ମଧ୍ୟରେ ସହମତିରେ ଶାରୀରିକ ସମ୍ପର୍କ ଗଢ଼ିଥିବାବେଳେ ପରେ ସମ୍ପର୍କ ଖରାପ ହୋଇଗଲେ, ପୂର୍ବରୁ ହୋଇଥିବା ଶାରୀରିକ ସମ୍ପର୍କକୁ ବଳାତ୍କାର ବୋଲି କୁହାଯାଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ଶୁକ୍ରବାର ଜଷ୍ଟିସ୍ ବି.ଭି. ନାଗରତ୍ନା ଓ ଜଷ୍ଟିସ୍ ଆର. ମହାଦେବନ୍‌ଙ୍କ ଖଣ୍ଡପୀଠ ଏକ ମାମଲାରେ ଜଣେ କେରଳ ନିବାସୀଙ୍କୁ ବଳାତ୍କାର ଓ ଠକେଇ ଅଭିଯୋଗରୁ ମୁକ୍ତ କରିବା ସମୟରେ ଏହି ମତ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ସମ୍ପର୍କ ଭାଙ୍ଗିଯିବା ପରେ ପୂର୍ବରୁ ସହମତିରେ ହୋଇଥିବା ଶାରୀରିକ ସମ୍ପର୍କକୁ ବଳାତ୍କାର ଭାବେ ଚିତ୍ରଣ କରାଯାଇପାରିବ ନାହିଁ। ତେବେ ଆରମ୍ଭରୁ ଯଦି ଜାଣିଶୁଣି ଠକେଇ କିମ୍ବା ମିଥ୍ୟା ପ୍ରତିଶ୍ରୁତି ଦେଇ ସହମତି ହାସଲ କରାଯାଇଥାଏ,

ତାହା ଭିନ୍ନ ମାମଲା। ଏଭଳି ଘଟଣାରେ ସହମତିର ବୈଧତା ଓ ଅଭିଯୁକ୍ତଙ୍କ ଉଦ୍ଦେଶ୍ୟକୁ ଯାଞ୍ଚ କରିବା ଆବଶ୍ୟକ। ଏହି ମାମଲାର ଅଭିଯୁକ୍ତ ସନ୍ତୋଷ କୁମାର ଏନ୍.ପି. କେରଳ ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ବିରୋଧରେ ବଳାତ୍କାର, ଠକେଇ ଓ ବିଶ୍ୱାସଭଙ୍ଗ ଅଭିଯୋଗ ରହିଥିଲା। ଅଭିଯୋଗ ଅନୁଯାୟୀ, ସେ ନିଜର ପୂର୍ବ ବିବାହ ସମ୍ପର୍କରେ ତଥ୍ୟ ଲୁଚାଇ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଥିଲେ। ପୂର୍ବ ବିବାହ ଆଇନଗତ ଭାବେ ରଦ୍ଦ ହୋଇନଥିବା ସତ୍ତ୍ୱେ ସେ ଦ୍ୱିତୀୟ ବିବାହ କରିଥିବା ମହିଳା ଅଭିଯୋଗ କରିଥିଲେ। ଏହା ଫଳରେ ବିବାହ ସମ୍ପର୍କରେ ମିଥ୍ୟା ଧାରଣା ସୃଷ୍ଟି କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖାଯାଇଥିବା ସେ ଦାବି କରିଥିଲେ। ଉଭୟଙ୍କ ବିବାହ ମହୀଶୂରରେ ହୋଇଥିବା ଏବଂ ୧୯୯୬ରୁ ୨୦୦୩ ପର୍ଯ୍ୟନ୍ତ ସେମାନେ ଏକାଠି ରହିଥିବା ଅଭିଯୋଗରେ ଉଲ୍ଲେଖ ଅଛି। ଖଣ୍ଡପୀଠ କହିଛନ୍ତି, ଏକ ସହମତିଭିତ୍ତିକ ସମ୍ପର୍କ ଶେଷ ହେବା ପରେ ପ୍ରତ୍ୟେକ ଘଟଣାକୁ ଅପରାଧିକ ମାମଲାରେ ପରିଣତ କରିବାର ପ୍ରବୃତ୍ତି ଚିନ୍ତାଜନକ। କେବଳ ସମ୍ପର୍କ ଭାଙ୍ଗିଯିବା ଆଧାରରେ ଅପରାଧ ନିର୍ଦ୍ଧାରଣ କରାଯାଇପାରିବ ନାହିଁ। ଜଣେ ବ୍ୟକ୍ତିଙ୍କର ସମ୍ପର୍କରୁ ଓହରିଯିବାର ଅଧିକାର ରହିଛି। ତେବେ ବଳାତ୍କାର ଏକ ଗୁରୁତର ଅପରାଧ ହୋଇଥିବାରୁ ଯେଉଁଠାରେ ପ୍ରକୃତ ଯୌନ ହିଂସା, ଜବରଦସ୍ତି କିମ୍ବା ସହମତିକୁ ଠକେଇ ମାଧ୍ୟମରେ ହାସଲ କରାଯାଇଥିବାର ପ୍ରମାଣ ରହିଛି, ସେଠାରେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଯିବା ଉଚିତ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ପ୍ରକୃତ ଯୌନ ଅପରାଧର ଅଭିଯୋଗକୁ ଗୁରୁତ୍ୱର ସହ ନେବା ସହ ନ୍ୟାୟ ବ୍ୟବସ୍ଥାର ଦୁରୁପଯୋଗ ରୋକିବା ମଧ୍ୟ ଆବଶ୍ୟକ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି।

ନାସା ପକ୍ଷରୁ ବାତ୍ୟା 'ଅର୍ଣ୍ଣବ' ଚିତ୍ର ଜାରି



କଲମ୍ବୋ,୩୦।୧୦: ବାତ୍ୟା 'ଅର୍ଣ୍ଣବ' ଭାରତର ବଡ଼ ଅଞ୍ଚଳକୁ ପ୍ରଭାବିତ କରିଛି। ବିଶେଷକରି ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ତେଲେଙ୍ଗାନାର ବିଭିନ୍ନ ଅଞ୍ଚଳରେ ଏହି ବାତ୍ୟା ଯୋଗୁଁ ଧନଜୀବନ କ୍ଷତି ହୋଇଛି। ଚଳିତ ବର୍ଷ ଉତ୍ତର ହିନ୍ଦ ମହାସାଗରୀୟ ବାତ୍ୟା ଋତୁର ପ୍ରଥମ ବାତ୍ୟା ଅର୍ଣ୍ଣବ ଅକ୍ଟୋବର ୨୮ ତାରିଖ ସକାଳେ ଭାରତୀୟ ଉପକୂଳରେ ସ୍ଥଳଭାଗ ଛୁଇଁଥିଲା। ଆମେରିକାର ନୋଆ-୨୦ ଉପଗ୍ରହ ଅକ୍ଟୋବର ୨୭ ତାରିଖରେ ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ଏହାର ଚିତ୍ର ଉତ୍ତୋଳନ କରିଥିଲା। ନାସା ପକ୍ଷରୁ ଏହି ଉପଗ୍ରହ ଚିତ୍ର ଜାରି କରାଯାଇଛି। ଏଥିସହ ବାତ୍ୟା ସହ ଏଲ୍ ନିନୋର ସମ୍ପର୍କ ବିଷୟରେ ମଧ୍ୟ ତଥ୍ୟ ଦିଆଯାଇଛି। ନାସାର ସୂଚନା ଅନୁଯାୟୀ, ଅକ୍ଟୋବର ୨୫ ତାରିଖରେ ବଙ୍ଗୋପସାଗରରେ ଏହି ବାତ୍ୟାର ସୃଷ୍ଟି ହୋଇଥିଲା।

ବିଜେପିର ବରିଷ୍ଠ ନେତା ଆରକେ ସିହ୍ନାଙ୍କ ପରଲୋକ

ନୂଆଦିଲ୍ଲୀ, ୩୦/୧୦: ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ରବୀନ୍ଦ୍ର କିଶୋର ସିହ୍ନାଙ୍କର ଶୁକ୍ରବାର ୭୫ ବର୍ଷ ବୟସରେ ପରଲୋକ ହୋଇଛି। ଉତ୍ତରପ୍ରଦେଶର ନୋଏଡାସ୍ଥିତ ନିଜ ବାସଭବନରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ସ୍ୱଳ୍ପକାଳୀନ ଅସୁସ୍ଥତା ପରେ ତାଙ୍କର ଦେହାନ୍ତ ହୋଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ତାଙ୍କ ବିୟୋଗରେ ବିଜେପିର ବହୁ ବରିଷ୍ଠ ନେତା, କେନ୍ଦ୍ରମନ୍ତ୍ରୀ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ବିଜେପିର ଜାତୀୟ ସଭାପତି ନିତିନ ନବୀନ ଏମ୍ସରେ ସିହ୍ନାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଦେଶବାସୀଙ୍କ ସେବାରେ ରହିବି: ମୋଦୀ

ଗୁଜରାଟ, ୩୦/୧୦: ନିଜର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଦେଶବାସୀଙ୍କ ସେବାରେ ନିୟୋଜିତ ରହିବେ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବିହାରର ପାଟନାଠାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ତାଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେବାର କିଛି ଦିନ ପରେ ଶୁକ୍ରବାର ଗୁଜରାଟର ବନସକାଣ୍ଠା ଜିଲ୍ଲାର ଭିଲ୍‌ଡିଠାରେ ଏକ ସଭାରେ ଉଦ୍‌ବୋଧନ ଦେଇ ମୋଦୀ ଏହା କହିଛନ୍ତି। ଏହି ଅବସରରେ ସେ ବିରୋଧୀ ଦଳଗୁଡ଼ିକୁ ନିଶାଣ କରିବା ସହ ଦେଶରେ ସଙ୍କଟ ସୃଷ୍ଟି ହେବା ନେଇ ଗୁଜବ ପ୍ରଚାର କରାଯାଉଥିବା ଅଭିଯୋଗ କରିଛନ୍ତି। ଗୁଜରାଟର ବନସକାଣ୍ଠା ଜିଲ୍ଲାର ଭିଲ୍‌ଡିଠାରେ ଭାରତୀୟ ଗୋବଂଶ ପ୍ରଜନନ ଓ ଗବେଷଣା କେନ୍ଦ୍ରର ଉଦ୍‌ଘାଟନ କରିବା ସହ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରି ମୋଦୀ କହିଥିଲେ ଯେ, ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଜନସାଧାରଣଙ୍କ ସେବା କରିଚାଲିବେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୪ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ସହ ଜଡ଼ିତ ଉଦ୍‌ଘାଟନ ଓ ଶିଳାନ୍ୟାସ

କରାଯାଇଥିଲା।ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରି ମୋଦୀ କହିଥିଲେ ଯେ, ଦେଶରେ ସମସ୍ୟା ସୃଷ୍ଟି ହେଲେ କିଛି ଲୋକ ଖୁସି ହୁଅନ୍ତି। ଇରାନ ଯୁଦ୍ଧ ପରେ ଦେଶରେ ସାରର ଅଭାବ ଦେଖାଦେବ ଏବଂ ଲୋକଙ୍କୁ ରନ୍ଧନ ଗ୍ୟାସ୍ ସିଲିଣ୍ଡର ମିଳିବ ନାହିଁ ବୋଲି ଗୁଜବ ପ୍ରଚାର କରାଯାଇଥିବା ସେ ଅଭିଯୋଗ କରିଥିଲେ। ଏହାଦ୍ୱାରା ସରକାରଙ୍କୁ ବଦନାମ କରିବାକୁ ଉଦ୍ୟମ ହୋଇଥିବା ସେ କହିଥିଲେ। ମୋଦୀଙ୍କ କହିବା ଅନୁଯାୟୀ, ବିଶ୍ୱସ୍ତରରେ ଅସ୍ଥିରତା ଯୋଗୁଁ ସାରର ଦାମ୍ ବଢ଼ିଥିଲେ ମଧ୍ୟ ଏହାର ଅତିରିକ୍ତ ବୋଝ ଚାଷୀଙ୍କ ଉପରେ ପକାଯାଇନାହିଁ। ଚାଷୀଙ୍କ କଲ୍ୟାଣକୁ ସରକାର ପ୍ରାଥମିକତା ଦେଇଆସିଛନ୍ତି। ପିଏମ୍ କିଷାନ ସମ୍ମାନ ନିଧି ଯୋଜନାରେ କ୍ଷୁଦ୍ର ଚାଷୀଙ୍କୁ ୪.୫ ଲକ୍ଷ କୋଟି ଟଙ୍କା ଦିଆଯାଇଥିବା ମଧ୍ୟ ସେ କହିଥିଲେ। ଅକ୍ଟୋବର ୨୫ରେ ବିହାରର ପାଟନାଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବା ସମୟରେ ଖଡ୍‌ଗେ କହିଥିଲେ, 'ମୋଦୀ କା ବାପ୍ ଭି ଜାଏଗା'। ଜଣେ ବ୍ୟକ୍ତି ମୋଦୀ କ୍ଷମତାରୁ ହଟିବେ ନାହିଁ ବୋଲି କହିବା ପରେ ଖଡ୍‌ଗେ ଏହି ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ବିଜେପି ତୀବ୍ର ପ୍ରତିବାଦ କରିବା ସହ ଖଡ୍‌ଗେଙ୍କୁ କ୍ଷମା ମାଗିବାକୁ ଦାବି କରିଥିଲା। ଏହି ବିବାଦ ପରେ ମୋଦୀଙ୍କ ଜନସେବା ସମ୍ପର୍କିତ ମନ୍ତବ୍ୟ ଆସିଛି।

୬ ରାଜ୍ୟରେ ଏସ୍‌ଆଇଆର ଅବଧି ବୃଦ୍ଧି

ନୂଆଦିଲ୍ଲୀ, ୩୦/୧୦: ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟା ପାଇଁ ଦିଲ୍ଲୀ ସମେତ ୬ଟି ରାଜ୍ୟରେ ସମୟସୀମା ବଢ଼ାଇଛନ୍ତି ନିର୍ବାଚନ ଆୟୋଗ। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ଦିଲ୍ଲୀରେ ଚୂଡ଼ାନ୍ତ ଭୋଟର ତାଲିକା ଡିସେମ୍ବର ୨୨ରେ ପ୍ରକାଶ ପାଇବ। ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ହରିୟାଣା, ତେଲଙ୍ଗାନା ଓ ନାଗାଲାଣ୍ଡରେ ଚୂଡ଼ାନ୍ତ ତାଲିକା ନଭେମ୍ବର ୩୦ରେ ପ୍ରକାଶ କରାଯିବ। ସମ୍ପୃକ୍ତ ରାଜ୍ୟଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁରୋଧ ପରେ ଏହି ପରିବର୍ତ୍ତନ କରାଯାଇଛି। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଦିଲ୍ଲୀରେ ଦାବି ଓ ଆପତ୍ତି ଦାଖଲ କରିବାର ଶେଷ ତାରିଖ ଅକ୍ଟୋବର ୩୦ ଥିଲା। ଏବେ ଏହାକୁ ନଭେମ୍ବର ୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ଦାଖଲ ହୋଇଥିବା ଦାବି ଓ ଆପତ୍ତିର ଯାଞ୍ଚ ଏବଂ ଫଇସଲା ପାଇଁ ଡିସେମ୍ବର ୧୫ ଯାଏ ସମୟ ଦିଆଯାଇଛି। ପୂର୍ବରୁ ଚୂଡ଼ାନ୍ତ ତାଲିକା ଡିସେମ୍ବର ୪ରେ ପ୍ରକାଶ ପାଇବାର କାର୍ଯ୍ୟସୂଚୀ ରହିଥିଲା। ମହାରାଷ୍ଟ୍ରରେ ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖ ଅକ୍ଟୋବର ୨୬ରୁ ବଢ଼ାଇ ନଭେମ୍ବର ୧୩ କରାଯାଇଛି। ସେଠାରେ ଦାବି ଓ ଆପତ୍ତିର ଫଇସଲା ନଭେମ୍ବର ୨୫ ଯାଏ ଚାଲିବ। ଆନ୍ଧ୍ରପ୍ରଦେଶ ଓ ହରିୟାଣାରେ ଏହି ପ୍ରକ୍ରିୟା ନଭେମ୍ବର ୨୦ ଯାଏ ଏବଂ ନାଗାଲାଣ୍ଡରେ ନଭେମ୍ବର ୨୫ ଯାଏ ଚାଲିବ। ତେଲଙ୍ଗାନାରେ ଏହାର ଶେଷ ତାରିଖ ନଭେମ୍ବର ୨୬ ରଖାଯାଇଛି। ଦିଲ୍ଲୀରେ ଏସ୍‌ଆଇଆର ପ୍ରକ୍ରିୟାର ସମୟସୀମାକୁ ନେଇ ସୁପ୍ରିମ୍‌କୋର୍ଟ ପ୍ରଶ୍ନ ଉଠାଇବାର ଦିନକ ପରେ ନିର୍ବାଚନ ଆୟୋଗଙ୍କ ଏହି ନିଷ୍ପତ୍ତି ଆସିଛି। ଅଦାଲତ ପଚାରିଥିଲେ, ଦିଲ୍ଲୀରେ ନିକଟ ଭବିଷ୍ୟତରେ ନିର୍ବାଚନ ନ ଥିବାବେଳେ ଭୋଟରଙ୍କ ପାଇଁ ଏତେ କମ୍ ସମୟସୀମା ରଖିବାର ଆବଶ୍ୟକତା କ'ଣ ଯେଉଁ ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ପଡ଼ିଛି, ସେମାନଙ୍କୁ ନାମ ସାମିଲ କରିବା ଓ ତଥ୍ୟ ସଂଶୋଧନ ପାଇଁ ସୁଯୋଗ ଦେବାକୁ ଅଦାଲତ ଗୁରୁତ୍ୱ ଦେଇଥିଲେ।

ଡ୍ରୋନ୍ ଯୁଦ୍ଧ ପାଇଁ ଖର୍ଚ୍ଚ ହେବ ୧.୫ ଲକ୍ଷ କୋଟି ଟଙ୍କା

ନୂଆଦିଲ୍ଲୀ, ୩୦/୧୦: ଆଧୁନିକ ଯୁଦ୍ଧରେ ଡ୍ରୋନ୍‌ର ବଢୁଥିବା ଗୁରୁତ୍ୱକୁ ଦୃଷ୍ଟିରେ ରଖି ଭାରତ ନିଜର ସାମରିକ ଡ୍ରୋନ୍ କ୍ଷମତା ବଢ଼ାଇବାକୁ ବଡ଼ ଯୋଜନା କରିଛି। ଆସନ୍ତା ୫ ବର୍ଷରେ ସ୍ଥଳସେନା, ନୌସେନା ଓ ବାୟୁସେନା ମିଳିତ ଭାବେ ୧.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଡ୍ରୋନ୍ କିଣିବେ। ଏଥିରେ ଦୀର୍ଘଦୂରଗାମୀ ଆକ୍ରମଣକାରୀ ଡ୍ରୋନ୍, ଗୁପ୍ତ ଉଡ଼ାଣ କ୍ଷମତାସମ୍ପନ୍ନ ଡ୍ରୋନ୍, ନିରୀକ୍ଷଣ ଡ୍ରୋନ୍ ଏବଂ ଏକାସାଙ୍ଗରେ ଅନେକ ଡ୍ରୋନ୍ ଦ୍ୱାରା ଆକ୍ରମଣ କରିବାର ବ୍ୟବସ୍ଥା ରହିଛି। ଗତବର୍ଷ ଭାରତ-ପାକିସ୍ତାନ ସଂଘର୍ଷ ସମୟରେ ଡ୍ରୋନ୍‌ର ବ୍ୟବହାର ଏହାର ସାମରିକ ଗୁରୁତ୍ୱକୁ ସ୍ପଷ୍ଟ କରିଥିଲା। ଏହା ପରେ ଭାରତୀୟ ସେନା ଏହି କ୍ଷେତ୍ରରେ ନିଜର ପ୍ରସ୍ତୁତିକୁ ଜୋରଦାର କରିଛି। ତେବେ ବିପୁଳ ଅର୍ଥ ବ୍ୟୟ କରି ଡ୍ରୋନ୍ କିଣିବା ସହିତ ସେଗୁଡ଼ିକର ଉତ୍ପାଦନ, ଯନ୍ତ୍ରାଂଶ ଯୋଗାଣ, ପରିଚାଳନା ଓ ଯୁଦ୍ଧକ୍ଷେତ୍ରରେ ସମନ୍ୱିତ ବ୍ୟବହାର ପାଇଁ ଭାରତକୁ ଆହୁରି ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଭାରତୀୟ ସେନା ପ୍ରାୟ ୫୪୦ଟି ଜେଟ୍ ଇଞ୍ଜିନ୍‌ଯୁକ୍ତ ଆକ୍ରମଣକାରୀ ଡ୍ରୋନ୍ କିଣିବା ଯୋଜନା କରିଛି। ଏହି ଡ୍ରୋନ୍‌ଗୁଡ଼ିକ ଅଧିକ ବେଗରେ ଉଡ଼ି ଶତ୍ରୁପକ୍ଷର ଲକ୍ଷ୍ୟସ୍ଥଳକୁ ଧକ୍କା ଦେଇ ବିସ୍ଫୋରଣ କରିପାରିବେ। ଏଗୁଡ଼ିକୁ 'କାମିକାଜେ ଡ୍ରୋନ୍' କୁହାଯାଏ। ପାରମ୍ପରିକ କ୍ଷେପଣାସ୍ତ୍ର ତୁଳନାରେ ଏଭଳି ଡ୍ରୋନ୍ ନିର୍ମାଣ ଖର୍ଚ୍ଚ କମ୍ ହୋଇପାରେ।

ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ ହେବ ସାଙ୍କେତିକ ମହାଭିଯୋଗ

ନୂଆଦିଲ୍ଲୀ, ୩୦/୧୦: ରାଜଧାନୀ ଦିଲ୍ଲୀରେ ପ୍ରବଳ ବର୍ଷା ଯୋଗୁଁ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ''ଇଣ୍ଡିଆ'' ମେଣ୍ଟ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ''ଜନ ମହାଭିଯୋଗ'' କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ବାସଭବନ ବାହାରେ ଅନୁଷ୍ଠିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସର୍ବସମ୍ମତି କ୍ରମେ ଏହି କାର୍ଯ୍ୟକ୍ରମକୁ ଆସନ୍ତାକାଲି ଅର୍ଥାତ୍ ଅକ୍ଟୋବର ୩୧ ତାରିଖକୁ ଘୁଞ୍ଚାଯାଇଥିବା ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୂଚନା ଦେଇଛନ୍ତି। ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଏବଂ ଆୟୁକ୍ତଙ୍କ ପକ୍ଷପାତିତା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକ ଏହି ସାଙ୍କେତିକ ଶୁଣାଣିର ଆୟୋଜନ କରିଛନ୍ତି। କନଷ୍ଟିଚ୍ୟୁସନ୍ କ୍ଲବ୍ କିମ୍ବା ତାଲକଟୋରା ଷ୍ଟାଡିୟମରେ ଅନୁମତି ନମିଳିବାରୁ ଏହି କାର୍ଯ୍ୟକ୍ରମ ଖଡଗେଙ୍କ ସରକାରୀ ବାସଭବନରେ ଅନୁଷ୍ଠିତ ହେବ। ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାରଙ୍କ ଅଧ୍ୟକ୍ଷତାରେ ପ୍ରାୟ ୩ ଘଣ୍ଟା ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୧ଟି ରାଜନୈତିକ ଦଳର ୩୦ରୁ ଅଧିକ ବକ୍ତା ଏବଂ ସାଧାରଣ ନାଗରିକ ଅଂଶଗ୍ରହଣ କରିବେ। ଖଡଗେ ଏହି ମହାଭିଯୋଗ ପ୍ରସ୍ତାବ ଆଗତ କରିବାକୁ ଥିବା ବେଳେ ରାହୁଲ ଗାନ୍ଧୀ ଶେଷ ବକ୍ତବ୍ୟ ରଖିବେ। ପୂର୍ବରୁ ସଂସଦର ଉଭୟ ଗୃହରେ ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ପାଇଁ ବିରୋଧୀ ନୋଟିସ୍ ଦେଇଥିଲେ ହେଁ, ଗତ ଏପ୍ରିଲ ୬ ତାରିଖରେ ଲୋକସଭା ବାଚସ୍ପତି ଓ ରାଜ୍ୟସଭା ଅଧ୍ୟକ୍ଷ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏଥିସହିତ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସନ୍ଧୁ ଏବଂ ବିବେକ ଯୋଶୀ ମଧ୍ୟ ଏସଆଇଆର୍ ନିଷ୍ପତ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିବା ରିପୋର୍ଟ ସାମ୍ନାକୁ ଆସିବା ପରେ ବିରୋଧୀ ସରକାରଙ୍କ ଘେରିବା ଆରମ୍ଭ କରିଛନ୍ତି। ଅପରପକ୍ଷରେ, ଆସନ୍ତା ନଭେମ୍ବର ୧ ତାରିଖରେ ରାମଲୀଳା ମୈଦାନରେ ''ଭୋଟ୍ ବଞ୍ଚାଓ, ଦେଶ ବଞ୍ଚାଓ'' ନାରା ସହ ଏକ ମେଗା ''ଚଲୋ ଦିଲ୍ଲୀ'' ରାଲି ଆୟୋଜିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ସିଇସି ଜ୍ଞାନେଶ କୁମାର ମିଶି ଗଣତନ୍ତ୍ରକୁ ଧ୍ୱଂସ କରୁଛନ୍ତି ବୋଲି ଅଭିଯୋଗ କରି ରାହୁଲ ଗାନ୍ଧୀ ଦେଶବାସୀଙ୍କୁ ଏହି ସମାବେଶରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି।

ଉତ୍ତରପ୍ରଦେଶରେ ସାଢ଼େ ୩ ଲକ୍ଷ ଶିକ୍ଷକଙ୍କ ନିଯୁକ୍ତି ଓ ପ୍ରମାଣପତ୍ର ଯାଞ୍ଚ

ଲକ୍ଷ୍ନୌ, ୩୦/୧୦: ଉତ୍ତରପ୍ରଦେଶରେ ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଦେଇ ଚାକିରି ପାଇଥିବା ଶିକ୍ଷକଙ୍କ ବିରୋଧରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟର ପ୍ରାୟ ସାଢ଼େ ୩ ଲକ୍ଷ ଶିକ୍ଷକଙ୍କ ନିଯୁକ୍ତି ଓ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ସମସ୍ତ ଦସ୍ତାବିଜ ଯାଞ୍ଚ କରାଯିବ। ଯାଞ୍ଚ ପରେ ଜାଲ୍ ଓ ଅନିୟମିତ ଉପାୟରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ସମ୍ପର୍କିତ ରିପୋର୍ଟ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)କୁ ପଠାଯିବ। ଆହ୍ଲାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ପଦକ୍ଷେପ ନିଆଯାଇଛି। ମୌଳିକ ଶିକ୍ଷା ନିର୍ଦ୍ଦେଶକ ଅନିଲ ଭୂଷଣ ଚତୁର୍ବେଦୀ ସମସ୍ତ ଜିଲ୍ଲାର ମଣ୍ଡଳୀୟ ସହାୟକ ଶିକ୍ଷା ନିର୍ଦ୍ଦେଶକ ଓ ମୌଳିକ ଶିକ୍ଷା ଅଧିକାରୀ (ବିଏସ୍‌ଏ)ଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷକମାନଙ୍କୁ ନିଜର ନିଯୁକ୍ତିପତ୍ର ସହ ହାଇସ୍କୁଲ, ଇଣ୍ଟରମିଡିଏଟ୍, ସ୍ନାତକ, ବିଏଡ୍, ବିଟିସି, ଡିଏଲ୍‌ଏଡ୍, ବିଏଲ୍‌ଏଡ୍ ଏବଂ ଟିଇଟି, ସିଟିଇଟି ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ଏଥିପାଇଁ ସେମାନଙ୍କୁ ଏକ ସପ୍ତାହ ସମୟ ଦିଆଯାଇଛି। ସମସ୍ତ ଦସ୍ତାବିଜ ଜିଲ୍ଲାର ବିଏସ୍‌ଏ କାର୍ଯ୍ୟାଳୟରେ ଜମା କରିବାକୁ ହେବ। ଶିକ୍ଷକମାନଙ୍କୁ ଏକ ସତ୍ୟପାଠ ମଧ୍ୟ ଦାଖଲ କରିବାକୁ ପଡ଼ିବ। ଏଥିରେ ଶିକ୍ଷା ବିଭାଗରେ ବିଏସ୍‌ଏ କିମ୍ବା ତା'ଠାରୁ ଉଚ୍ଚ ପଦରେ କାର୍ଯ୍ୟରତ ବା ଅବସର ନେଇଥିବା ନିକଟ ସମ୍ପର୍କୀୟଙ୍କ ବିବରଣୀ ଦେବାକୁ ହେବ।

ଇସ୍ରାଏଲୀ-ଆମେରିକୀୟ ଧର୍ମଗୁରୁଙ୍କ...

ହିନ୍ଦୁ ବିରୋଧୀ ବ୍ୟଙ୍ଗକୁ ନେଇ ତୀବ୍ର ଅସନ୍ତୋଷ

ନୂଆଦିଲ୍ଲୀ, ୩୦/୧୦: ନିଜର ବିବାଦୀୟ ତଥା ଅପମାନଜନକ ମନ୍ତବ୍ୟ ପାଇଁ ସର୍ବଦା ଚର୍ଚ୍ଚାରେ ରହୁଥିବା ଇସ୍ରାଏଲୀ-ଆମେରିକୀୟ ଇହୁଦୀ ଧର୍ମଗୁରୁ ୟୋସୀ ମିଜ୍ରାଚି ହିନ୍ଦୁ ଧର୍ମର ଗୋ ପୂଜା ପରମ୍ପରାକୁ ନେଇ କଟାକ୍ଷ କରିବା ସହ ଭାରତୀୟ ଡାକ୍ତରମାନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଛନ୍ତି। ଏ ସମ୍ପର୍କିତ ଏକ ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ଭାରତ, ଇସ୍ରାଏଲ ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ତାଙ୍କ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକ ନାଗରିକ ତାଙ୍କୁ ଜଣେ ଜାତିବାଦୀ ଓ ମାନସିକ ବିକୃତ ବୋଲି ଆଖ୍ୟା ଦେଇଥିବା ବେଳେ ହିନ୍ଦୁ ଧାର୍ମିକ ପରମ୍ପରାକୁ ଅପମାନିତ କରିଥିବାରୁ ତାଙ୍କ ଗିରଫଦାରୀ ଦାବି କରିଛନ୍ତି। ଭାରତ ହେଉଛି ସେହି ଅଳ୍ପ କେତେକ ଦେଶ ମଧ୍ୟରୁ ଅନ୍ୟତମ ଯେଉଁଠାରେ ଇହୁଦୀ ସମ୍ପ୍ରଦାୟ ବିଗତ ୨,୦୦୦ ବର୍ଷରୁ ଅଧିକ ସମୟ ଧରି କୌଣସି ଆପରାଧିକ ବିଦ୍ୱେଷର ସମ୍ମୁଖୀନ ନ ହୋଇ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ ବସବାସ କରିଆସୁଛନ୍ତି। ଭାଇରାଲ ହୋଇଥିବା ଭିଡିଓରେ ମିଜ୍ରାଚି ଦାବି କରିଛନ୍ତି ଯେ, ଜଣେ ଭାରତୀୟ ଯୁବକ ଇହୁଦୀ ଧର୍ମ ଗ୍ରହଣ କରିବାକୁ ଚାହୁଁଥିଲେ ଯାହାଙ୍କ ପରିବାର ଗୋ ମାତାଙ୍କୁ ପୂଜା କରନ୍ତି। ଏହାସହ ସେ ଭାରତୀୟ ନାଗରିକ ଓ ନୂଆଦିଲ୍ଲୀର ଚିକିତ୍ସା କ୍ଷେତ୍ରକୁ ଉପହାସ କରି କହିଛନ୍ତି ଯେ ସେଠାକାର ଡାକ୍ତରମାନେ ଗୋମୂତ୍ର ସେବନ କରନ୍ତି। ସେ ରାସ୍ତା ଉପରେ ଗାଇଗୋରୁ ବସିବା ଯୋଗୁଁ ଟ୍ରାଫିକ ବ୍ୟାହତ ହେବାକୁ ନେଇ ମଧ୍ୟ ପରିହାସ କରିଛନ୍ତି। ଭାରତରେ ରହୁଥିବା ଇସ୍ରାଏଲୀ ଗବେଷକ ତଥା ଲେଖକ ୟେଶାୟା ରୋଜେନମ୍ୟାନ୍ ଏହି ଘଟଣାକୁ ନେଇ ମିଜ୍ରାଚିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଏଭଳି ମନ୍ତବ୍ୟ ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ଇସ୍ରାଏଲର ସୁନାମ ଓ ଭାବମୂର୍ତ୍ତି ଗମ୍ଭୀର ଭାବେ କ୍ଷତିଗ୍ରସ୍ତ ହେଉଛି ଏବଂ ଆଗାମୀ ଦିନରେ ତାଙ୍କର ଇସ୍ରାଏଲ ପ୍ରବେଶ ଉପରେ କଟକଣା ଲଗାଯିବା ଉଚିତ, ଯେପରି ପୂର୍ବରୁ ବ୍ରିଟେନ ସରକାର ତାଙ୍କ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଅପରପକ୍ଷରେ, ଭାରତରେ ଅବସ୍ଥିତ ପାଲେଷ୍ଟାଇନର ରାଷ୍ଟ୍ରଦୂତ ଅବଦୁଲ୍ଲା ଏମ. ଆବୁ ସାୱେଶ ଏହି ଘଟଣା ଉପରେ ପରୋକ୍ଷରେ ପ୍ରତିକ୍ରିୟା ପ୍ରକାଶ କରି ଏକ୍ସରେ ଲେଖିଛନ୍ତି ଯେ, ଜାତିବାଦ ହେଉଛି ସମଗ୍ର ମାନବ ସମାଜ ପ୍ରତି ଏକ ବଡ଼ ବିପଦ। ଯେଉଁମାନେ ଅନ୍ୟ ଧର୍ମର ବିଶ୍ୱାସ ଏବଂ ଧାର୍ମିକ ପରମ୍ପରାକୁ ଅପମାନିତ କରନ୍ତି, ସେମାନେ କେବଳ ଅସହିଷ୍ଣୁତା ପ୍ରସାର କରନ୍ତି ନାହିଁ ବରଂ ସାରା ବିଶ୍ୱର ମାନବିକତାର ମୂଳଦୁଆକୁ ଦୁର୍ବଳ କରନ୍ତି।

ସରକାରୀ ଚାକିରି ଆଶାୟୀଙ୍କ ବୟସ ସୀମା ୫ ବର୍ଷ ବୃଦ୍ଧି କଲେ ମୁଖ୍ୟମନ୍ତ୍ରୀ

ଚେନ୍ନାଇ, ୩୦/୧୦: ତାମିଲନାଡୁର ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ଶୁକ୍ରବାର (୩୦ ଅକ୍ଟୋବର ୨୦୨୬) ସରକାରୀ ଚାକିରି ପାଇଁ ଆବେଦନ କରୁଥିବା ପ୍ରାର୍ଥୀଙ୍କ ବୟସ ସୀମାରେ ୫ ବର୍ଷର ଛାଡ଼ ଦେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିୟମ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ଲାଗୁ ରହିବ।ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ଏକ ଅଧିକାରିକ ପ୍ରେସ୍ ବିଜ୍ଞପ୍ତିରେ

କୁହାଯାଇଛି ଯେ, ପ୍ରତିଯୋଗିତାମୂଳକ ପରୀକ୍ଷାରେ ସାମିଲ ହେଉଥିବା ସରକାରୀ ଚାକିରି ଆଶାୟୀଙ୍କ ଦାବିକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଲାଗୁ ଥିବା ବୟସ ଛାଡ଼ ନିୟମ ସହିତ ଏହି ଅତିରିକ୍ତ ୫ ବର୍ଷର ଛାଡ଼ ମଧ୍ୟ ଲାଗୁ ହେବ। ସରକାରଙ୍କ କହିବା ଅନୁଯାୟୀ, ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ଅନେକ ପ୍ରାର୍ଥୀଙ୍କ ବୟସ ସୀମା ଅତିକ୍ରମ କରିଯାଇଥିଲା। ଫଳରେ ସେମାନେ ଆବେଦନ କରିବାର ସୁଯୋଗ ହରାଇଥିଲେ। ଏହି ସମସ୍ୟାର ସମାଧାନ ପାଇଁ ସରକାର ୫ ବର୍ଷର ଅତିରିକ୍ତ ବୟସ ଛାଡ଼ ଘୋଷଣା କରିଛନ୍ତି। ଏହି ଛାଡ଼ ବିସି, ବିସି(ଏମ), ଏମବିସି, ଡିଏନସି, ଏସସି, ଏସଟି ବର୍ଗର ପ୍ରାର୍ଥୀ ଏବଂ ଅସହାୟ ବିଧବା ପ୍ରାର୍ଥୀଙ୍କୁ ପୂର୍ବରୁ ମିଳୁଥିବା ବୟସ ଛାଡ଼ ବ୍ୟତୀତ ଅତିରିକ୍ତ ଭାବେ ମିଳିବ। ସଂଶୋଧିତ ନିୟମ ଅନୁଯାୟୀ ଆବେଦନ ପାଇଁ ଗ୍ରୁପ-୧ ସାଧାରଣ ବର୍ଗଙ୍କ ସର୍ବାଧିକ ବୟସ ୩୨ରୁ ବୃଦ୍ଧି କରାଯାଇ ୩୭ ବର୍ଷ, ସଂରକ୍ଷିତ ବର୍ଗଙ୍କ ପାଇଁ ସର୍ବାଧିକ ବୟସ ୪୨ ବର୍ଷ, ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ପାଇଁ ୫୨ ବର୍ଷ ବୟସ ଧାର୍ଯ୍ୟ କରାଯାଇଛି। ଗ୍ରୁପ୍-୨ ଏବଂ ଗ୍ରୁପ୍-୨ଏ ପଦବି ପାଇଁ ବୟସ ସୀମା ସାଧାରଣ ବର୍ଗର ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା ୩୫ ବର୍ଷ କରାଯାଇଛି। ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କ ପାଇଁ ସର୍ବାଧିକ ବୟସ ସୀମା ରହିବ ନାହିଁ।

ଆମେରିକାର ଅବରୋଧ ସତ୍ତ୍ୱେ ଇରାନକୁ ଅସ୍ତ୍ର ଯୋଗାଣ

୫ ହଜାରରୁ ଅଧିକ ଗୁପ୍ତ ସଂସ୍ଥାର ସମ୍ପୃକ୍ତି

ତେହେରାନ, ୩୦/୧୦: ଆମେରିକାର ଅର୍ଥନୈତିକ କଟକଣା ଓ ସାମୁଦ୍ରିକ ଅବରୋଧ ସତ୍ତ୍ୱେ ଇରାନ ନିଜର କ୍ଷେପଣାସ୍ତ୍ର ଓ ଡ୍ରୋନ୍ କାର୍ଯ୍ୟକ୍ରମ ପାଇଁ ବିଦେଶରୁ ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନି କରିଆସୁଛି। ଏଥିପାଇଁ ଦେଶ ୫ ହଜାରରୁ ଅଧିକ ସଂସ୍ଥାକୁ ନେଇ ଏକ ଗୁପ୍ତ ଯୋଗାଣ ବ୍ୟବସ୍ଥା ଗଢ଼ିଥିବା ରଏଟର୍ସର ଏକ ଅନୁସନ୍ଧାନମୂଳକ ରିପୋର୍ଟରୁ ଜଣାପଡ଼ିଛି। ୨୦୨୫ ଜାନୁଆରିରୁ ଏହି ବ୍ୟବସ୍ଥା ମାଧ୍ୟମରେ ଅତି କମ୍‌ରେ ୨୦୦ କୋଟି ଡଲାର ମୂଲ୍ୟର ସାମରିକ ଉପକରଣ, ବିସ୍ଫୋରକ ଓ ଭାରୀ ଟ୍ରକ୍ ଆମଦାନି ହୋଇଛି। ଏହି ସଂସ୍ଥାଗୁଡ଼ିକର ନାମ ସାଧାରଣତଃ 'ଏମ୍‌ଓଡି' ଅକ୍ଷରରୁ ଆରମ୍ଭ ହୋଇଛି। ଏହା ଇରାନର ପ୍ରତିରକ୍ଷା ମନ୍ତ୍ରଣାଳୟକୁ ସୂଚାଏ। ସଂସ୍ଥାଗୁଡ଼ିକର ପଞ୍ଜୀକୃତ ଠିକଣା ତେହେରାନରେ ଥିବା ପ୍ରତିରକ୍ଷା ମନ୍ତ୍ରଣାଳୟର ଠିକଣା ସହ ମେଳ ଖାଉଛି। କେତେକ

ସଂସ୍ଥାର ଇରାନର ଇସ୍‌ଲାମିକ୍ ରିଭଲ୍ୟୁସନାରି ଗାର୍ଡ କର୍ପସ୍ (ଆଇଆରଜିସି) ଏବଂ ଦେଶର ପ୍ରଭାବଶାଳୀ ଧନୀ ଗୋଷ୍ଠୀ ନିୟନ୍ତ୍ରଣ କରୁଥିବା ବ୍ୟବସାୟିକ ସଂଗଠନ ସହ ସମ୍ପର୍କ ଥିବା ରିପୋର୍ଟରେ କୁହାଯାଇଛି। ରଏଟର୍ସ ଓ ଇସ୍ରାଏଲ୍-ଆମେରିକୀୟ ବିପଦ ବିଶ୍ଳେଷଣ ସଂସ୍ଥା '୨୪୦ ଆନାଲିଟିକ୍ସ' ମିଳିତ ଭାବେ ଏହି ଜାଲର ତଥ୍ୟ ଯାଞ୍ଚ କରିଥିଲେ। ଇରାନର ତୈଳ ବିକ୍ରିରୁ ମିଳୁଥିବା ଅର୍ଥକୁ ବିଦେଶରେ ଥିବା ମଧ୍ୟସ୍ଥ ଓ ନାମକୁ ମାତ୍ର କମ୍ପାନି ଜରିଆରେ ବ୍ୟବହାର କରି ସାମରିକ ସାମଗ୍ରୀ କିଣାଯାଉଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ଯାଞ୍ଚ କରାଯାଇଥିବା ଆମଦାନି କାରବାର ମଧ୍ୟରୁ ୯୭ ପ୍ରତିଶତରେ ଦେଶସୀମା ପାର ହୋଇ ମୁଦ୍ରା ହସ୍ତାନ୍ତର ହୋଇନଥିବା ଦର୍ଶାଯାଇଥିଲା। ଏହାଦ୍ୱାରା ଆନ୍ତର୍ଜାତିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଅର୍ଥ କାରବାର ସମ୍ପର୍କିତ ସତର୍କ ସୂଚନାକୁ ଏଡ଼ାଇବା ସହଜ ହୋଇଥିବା ରିପୋର୍ଟରେ କୁହାଯାଇଛି। ଚୀନ୍, ରୁଷ୍ ଓ ଜର୍ମାନୀ ସମେତ ବିଭିନ୍ନ ଦେଶରୁ ରକେଟ୍ ଇନ୍ଧନ ପାଇଁ ରାସାୟନିକ ପଦାର୍ଥ, ବିସ୍ଫୋରକ, ଅସ୍ତ୍ରଶସ୍ତ୍ରର ଯନ୍ତ୍ରାଂଶ ଓ ଭାରୀ ଯାନ ଆସୁଥିବା ତଥ୍ୟରୁ ଜଣାପଡ଼ିଛି। ଏହି ସାମଗ୍ରୀର କେତେକ ସାଧାରଣ ଶିଳ୍ପରେ ମଧ୍ୟ ବ୍ୟବହାର ରହିଛି। 'ଏମ୍‌ଓଡି ୩୪୬୪୨୮' ନାମକ ଗୋଟିଏ ସଂସ୍ଥା ଜାନୁଆରି ୨୦୨୫ରୁ ଜୁନ୍ ୨୦୨୬ ମଧ୍ୟରେ ୨୩୦ କୋଟି ଡଲାର ମୂଲ୍ୟର ସାମଗ୍ରୀ ଆମଦାନି କରିଥିବା ରିପୋର୍ଟରେ ଦର୍ଶାଯାଇଛି। ଏଥିରେ ରକେଟ୍ ଇନ୍ଧନ ପ୍ରସ୍ତୁତିରେ ବ୍ୟବହୃତ ରାସାୟନିକ ପଦାର୍ଥ, ବିସ୍ଫୋରକ, ଟାଇଟାନିୟମ୍, ଶିଳ୍ପ ଯନ୍ତ୍ରପାତି ଓ ଭାରୀ ଟ୍ରକ୍ ରହିଛି। ଆମଦାନି ହୋଇଥିବା ୪୩୫ଟି ଆଇଭେକୋ ଟ୍ରକ୍‌କୁ ମୋବାଇଲ୍ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ଯାନ ଭାବେ ବ୍ୟବହାର କରାଯାଇପାରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ୨୦୨୫ ଏପ୍ରିଲ୍‌ରେ ଦକ୍ଷିଣ ଇରାନର ଶାହିଦ୍ ରାଜାଇ ବନ୍ଦରରେ ହୋଇଥିବା ବିସ୍ଫୋରଣ ସହ ମଧ୍ୟ ଏହି ଯୋଗାଣ ବ୍ୟବସ୍ଥାର ଏକ ସମ୍ଭାବ୍ୟ ସମ୍ପର୍କ ରହିଥିବା ତଦନ୍ତରେ ଉଲ୍ଲେଖ ଅଛି। ସେହି ବିସ୍ଫୋରଣରେ ଅତି କମ୍‌ରେ ୭୦ ଜଣଙ୍କ ମୃତ୍ୟୁ ସହ ୧,୨୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଆମେରିକାର ଅର୍ଥ ବିଭାଗ କହିଛି ଯେ ଇରାନ ସରକାରଙ୍କ ଆର୍ଥିକ ଉତ୍ସଗୁଡ଼ିକୁ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଅନ୍ୟପକ୍ଷରେ, ରଏଟର୍ସର ତଦନ୍ତ ଇରାନର ସାମରିକ ଯୋଗାଣ ବ୍ୟବସ୍ଥାର ଜଟିଳତା ଓ କଟକଣାକୁ ଏଡ଼ାଇବାର କ୍ଷମତା ଉପରେ ନୂଆ ଆଲୋକପାତ କରିଛି।

ଉଲ୍‌ଫାର ପ୍ରଶଂସା କରି ବିବାଦରେ ଆସାମ ମନ୍ତ୍ରୀ

ଗୁଆହାଟୀ, ୩୦/୧୦: ନିଷିଦ୍ଧ ଉଗ୍ରବାଦୀ ସଂଗଠନ ୟୁନାଇଟେଡ୍ ଲିବରେସନ୍ ଫ୍ରଣ୍ଟ ଅଫ୍ ଆସାମ (ଉଲ୍‌ଫା)ର ପ୍ରଶଂସା କରି ବିବାଦରେ ଫସିଛନ୍ତି ଆସାମ ସରକାରଙ୍କ କ୍ରୀଡ଼ା ଓ ଯୁବ କଲ୍ୟାଣ ମନ୍ତ୍ରୀ ବିଶ୍ୱଜିତ ଦୈମାରୀ। ଉଲ୍‌ଫା ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଧରି ଆସାମକୁ ବାହାର ଶକ୍ତିଙ୍କ କବଳରୁ ସୁରକ୍ଷା ଦେଇଥିବା ସେ କହିଥିଲେ। ତାଙ୍କ ବୟାନକୁ ନେଇ ରାଜନୈତିକ ବିବାଦ ଦେଖାଦେବା ପରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ତାଙ୍କ ସପକ୍ଷରେ ସଫେଇ ଦେଇଛନ୍ତି। ମନ୍ତ୍ରୀ ନିଷିଦ୍ଧ ଉଲ୍‌ଫା ଗୋଷ୍ଠୀ ନୁହେଁ, ବରଂ ସରକାରଙ୍କ ସହ ଶାନ୍ତି ଆଲୋଚନା କରି ଚୁକ୍ତି ସ୍ୱାକ୍ଷର କରିଥିବା ଗୋଷ୍ଠୀ ସମ୍ପର୍କରେ କହିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅକ୍ଟୋବର ୨୭ରେ ତିନସୁକିଆ ଜିଲ୍ଲାର କାକୋପାଥର ଅଞ୍ଚଳରେ ମତକ ଯୁବ ଛାତ୍ର ସମ୍ମିଳନୀର ପ୍ରତିଷ୍ଠା ଦିବସ ସମାରୋହରେ ଦୈମାରୀ ଏହି ମନ୍ତବ୍ୟ ଦେଇଥିଲେ। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଆସିବା ପରେ ବିବାଦ ଆରମ୍ଭ ହୋଇଥିଲା। ଉଲ୍‌ଫାକୁ ଅନେକ ସମାଲୋଚନା କରୁଥିଲେ ମଧ୍ୟ ଏହି ସଂଗଠନ ଯୋଗୁଁ ଆସାମକୁ କୌଣସି ଶକ୍ତି ଅସ୍ଥିର କରିପାରିନାହିଁ ବୋଲି ସେ କହିଥିଲେ। ଉଲ୍‌ଫାର ମୂଳ ନେତୃତ୍ୱ ମୋରାନ ଓ ମତକ ସମ୍ପ୍ରଦାୟରୁ ଆସିଥିଲା ବୋଲି ମଧ୍ୟ ସେ ଉଲ୍ଲେଖ କରିଥିଲେ। ଏପରିକି ଉଲ୍‌ଫାର ନେତା ପରେଶ ବରୁଆ ମଧ୍ୟ ମତକ ସମ୍ପ୍ରଦାୟର ବୋଲି ସେ କହିଥିଲେ। ଗୁରୁବାର ତିନସୁକିଆରେ ସାମ୍ବାଦିକଙ୍କ ସହ କଥା ହେବା ବେଳେ ମୁଖ୍ୟମନ୍ତ୍ରୀ ଶର୍ମା କହିଥିଲେ ଯେ ସେ ଦୈମାରୀଙ୍କ ସହ ଏହି ପ୍ରସଙ୍ଗରେ କଥା ହୋଇଛନ୍ତି। ମନ୍ତ୍ରୀ ତାଙ୍କୁ କହିଛନ୍ତି ଯେ ସେ ଅନୁପ ଚେତିଆଙ୍କ ନେତୃତ୍ୱାଧୀନ ଶାନ୍ତି ଆଲୋଚନା ସପକ୍ଷବାଦୀ ଗୋଷ୍ଠୀ ସମ୍ପର୍କରେ କହିଥିଲେ। ପରେଶ ବରୁଆଙ୍କ ନେତୃତ୍ୱାଧୀନ ଉଲ୍‌ଫା (ଇଣ୍ଡିପେଣ୍ଡେଣ୍ଟ) ବିଷୟରେ ନୁହେଁ।

ପାରିବାରିକ ନିର୍ଯାତନା ମାମଲାରେ ଅଭିଯୁକ୍ତକୁ ୬ ମାସ ଜେଲ

ଭୁବନେଶ୍ୱର(ନି.ପ୍ର) : ଭୁବନେଶ୍ୱରସ୍ଥିତ ମାନ୍ୟବର ଜେଏମଏଫସି-୪ ସୋମେଶ ସୌମ୍ୟଜିତ ପଣ୍ଡାଙ୍କ ଅଦାଲତ ଆଜି ଏକ ମୋବାଇଲ୍ ଚୋରି ତଥା ପାରିବାରିକ ନିର୍ଯାତନା ମାମଲାର ବିଚାର କରି ଅଭିଯୁକ୍ତ ଦିପୁ ଓରଫ୍ ଲକ୍ଷ୍ମୀକାନ୍ତ ସିଂହକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ତାଙ୍କୁ ୬ ମାସର ସାଧାରଣ କାରାଦଣ୍ଡ ସଜା ଶୁଣାଇଛନ୍ତି। ମାମଲାରୁ ପ୍ରକାଶ ଯେ, ଅଭିଯୋଗକାରିଣୀ ସରୋଜିନୀ ସିଂହ ଗତ ୩୧.୦୫.୨୦୨୬ ତାରିଖରେ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ଦିଅର ଦିପୁ ସିଂହ ବିନା ଅନୁମତିରେ ତାଙ୍କ ଭଡ଼ା ଘରେ ପଶି ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ମୋବାଇଲ୍ ଫୋନ୍ ଚୋରି କରିନେଇଥିଲା। ଏହାଛଡ଼ା ସେ ଅଭିଯୋଗକାରିଣୀଙ୍କ ସହ ଅନୁପଯୁକ୍ତ କାର୍ଯ୍ୟ କରିବାକୁ ମଧ୍ୟ ଧମକ ଦେଇଥିଲା। ପୂର୍ବରୁ ଅଭିଯୁକ୍ତ ଏଭଳି ବିଶୃଙ୍ଖଳା ନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନିଜ ବାପାମାଆଙ୍କ କଥା ନମାନି ଲଗାତାର ଉତ୍ପାତ କରୁଥିଲା, ଯାହା ଫଳରେ ପରିବାର ଲୋକେ ଭୟଭୀତ ଅବସ୍ଥାରେ ରହୁଥିଲେ। ବଡ଼ଗଡ଼ ଥାନାର ଏଏସଆଇ ଥବିର କୁମାର ଖରା ଏହି ମାମଲାର ତଦନ୍ତ କରି ଅଭିଯୁକ୍ତକୁ ଘଟଣା ଦିନ ଅର୍ଥାତ୍ ୩୧.୦୫.୨୦୨୬ ତାରିଖରେ ହିଁ ଗିରଫ କରିଥିଲେ ଏବଂ ତା' ନିକଟରୁ ଚୋରି ମୋବାଇଲ୍ ଜବତ କରିଥିଲେ। ମାମଲାର ବିଚାର ସମୟରେ ସରକାରୀ ଓକିଲ ନିରଞ୍ଜନ ବେହେରା ୩ ଜଣ ସାକ୍ଷୀଙ୍କ ଜବାନବନ୍ଦି ରେକର୍ଡ କରିବା ସହ ୧୦ ଗୋଟି ପ୍ରାସଙ୍ଗିକ ଦସ୍ତାବିଜ ଉପସ୍ଥାପନ କରି ବଳିଷ୍ଠ ପ୍ରମାଣ ଦେଇଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଅନୁଧ୍ୟାନ କରି ମାନ୍ୟବର ଅଦାଲତ ଅଭିଯୁକ୍ତ ଦିପୁ ଓରଫ୍ ଲକ୍ଷ୍ମୀକାନ୍ତ ସିଂହକୁ ବିଏନଏସର ଧାରା ୩୦୩(୨) ଆଧାରରେ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ତାଙ୍କୁ ୬ ମାସର ସାଧାରଣ କାରାଦଣ୍ଡ ଆଦେଶ ଶୁଣାଇବା ସହ ଜବତ ମୋବାଇଲକୁ ତାହାର ପ୍ରକୃତ ମାଲିକଙ୍କୁ ଫେରାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳି ତବର୍ଷର ଏହା ୧୨୧ ତମ ମାମଲା।

ଗ୍ୟାସ ସିଲିଣ୍ଡର ଚୋରି ଗ୍ୟାଙ୍ଗ ଠାବ, ୪ ଗିରଫ

ଭୁବନେଶ୍ୱର(ନି.ପ୍ର) : ରାଜଧାନୀ ତଥା ଉପକଣ୍ଠ ଅଞ୍ଚଳରେ ଲୋକଙ୍କ ଘରେ ପଶି ଲଗାତାର ଗ୍ୟାସ୍ ସିଲିଣ୍ଡର ଚୋରି କରୁଥିବା ଏକ ବଡ଼ ରାକେଟ୍‌ର ପର୍ଦ୍ଦାଫାଶ କରିଛି ତମାଣ୍ଡୋ ଥାନା ପୋଲିସ। ଏହି ଘଟଣାରେ ପୋଲିସ ମୁଖ୍ୟ ଚୋର ସମେତ ଚୋରା ସିଲିଣ୍ଡର କିଣୁଥିବା ୩ ଜଣ ଗ୍ୟାସ୍ ମରାମତି ଦୋକାନୀ ରିସିଭରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତୁଷାର ରଂଜନ ବାରିକ, ସୋମନାଇ ପୃଷ୍ଟି, ପଲ୍ଲବ ବେହେରା ଓ ପ୍ରମୋଦ ଦାସ। ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ଘରୋଇ ଓ ବ୍ୟବସାୟିକ ବିଭିନ୍ନ ବ୍ରାଣ୍ଡ୍‌ର ଗ୍ୟାସ୍ ସିଲିଣ୍ଡର, ଚୋରିରେ ବ୍ୟବହୃତ ମୋଟରସାଇକେଲ, ଲାପଟପ୍ ଏବଂ ଗାଡ଼ିର ନକଲି ନମ୍ବର ପ୍ଲେଟ୍ ଜବତ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧୭.୧୦.୨୦୨୬ ତାରିଖ ସନ୍ଧ୍ୟା ପ୍ରାୟ ୦୭.୦୦ ଟାରେ କଳିଙ୍ଗ ବିହାର ସ୍ଥିତ ୬୯ ବର୍ଷୀୟ ଅଭିଯୋଗକାରୀ ଜାନକୀ ବଲ୍ଲଭ ମହାପାତ୍ରଙ୍କ ଘରେ ଜଣେ ଅଜଣା ଦୁର୍ବୃତ୍ତ ପଶି ଦୁଇଟି ଏଚ୍.ପି. ଗ୍ୟାସ୍ ସିଲିଣ୍ଡର ଚୋରି କରି ନେଇଥିଲା। ଏନେଇ ୧୯ ତାରିଖରେ ଥାନାରେ ଏତଲା ଦାୟର ହେବା ପରେ ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଥିଲା ଯେ ଅଭ୍ୟାସଗତ ଚୋର ତୁଷାର ରଞ୍ଜନ ବାରିକ ହେଲମେଟ୍ ଓ ଫେସ୍ ମାସ୍କ ପିନ୍ଧି, ଗାଡ଼ିରେ ନକଲି ନମ୍ବର ପ୍ଲେଟ୍ ଲଗାଇ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ଘରୁ ଗ୍ୟାସ୍ ସିଲିଣ୍ଡର ଚୋରି କରୁଥିଲା। ଏହି ଚୋରା ସିଲିଣ୍ଡରଗୁଡ଼ିକୁ ସେ ତମାଣ୍ଡୋ ଏବଂ ଜଟଣୀ ଅଞ୍ଚଳରେ ଥିବା ବିଭିନ୍ନ ଗ୍ୟାସ୍ ରିପେୟାରିଂ ଦୋକାନୀଙ୍କୁ ଶସ୍ତାରେ ବିକ୍ରି କରୁଥିଲା। ପୋଲିସ ତୁରନ୍ତ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ତୁଷାର ରଞ୍ଜନ ବାରିକ ସମେତ ଚୋରା ସିଲିଣ୍ଡର କିଣୁଥିବା ସୋମନାଥ ପୃଷ୍ଟି, ପଲ୍ଲବ ବେହେରା ଏବଂ ପ୍ରମୋଦ କୁମାର ଦାସଙ୍କୁ କାବୁ କରିଥିଲା। ଅଭିଯୁକ୍ତମାନଙ୍କ ସୂଚନା ଆଧାରରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିଭିନ୍ନ କମ୍ପାନୀର ମୋଟ ୭୦ଟି ଚୋରା ଗ୍ୟାସ୍ ସିଲିଣ୍ଡର, ଅପରାଧରେ ବ୍ୟବହୃତ ଗାଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ପୂର୍ବ ଅପରାଧିକ ପୃଷ୍ଠଭୂମି ଯାଞ୍ଚ ରୁ ଜଣାପଡିଛି ଯେ, ଗିରଫ ମୁଖ୍ୟ ଅଭିଯୁକ୍ତ ତୁଷାର ରଞ୍ଜନ ବାରିକ ଜଣେ କୁଖ୍ୟାତ ଆନ୍ତଃଜିଲ୍ଲା ଅଭ୍ୟାସଗତ ଚୋର ଏବଂ ତା' ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୧୦ଟି ଚୋରି ମାମଲା ରହିଛି। ପୋଲିସ ସମସ୍ତ ୪ ଜଣ ଅଭିଯୁକ୍ତଙ୍କୁ ବିଧିବଦ୍ଧ ଭାବେ ଗିରଫ କରି କୋର୍ଟ ଚାଲାଣ କରିଛି।

ବନ୍ୟପ୍ରାଣୀ ଶିକାରୀ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ

୨ କଲରାପତରିଆ ବାଘଛାଲ, ଜୀବନ୍ତ ବାର୍‌ହା ସହ ୭ ଗିରଫ

ଭବାନୀପାଟଣା(ନିପ୍ର): କଳାହାଣ୍ଡି ଦକ୍ଷିଣ ବନଖଣ୍ଡକୁ ମିଳିଛି ଏକ ବଡ଼ ସଫଳତା। ଜିଲାର ଥୁଆମୂଳ ରାମପୁର ବନାଞ୍ଚଳର ସାଇସୁରନି ରେଞ୍ଜରେ ଏକ ବନ୍ୟପ୍ରାଣୀ ଚୋରା ଚାଲାଣ ଓ ଶିକାରୀ ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି ବନ ବିଭାଗ । ଏହି ଘଟଣାରେ ଶୁକ୍ରବାର ୭ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ବନ୍ୟପ୍ରାଣୀ ସାମଗ୍ରୀ ଏବଂ ମାରଣାସ୍ତ୍ର ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଜିଲାର କର୍ଲାପାଟ ଥାନା ଅନ୍ତର୍ଗତ ଡାବ୍ରିଗୁଡାର କୁମୁଦ ରାଉତ, ପାନଭଟାର ତରଙ୍ଗ ପାତ୍ର, ତଳ ଆମପଦରର ସନ୍ତୋଷ କୁମାର ଜାଲ, ଅର୍ଜୁନ ମାଝୀ, ନୀଳକଣ୍ଠ ସାହୁ, ଆନନ୍ଦ ମାଝୀ ଓ ଲେଲି ମାଝୀ। ଶିକାରୀମାନେ ବନ୍ୟଜନ୍ତୁ ଶିକାର କରି ସେମାନଙ୍କ ଅଙ୍ଗ ଚୋରା ଚାଲାଣ ପାଇଁ ଯୋଜନା କରୁଥିବା ବେଳେ ଏହା ପୂର୍ବରୁ ମାଡି ବସିଥିଲା ବନ ବିଭାଗ । ସେମାନଙ୍କ ନିକଟରୁ ୨ଟି କଲରାପତରିଆ ବାଘଛାଲ, ନଖ ହାଡ଼, ଦାନ୍ତ, ନିଶ ଓ ବାଘ ଛାଲ ଖଣ୍ଡ ଜବତ ହୋଇଛି। ଏହା ସହିତ ଏକ ୧୦ କିଲୋ ଓଜନର ଜୀବନ୍ତ ବଣୁଆ ବାରାହ, ଏକ ଗୋଧି ମୁଣ୍ଡ ଏବଂ ବନ୍ୟଜନ୍ତୁ ନଖ ମଧ୍ୟ ଉଦ୍ଧାର କରାଯାଇଛି। ସେହିପରି ଶିକାର ପାଇଁ ବ୍ୟବହୃତ ଏକ ଦେଶୀ ଟୋପିଦାର ବନ୍ଧୁକ, ୭ ଗ୍ରାମ ବାରୁଦ, ୨୦୬ଟି ଗୁଳି (ଛରା), ବନ୍ଧୁକ ସଫା କରିବା ରଡ୍ ସମେତ ଧନୁ ଓ ୨ଟି ତୀର ଜବତ କରାଯାଇଛି। ବନ ବିଭାଗ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ବଳରେ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ର୍‌ୟାକେଟ୍‌ରେ ଆଉ କିଛି ଜଣ ସଂପୃକ୍ତି ଥିବାବେଳେ ସେମାନେ ଏବେ ଫେରାର ଥିବା ବନ ବିଭାଗରୁ ସୂଚନା ମିଳିଛି।

ଗୋଷ୍ଠୀ ସଂଘର୍ଷ ଘଟଣାରେ ଆଉ ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର) : ରାକ୍ଷୀ ଦୋକାନ ନିକଟରେ ଦୁଇ ପକ୍ଷଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳର ସମାଧାନ କରିବାରୁ ପ୍ରତିଶୋଧ ପରାୟଣ ହୋଇ ଜଣେ ଯୁବକଙ୍କୁ ଖଣ୍ଡାରେ ମାରଣାନ୍ତକ ଆକ୍ରମଣ କରିଥିବା ଘଟଣାରେ ଭରତପୁର ଥାନା ପୋଲିସ ଅନ୍ୟତମ ଫେରାର ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ କୁଟେଶ୍ୱର ଦାସ। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨୧.୦୮.୨୦୨୬ ତାରିଖ ରାତିରେ ଅଭିଯୋଗକାରୀଙ୍କ ପୁତୁରା ସୌଭାଗ୍ୟ ରଞ୍ଜନ ଭୋଇ ଆଇଗିଣିଆ ଛକ ନିକଟରେ ଏକ ଅସ୍ଥାୟୀ ରାକ୍ଷୀ ଦୋକାନରେ ଥିଲେ। ରାତି ପ୍ରାୟ ୧୦.୩୦ ମିନିଟରେ ସେଠାରେ ଚନ୍ଦନ ଭୋଇ ନାମକ ଜଣେ ବ୍ୟକ୍ତି ଏବଂ କାବୁଲି ସେଠୀ ଓ ତାଙ୍କ ନାବାଳକ ପୁଅଙ୍କ ମଧ୍ୟରେ ପାଟିତୁଣ୍ଡ ଓ ମାରପିଟ୍ ହୋଇଥିଲା। ଏହା ଦେଖି ସୌଭାଗ୍ୟ ଉଭୟ ପକ୍ଷଙ୍କ ମଧ୍ୟରେ ହସ୍ତକ୍ଷେପ କରି ମାମଲାକୁ ବୁଝାସୁଝା କରି ଶାନ୍ତ କରାଇଥିଲେ ଏବଂ ସମସ୍ତେ ଘରକୁ ଫେରିଯାଇଥିଲେ। ମାତ୍ର ଏହି ଘଟଣାକୁ ସହଜରେ ଗ୍ରହଣ ନକରି ନାବାଳକ ଜଣକ ନିଜର ସହଯୋଗୀଙ୍କୁ ଡକାଇଥିଲା। କିଛି ସମୟ ପରେ ନାବାଳକଙ୍କ ସହଯୋଗୀ ନିଜର ଅନ୍ୟ ଦୁଇ ସହଯୋଗୀଙ୍କ ସହ ଏକ ବାଇକ୍‌ରେ ଖଣ୍ଡା ଧରି ଆଇଗିଣିଆ ଛକରେ ପହଞ୍ଚିଥିଲେ। ସେମାନେ ସୌଭାଗ୍ୟଙ୍କୁ ଅଶ୍ଳୀଳ ଗାଳିଗୁଲଜ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ।

ଜମି ଦେବା ନାଁରେ ୭୫ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର) : ବାଲିଅନ୍ତା ଅଞ୍ଚଳରେ ଜମି ବିକ୍ରି ଓ ରାସ୍ତା ସୁବିଧା କରାଇଦେବା ନାଁରେ ଜଣେ ବ୍ୟକ୍ତିଙ୍କ ଠାରୁ ପ୍ରାୟ ୭୫ ଲକ୍ଷ ୫୦ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଦୁଇ ଜଣ ପ୍ରମୁଖ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ରାଜେଶ କୁମାର ମଲ୍ଲିକ ଓ ଗଗନ ବିହାରୀ ମହାନ୍ତି। ଏମାନଙ୍କ ମଧ୍ୟରୁ ଅଭିଯୁକ୍ତ ଗଗନ ବିହାରୀ ଅଭ୍ୟାସଗତ ଜମି ଠକ ଏବଂ ତାଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ଠକେଇ ମାମଲା ରହିଛି। ତଦନ୍ତରୁ ଜଣାପଡ଼ିଛି ଯେ, ୨୦୨୨-୨୩ ମସିହାରେ ଅଭିଯୁକ୍ତ ଗଗନ ବିହାରୀ ମହାନ୍ତି ଅଭିଯୋଗକାରୀ ପ୍ରଦୀପ କୁମାର ବିଶ୍ୱାଳଙ୍କୁ ବାଲିଅନ୍ତାରେ ଥିବା ତାଙ୍କ ପତ୍ନୀଙ୍କ ନାମରେ ଥିବା ଏକ ଜମି କୌଣସି ବିବାଦ ନଥିବା ଦର୍ଶାଇ ବିକ୍ରି କରିବାକୁ ପ୍ରଲୋଭନ ଦେଖାଇଥିଲା। ଏଥିସହ ଉକ୍ତ ଜମି ନିକଟକୁ ରାସ୍ତା ସୁବିଧା କରାଇଦେବା ପାଇଁ ଅନ୍ୟତମ ଅଭିଯୁକ୍ତ ରାକେଶ କୁମାର ମଲ୍ଲିକଙ୍କୁ ଟଙ୍କା ଦେବାକୁ କହିଥିଲା। ଅଭିଯୋଗକାରୀ ସେମାନଙ୍କ କଥାରେ ବିଶ୍ୱାସ କରି ପର୍ଯ୍ୟାୟକ୍ରମେ ଗଗନ ବିହାରୀ ମହାନ୍ତିଙ୍କୁ ୧୦ ଲକ୍ଷ ନଗଦ ଏବଂ ବ୍ୟାଙ୍କ୍ ଟ୍ରାନ୍ସଫର ମାଧ୍ୟମରେ ୫୦,୫୦,୦୦୦/- ଟଙ୍କା ଏବଂ ରାକେଶ କୁମାର ମଲ୍ଲିକଙ୍କୁ ୨୫,୦୦,୦୦୦/- ଟଙ୍କା ବ୍ୟାଙ୍କ୍ ଜରିଆରେ, ସର୍ବମୋଟ ୭୫,୫୦,୦୦୦/- ଟଙ୍କା ପ୍ରଦାନ କରିଥିଲେ। ମାତ୍ର ସମସ୍ତ ଟଙ୍କା ନେବା ପରେ ମଧ୍ୟ ଅଭିଯୁକ୍ତମାନେ ଜମି ରେଜିଷ୍ଟ୍ରି କରିନଥିଲେ କିମ୍ବା ଟଙ୍କା ଫେରସ୍ତ କରିନଥିଲେ। ବାରମ୍ବାର ଟଙ୍କା ମାଗିବାରୁ ସେମାନେ ଟଙ୍କା ଫେରାଇବେ ନାହିଁ କି ଜମି ଦେବେ ନାହିଁ ବୋଲି ସଫା ମନା କରିଦେଇଥିଲେ। ଏନେଇ ଭରତପୁର ଥାନାରେ ଏତଲା ହେବା ପରେ ପୋଲିସ ମାମଲା ରୁଜୁ କରି ବ୍ୟାଙ୍କ୍ କାରବାର ଯାଞ୍ଚ କରିବା ସହ ୩୦ ଲକ୍ଷ ଟଙ୍କାର ଟଙ୍କା ରସିଦ୍ ଓ ଘୋଷଣାନାମା ଜବତ କରିଥିଲା। ଆଜି ତା ୩୦.୧୦.୨୦୨୬ ପୂର୍ବାହ୍ନରେ ଖଣ୍ଡଗିରି ଛକ ନିକଟରେ ଚଢ଼ାଉ କରି ପୋଲିସ ଉଭୟ ଅଭିଯୁକ୍ତ ଗଗନ ବିହାରୀ ମହାନ୍ତି ଓ ରାକେଶ କୁମାର ମଲ୍ଲିକଙ୍କୁ କାବୁ କରିଥିଲା।

କାକଟପୁରରେ ପୁଲିସର କଡ଼ା ନାକାବନ୍ଦି

ନିଶାଡ଼ି ଓ ଅମାନିଆ ଚାଳକଙ୍କ ମଧ୍ୟରେ ଛନକା

କାକଟପୁର(ନିପ୍ର): ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ କାକଟପୁର ପୁଲିସ ପକ୍ଷରୁ ଅଞ୍ଚଳର ବିଭିନ୍ନ ପ୍ରବେଶ ପଥରେ ଆରମ୍ଭ ହୋଇଛି କଡ଼ାକଡ଼ି ଯାନବାହନ ଯାଞ୍ଚ। ରାତ୍ରିକାଳୀନ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ନିଶାସକ୍ତ ଗାଡ଼ି ଚାଳକ ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଅଙ୍କୁଶ ଲଗାଇବା ଲକ୍ଷ୍ୟରେ ପୁଲିସର ଏହି ଅଭିଯାନ ଚାଲିଥିବା ଜଣାପଡ଼ିଛି। କାକଟପୁର ବଜାରସ୍ଥିତ ବ୍ଲକ ଛକ ଏବଂ କାକଟପୁର-ଅସ୍ତରଙ୍ଗ ରାସ୍ତାର ମୂଳାଗଡ଼ ଛକଠାରେ ପୁଲିସ ଫୋର୍ସ ମୁତୟନ କରାଯାଇ ଯାନବାହନ ଯାଞ୍ଚକୁ ଜୋରଦାର କରାଯାଇଛି। ନିମାପଡ଼ା-କାକଟପୁର ମୁଖ୍ୟ ରାସ୍ତା ସମେତ ବିଭିନ୍ନ ରାସ୍ତାରେ ଯାତାୟାତ କରୁଥିବା ବାଇକ୍ ଓ ଚାରିଚକିଆ ଗାଡ଼ିଗୁଡ଼ିକୁ ଅଟକାଇ କାଗଜପତ୍ର ଓ ଚାଳକଙ୍କ ଗାଡ଼ି ଚାଳନା ସମ୍ପର୍କରେ ଯାଞ୍ଚ କରାଯାଉଛି। ବିଶେଷକରି ଗୋଟିଏ ବାଇକ୍‌ରେ ତିନିଜଣ ଯାତ୍ରା କରିବା, ବିନା ହେଲମେଟ୍‌ରେ ଗାଡ଼ି ଚଳାଇବା ଏବଂ ମଦ୍ୟପାନ କରି ଗାଡ଼ି ଚଳାଉଥିବା ସନ୍ଦିଗ୍ଧ ଚାଳକଙ୍କ ଉପରେ ପୁଲିସର ସ୍ୱତନ୍ତ୍ର ନଜର ରହିଛି। ଅଚାନକ ଏହି ନାକାବନ୍ଦି ଓ ଯାଞ୍ଚ ପ୍ରକ୍ରିୟାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ନିୟମ ଉଲ୍ଲଂଘନକାରୀ ଓ ନିଶାସକ୍ତ ଚାଳକଙ୍କ ମଧ୍ୟରେ ଛନକା ପଶିଛି। କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏସ୍‌ଆଇ ଅମିତ ପାଢ଼ୀ, ଏଏସ୍‌ଆଇ ରମେଶ ଚନ୍ଦ୍ର ନିଶାଙ୍କ, ଜହୁର ଖାଁଙ୍କ ସମେତ ପୁଲିସ ଫୋର୍ସ ଏହି ଯାଞ୍ଚ ଅଭିଯାନରେ ସାମିଲ ହୋଇଥିଲେ। ପୁଲିସର ଏଭଳି ନିୟମିତ ଯାଞ୍ଚ ଓ ନାକାବନ୍ଦି ଦ୍ୱାରା ସଡ଼କ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହେବା ସହ ଅପରାଧ ନିୟନ୍ତ୍ରଣରେ ମଧ୍ୟ ସହାୟକ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

ହାଇୱା ଧକ୍କାରେ ୩ ଷଣ୍ଢ ମୃତ

ଭାପୁର(ନିପ୍ର): ୪୮ ନମ୍ବର ରାଜ୍ୟ ରାଜପଥର ମାଧପୁର, ପଥରଚକଡା ଗ୍ରାମ ନିକଟ ମହାନଦୀରୁ ହାଇୱା ଯୋଗେ ଦିନରାତି ବାଲି ଚାଲାଣ ହେଉଥିବାରୁ ରାସ୍ତା ମରଣଯନ୍ତା ପାଲଟିଯାଇଛି। ଏହାର ପରିଣାମ ସ୍ୱରୂପ ବିଭିନ୍ନ ଛୋଟବଡ଼ ଦୁର୍ଘଟଣା ମାନ ଘଟୁଥିବା ବେଳେ ଗୁରୁବାର ରାତ୍ରୀରେ ୩ ଗୋଟି ଷଣ୍ଢ ରାସ୍ତା ଉପରେ ଶୋଇଥିବାବେଳେ ହାଇୱା ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ମାରଡ଼ା ଗ୍ରାମର ଛକ ରାସ୍ତା ଉପରେ ଷଣ୍ଢ ୩ ଗୋଟି ଶୋଇଥିବାବେଳେ କୌଣସି ଏକ ହାଇୱା ଦ୍ରୁତଗତିରେ ଯାଇ ଷଣ୍ଢ ଉପରେ ଚଢି ଯାଇଥିଲା । ଫଳରେ ଘଟଣାସ୍ଥଳରେ ୩ଟି ଯାକ ଷଣ୍ଢ ମୃତ୍ୟୁବରଣ କରିଥିଲେ। ସକାଳେ ଏହିପରି ଅବସ୍ଥା ଦେଖି ଗ୍ରାମର ଲୋକମାନେ ରାସ୍ତାରୋକ କରିବା ସହିତ ଯାତାୟାତ କରୁଥିବା ହାଇୱାକୁ ଅଟକ ରଖି ସାବଧାନ ସହିତ ଗାଡି ଚାଳନା କରିବାକୁ ଚେତାବନୀ ଦେଇଥିଲେ। ଗ୍ରାମର ଜନସାଧାରଣ ଗାତକରି ୩ଟି ଯାକ ଷଣ୍ଢକୁ ପୋତି ପୂଜାର୍ଚ୍ଚନା କରିଥିଲେ।

ତାଲା ଭାଙ୍ଗି ଦୋକାନରୁ ୨୦ଲକ୍ଷ ଟଙ୍କାର ମୋବାଇଲ ଚୋରି

ଭୁବନେଶ୍ୱର(ନି.ପ୍ର) : ଖଣ୍ଡଗିରିବାରି ସ୍ଥିତ 'ଫୋନ୍‌ୱାଲା' ମୋବାଇଲ୍ ଦୋକାନର ତାଲା ଭାଙ୍ଗି ପ୍ରାୟ ୨୦ ଲକ୍ଷ ଟଙ୍କାର ଆଇଫୋନ୍ ଓ ଅନ୍ୟାନ୍ୟ ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ଚୋରି ହୋଇଛି। ଏହି ଘଟଣାରେ ଜଣେ କୁଖ୍ୟାତ ଚୋରକୁ ଭରତପୁର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଜଗା ଓରଫ ଜଗବନ୍ଧୁ ଓଝା। ପୋଲିସ ତା' ଭଡ଼ା ଘରୁ ଚୋରି ହୋଇଥିବା ମୋବାଇଲ୍ ଫୋନ୍‌ଗୁଡ଼ିକୁ ପୋଲିସ ଜବତ କରିଛି। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ଜୀବନଜ୍ୟୋତି ବେହେରା ଖଣ୍ଡଗିରିବାରିରେ ରିଫର୍ବିସ୍‌ଡ୍ ମୋବାଇଲ୍ ବିକ୍ରି ପାଇଁ 'ଫୋନ୍‌ୱାଲା' ନାମରେ ଏକ ଦୋକାନ ଚଳାଉଥିଲେ। ଗତ ୨୬/୨୭.୧୦.୨୦୨୬ ତାରିଖ ବିଳମ୍ବିତ ରାତି ପ୍ରାୟ ୦୧.୩୦ ମିନିଟରେ ଦୋକାନର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଆନୁମାନିକ ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କାର ପ୍ରାୟ ୪୦ଟି ଦାମୀ ଆଇଫୋନ୍ ସମେତ ଅନ୍ୟାନ୍ୟ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ଚୋରି କରି ନେଇଥିଲା। ଏନେଇ ୨୭ ତାରିଖ ରାତିରେ ଭରତପୁର ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଏବଂ ଫୋରେନ୍ସିକ୍ ସାଇଣ୍ଟିଫିକ୍ ଟିମ୍ ତୁରନ୍ତ ଘଟଣାସ୍ଥଳ ଯାଞ୍ଚ କରି ଆଙ୍ଗୁଠି ଛାପ ଓ ଅନ୍ୟାନ୍ୟ ବୈଜ୍ଞାନିକ ପ୍ରମାଣ ସଂଗ୍ରହ କରିଥିଲେ। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ଅଭିଯୋଗକାରୀଙ୍କର ପୂର୍ବ ପରିଚିତ ତଥା ବଢ଼େଇ କାମ କରୁଥିବା ଜଗବନ୍ଧୁ ଓଝା ଓରଫ୍ ଜଗା ନିୟମିତ ଏହି ଦୋକାନକୁ ଆସୁଥିଲା। ମାତ୍ର ଚୋରି ପରଠାରୁ ସେ ଅଭିଯୋଗକାରୀଙ୍କ ଫୋନ୍ କଲ୍ ଉଠାଇବା ବନ୍ଦ କରିଦେଇଥିଲା ଏବଂ ବିଭିନ୍ନ ବାହାନା କରୁଥିଲା। ସନ୍ଦେହ ହେବାରୁ କୋଠାରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିବାରୁ ଅଭିଯୁକ୍ତ ଜଗା ସିସିଟିଭି କ୍ୟାମେରା ତାର ନିକଟରେ ଛିଡ଼ା ହୋଇଥିବା ଦେଖାଯାଇଥିଲା ଏବଂ ପରେ ସେହି ତାରଟି କଟା ଯାଇଥିବା ସ୍ପଷ୍ଟ ହୋଇଥିଲା। ପୂର୍ବର ଅନ୍ୟ ଏକ ସିସିଟିଭି ଫୁଟେଜ୍ ଯାଞ୍ଚରୁ ମଧ୍ୟ ସେ ଦୋକାନରୁ ମୋବାଇଲ୍ ଚୋରି କରି ପ୍ୟାଣ୍ଟ ପକେଟରେ ରଖୁଥିବା ଦେଖିବାକୁ ମିଳିଥିଲା। ଏହାପରେ ପୋଲିସ ଧଉଳି ଥାନା ଅନ୍ତର୍ଗତ ଦୟା ବିହାର ଲେନ୍ ନଂ-୨ ସ୍ଥିତ ଅଭିଯୁକ୍ତର ଭଡ଼ା ଘରେ ଅତର୍କିତ ଚଢ଼ାଉ କରି ଚୋରି ହୋଇଥିବା ମୋବାଇଲ୍ ଫୋନ୍‌ଗୁଡ଼ିକୁ ଉଦ୍ଧାର କରି ଜବତ କରିଥିଲା। ଆଜି ତା ୩୦.୧୦.୨୦୨୬ ପୂର୍ବାହ୍ନ ୧୧.୪୫ ମିନିଟରେ ପୋଲିସ ଅଭିଯୁକ୍ତ ଜଗବନ୍ଧୁ ଓଝାକୁ ବିଧିବଦ୍ଧ ଭାବେ ଗିରଫ କରିଛି ଏବଂ ୧୫ ଦିନିଆ ବିଚାର ରିମାଣ୍ଡ ପାର୍ଥନ ସହ କୋର୍ଟ ଚାଲାଣ କରିଛି।

ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

ବିଦ୍ୟାଭାରତୀଙ୍କ ଜାମିନ ଆବେଦନର ଶୁଣାଣି ଶେଷ, ହାଇକୋର୍ଟଙ୍କ ରାୟକୁ ଅପେକ୍ଷା



କଟକ(ନିପ୍ର): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ମାମଲାରେ ପୁଣି ଚର୍ଚ୍ଚାରେ ପତ୍ନୀ ବିଦ୍ୟାଭାରତୀ ପଣ୍ଡା । ହାଇକୋର୍ଟରେ ବିଦ୍ୟାଭାରତୀଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ରହିଛି । ଏବେ ହାଇକୋର୍ଟଙ୍କ ରାୟକୁ ଅପେକ୍ଷା । ୨୦୨୧ ଜୁଲାଇ ୧୧ ତାରିଖରେ ପାରଳାଖେମୁଣ୍ଡି ସ୍ଥିତ ସରକାରୀ ବାସଭବନରେ ଗୁରୁତର ଭାବେ ପୋଡ଼ି ଯାଇଥିଲେ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର । ତାଙ୍କୁ ଚିକିତ୍ସା ପାଇଁ କଟକର ଏକ ଘରୋଇ ହସ୍ପିଟାଲକୁ ଅଣାଯାଇଥିଲା । ହେଲେ ଜୁଲାଇ ୧୨ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ଚର୍ଚ୍ଚା ହୋଇଥିଲା। ଏହି ମାମଲାରେ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଅନ୍ୟତମ ଅଭିଯୁକ୍ତ ଅଛନ୍ତି । ତାଙ୍କୁ ପାରଳାଖେମୁଣ୍ଡି ଏସ୍ ଡିଜେଏମ୍ କୋର୍ଟରେ ହାଜର ହେବାକୁ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ପ୍ରଥମେ ଅକ୍ଟୋବର ୧ ତାରିଖ ସୁଦ୍ଧା ହାଜର ହେବାକୁ କୁହାଯାଇଥିଲା । ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ବିଦ୍ୟାଭାରତୀ ସୁପ୍ରିମକୋର୍ଟ ଯାଇଥିଲେ । ତେବେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାଏମ ରଖିବା ସହ ଆଗୁଆ ଜାମିନ ଆବେଦନ କରିବାର ସୁଯୋଗ ଦେଇଥିଲେ । ପରେ ନିମ୍ନ ଅଦାଲତରେ ହାଜର ହେବା ପାଇଁ ଅଧିକ ସମୟ ଲୋଡ଼ିଥିଲେ ବିଦ୍ୟାଭାରତୀ । ତାଙ୍କ ଆବେଦନକୁ ଗ୍ରହଣ କରି ଅକ୍ଟୋବର ୩୦ ତାରିଖ ସୁଦ୍ଧା ପାରଳାଖେମୁଣ୍ଡି ଏସ୍ ଡିଜେଏମ୍ କୋର୍ଟରେ ହାଜର ହେବାକୁ ଅନୁମତି ଦେଇଥିଲେ ହାଇକୋର୍ଟ । ଏହାପରେ ସମ୍ଭାବ୍ୟ ଗିରଫଦାରୀରୁ ସୁରକ୍ଷା ପାଇଁ ବିଦ୍ୟାଭାରତୀ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ପୂର୍ବ ଶୁଣାଣିରେ ଅନ୍ତରୀଣ ସୁରକ୍ଷା ଦେବାକୁ ମନା କରିବା ସହ ମାମଲାର କେସ୍ ଡାଏରୀ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ ଅଦାଲତ । ଅନ୍ୟପଟେ ଆଜି ସୁଦ୍ଧା ପାରଳାଖେମୁଣ୍ଡି ଏସ୍ ଡିଜେଏମ୍ କୋର୍ଟରେ ହାଜର ହେବା କଥା ବିଦ୍ୟାଭାରତୀ ।

ହୋଟେଲରୁ ମୋବାଇଲ ଚୋରି, ଚୋର ଧରାପଡିଲା

ଭୁବନେଶ୍ୱର(ନି.ପ୍ର): ହୋଟେଲ୍ ସିକ୍ୟୁରିଟି ରୁମ୍‌ରୁ ଦାମୀ ମୋବାଇଲ୍ ଫୋନ୍ ଚୋରି କରି କମ୍ ଦାମରେ ବିକ୍ରି କରିବାକୁ ଗ୍ରାହକ ଖୋଜୁଥିବା ଜଣେ ଅଭ୍ୟାସଗତ ଚୋରକୁ ଇନଫୋସିଟି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଅମନ ଖାନ। ଅଭିଯୁକ୍ତ ନିକଟରୁ ଚୋରି ହୋଇଥିବା ଏକ ରିଅଲମି ମୋବାଇଲ୍ ଫୋନ୍ ଉଦ୍ଧାର କରାଯାଇଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ପ୍ରଶାନ୍ତି ବିହାର ସ୍ଥିତ କିଟ୍ ଲ' କଲେଜ ନିକଟସ୍ଥ 'ଔରା ହୋଟେଲ୍' ରେ ଅଭିଯୋଗକାରୀ ଦୀପେଶ ସୋନି ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟରତ ଥିଲେ। ଆଜି ତା ୩୦.୧୦.୨୦୨୬ ଭୋର ପ୍ରାୟ ୪ଟାରେ ସେ ଡ୍ୟୁଟିରେ ଥିବା ସମୟରେ ନିଜର ରିଅଲମି ମୋବାଇଲ୍ ଫୋନ୍‌ଟିକୁ ସିକ୍ୟୁରିଟି ରୁମ୍ ଭିତରେ ରଖି ବାଥରୁମ୍‌କୁ ଯାଇଥିଲେ। ସେହି ସମୟରେ କୌଣସି ଅଜଣା ଦୁର୍ବୃତ୍ତ ସିକ୍ୟୁରିଟି ରୁମ୍‌ରେ ପଶି ତାଙ୍କ ମୋବାଇଲ୍ ଫୋନ୍‌ଟି ଚୋରି କରି ନେଇଥିଲା। ଏନେଇ ଅଭିଯୋଗକାରୀ ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଗୋପନୀୟ ସୂତ୍ରରୁ ଖବର ମିଳିଥିଲା ଯେ ଶିଖରଚଣ୍ଡୀ ନଗରର ଅମନ ଖାନ୍ ନାମକ ଜଣେ ଯୁବକ ଉକ୍ତ ଚୋରା ଫୋନ୍‌କୁ କମ୍ ଦରରେ ବିକ୍ରି କରିବା ପାଇଁ ଶିଖରଚଣ୍ଡୀ ଛକ ନିକଟରେ ଗ୍ରାହକ ଖୋଜୁଛି। ଖବର ପାଇ ଇନଫୋସିଟିପୋଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ଚଢ଼ାଉ କରି ଅଭିଯୁକ୍ତ ଅମନ ଖାନ୍‌କୁ କାବୁ କରିଥିଲା।

ଘରୋଇ ବସ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ସାଲେପୁର(ନିପ୍ର): କଟକ ଜିଲ୍ଲା ସାଲେପୁର-କୁଆଁପାଳ ପୂର୍ତ୍ତ ବିଭାଗ ରାସ୍ତାର ମନୋହରପୁର ଛକ ନିକଟରେ ଘରୋଇ ବସ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାଲେପୁର ଥାନା ଅନ୍ତର୍ଗତ ବୋଦାମୁଣ୍ଡାଇ ଗ୍ରାମର ୭୦ ବର୍ଷୀୟ ଦୁର୍ଯ୍ୟୋଧନ ସାହୁ। ସୂଚନା ଅନୁଯାୟୀ, ଦୁର୍ଯ୍ୟୋଧନ ସାଇକେଲ ଯୋଗେ ଯାଉଥିବା ସମୟରେ ଟ୍ୱିଙ୍କିଲ ନାମକ ଏକ ଘରୋଇ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଏହାପରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ବିଲ ମଧ୍ୟକୁ ଖସି ପଡ଼ିଥିଲା। ବସ୍‌ରେ ଥିବା ଯାତ୍ରୀମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ଦୁର୍ଯ୍ୟୋଧନଙ୍କୁ ଉଦ୍ଧାର କରି ସାଲେପୁର ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବସ୍‌ଟିକୁ ଜବତ କରିବା ସହ ମୃତଦେହ ଜବତ କରିଛି। ଏନେଇ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

ନାବାଳିକାଙ୍କୁ ଚାକିରି ଦେବା ପ୍ରଲୋଭନ ଦେଖାଇ ଦୁଷ୍କର୍ମ

ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡାଦେଶ

କଟକ(ନିପ୍ର): ନାବାଳିକାଙ୍କୁ ଚାକିରି ଦେବାର ପ୍ରଲୋଭନ ଦେଖାଇ ଅପହରଣ ଓ ଦୁଷ୍କର୍ମ ମାମଲାରେ କଟକ ସ୍ୱତନ୍ତ୍ର ପୋକସୋ ଅଦାଲତ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡାଦେଶ ସହ ୧ ଲକ୍ଷ ୯୦ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ଜୋରିମାନା ଅନାଦେୟ ଅଧିକ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଚାରପତି ସବିତା ଦାସ ମାମଲାର ଶୁଣାଣି କରି ଏହି ରାୟ ପ୍ରକାଶ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଜଣକ ଭଦ୍ରକ ଜିଲ୍ଲା ବାଂଶଡା ଥାନା ଅନ୍ତର୍ଗତ ବରଦିଆର ପ୍ରମୋଦ କୁମାର ନାୟକ ଓରଫ ଜରା ଓରଫ ଜଡ଼ା (୩୬)। ମାମଲାର ବିବରଣୀ ଅନୁଯାୟୀ, ଆସାମ ରାଜ୍ୟର ନାଗାଁଓ ଜିଲ୍ଲାର ଜଣେ ନାବାଳିକା ଚେନ୍ନାଇ ରେଳ ଷ୍ଟେସନରେ ବସିଥିବା ସମୟରେ ଅଭିଯୁକ୍ତ ତାକୁ ଓଡ଼ିଶାରେ ଚାକିରି ଦେବାର ପ୍ରଲୋଭନ ଦେଖାଇ ଟ୍ରେନ ଯୋଗେ ଆଣିଥିଲା। ଭୁବନେଶ୍ୱର ଆଣିବା ପରେ ଅଭିଯୁକ୍ତ ସମ୍ପୃକ୍ତ ନାବାଳିକାକୁ ଲଜ ଓ ଘରୋଇ ଘରକୁ ନେଇ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲା । ୨୦୨୫ ମସିହା ମେ ୮ ତାରିଖରେ ନିଶ୍ଚିନ୍ତକୋଇଲି ପୁଲିସ ଦ୍ୱାରା ନାବାଳିକା ଉଦ୍ଧାର ହେବା ପରେ ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶକ୍ରମେ କଟକ ବିଦ୍ୟାନାସସ୍ଥିତ ବିଡାନାସୀ ସ୍ଥିତ ବସୁନ୍ଧରା ସେଲଟର ହୋମରେ ତାକୁ ଆଶ୍ରୟ ଦିଆଯାଇଥିଲା । ବସୁନ୍ଧରାରେ ରହୁଥିବା ସମୟରେ ନାବାଳିକାଙ୍କୁ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବାରୁ ୨୦୨୫ ଡିସେମ୍ବରରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତରୀ ପରୀକ୍ଷା ଓ ଅଲଟ୍ରାସାଉଣ୍ଡ ଚେକ୍ ପରେ ସେ ପ୍ରାୟ ସେ ପ୍ରାୟ ୮ ମାସର ଗର୍ଭବତୀ ଥିବା ଜଣାପଡିଥିଲା। ପୀଡ଼ିତାଙ୍କୁ ବୁଝାସୁଝା ପରେ ପୀଡିତା ସମସ୍ତ ବିଷୟ ଜଣାଇଥିଲା ଓ ଏହାପରେ ବସୁନ୍ଧରା ପକ୍ଷରୁ ବିଡାନାସୀ ଥାନାରେ ଅଭିଯୋଗ ହୋଇଥିଲା । ପୀଡ଼ିତାଙ୍କ ବୟାନ ଓ ବୈଷୟିକ ତଥ୍ୟ ଆଧାରରେ ଅଭିଯୁକ୍ତକୁ ଭୁବନେଶ୍ୱର ରସୁଲଗଡରୁ ୨୦୨୬ ଜାନୁଆରୀ ୬ ତାରିଖରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଫେବୃଆରୀ ୧୯ରେ ଚାର୍ଜସିଟ ଦାଖଲ କରାଯାଇଥିଲା । ଅଦାଲତ ମାମଲାର ରାୟ ପ୍ରକାଶ କରି ଉପରୋକ୍ତ ଆଦେଶ ଦେବା ସହ ପୀଡ଼ିତାକୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସେଥିମଧ୍ୟରୁ ରାୟ ଦେବା ପୀଡ଼ିତାଙ୍କ ନାମରେ ଜାତୀୟକରଣ ବ୍ୟାଙ୍କରେ ୨ ଲକ୍ଷ ପାଇଁ ଫିକ୍ସଡ୍ ଡ଼ିପୋଜିଟ୍ ଆକାରରେ ରହିବ ଏବଂ ଅବଶିଷ୍ଟ ୩ ଲକ୍ଷ ଟଙ୍କା ତାଙ୍କ ପ୍ରକୃତ ଅଭିଭାବକଙ୍କ ଜରିଆରେ ପ୍ରଦାନ କରାଯିବ। ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମିହିର ଶେଖର ସାହୁ ପରିଚାଳନା କରୁଥିଲେ।

ଲାଞ୍ଚୁଆ ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କ ବଦଳି

ଭାପୁର(ନିପ୍ର): ନୂଆ ବିଦ୍ୟୁତ ନେବା ପାଇଁ ନୋ ଅବଜେକ୍ସନ ସାର୍ଟିଫିକେଟ ପାଇବା ନିମନ୍ତେ ଜଣେ ଉପଭୋକ୍ତା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନ ହେବାରୁ ସମ୍ପୃକ୍ତ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ନିରଞ୍ଜନ ନାୟକ ଲାଞ୍ଚ ନେବା ପରେ ତହସିଲଦାରଙ୍କ ଦ୍ୱାରା ଭର୍ତ୍ସନା ଶୁଣି ବଦଳି ହୋଇଥିବା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଘଟଣାରୁ ପ୍ରକାଶ, ବାଘୁଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ପଥରପୁଞ୍ଜି ଗ୍ରାମର ଗୋଲକ କୁମାର ବରାଡ଼ ଘରକୁ ନୂତନ ବିଦ୍ୟୁତ ନେବା ପାଇଁ ପାରିପାର୍ଶ୍ୱିକ ନୋ ଅବଜେକ୍ସନ ସାର୍ଟିଫିକେଟ ଦରକାର ପଡିଥିଲା। ସେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସାର୍ଟିଫିକେଟ ପାଇବା ପାଇଁ ଆବେଦନ କରିଥିଲେ । କିନ୍ତୁ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ସାର୍ଟିଫିକେଟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରି ଶୁକ୍ରବାର ୫୦୦ ଟଙ୍କା ଦେଲେ ପ୍ରମାଣ ପତ୍ର ପାଇବ ବୋଲି କହିଥିଲେ। ହଁ ନାହିଁରେ ଗୋଲକ ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ୨୦୦ ଟଙ୍କା ଲାଞ୍ଚ ଦେଇ ସ୍ଥାନୀୟ ସମିତି ସଭ୍ୟଙ୍କ ପ୍ରତିନିଧି ସନାତନ ପ୍ରଧାନଙ୍କୁ ଜଣେଇବା ପରେ ତହସିଲଦାର ଲୋପାମୁଦ୍ରା ରଥଙ୍କ କାନକୁ କଥା ଯାଇଥିଲା। ତହସିଲଦାର ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଭର୍ତ୍ସନା କରିବା ସହିତ ଅନ୍ୟତ୍ର ବଦଳି କରିଥିବା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2026-30, ତାରିଖ: 26.10.2026

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ବରିଷ୍ଠ ସେକ୍ସନ ଯନ୍ତ୍ରୀ/ସିଗ୍ନାଲ/କଣ୍ଟାବାଞ୍ଜିଙ୍କ ଅଧୀନରେ ମୁରିବାହାଲ (MRBL) - ଆରଙ୍ଗ ମହାନଦୀ (ANMD) ସେକ୍ସନ ନିମନ୍ତେ ଏକ ବର୍ଷ ପାଇଁ ସିଗ୍ନାଲ୍ ଜୋନାଲ୍ କାର୍ଯ୍ୟ।

ଟେଣ୍ଡର ମୂଲ୍ୟ: ₹64,58,311.95, ବିଡ୍ ସିକ୍ୟୁରିଟୀ: ₹1,29,200.00.

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 17.11.2026, 11.00 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (firm)ର ଲେଟର ହେଡ୍‌ରେ ଦିଆଯାଇଥିବ ଏବଂ ଠିକ୍ ସମୟରେ ମିଳିଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ଅବଲୋକନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଓ ଦୂରସଂଚାର ଯନ୍ତ୍ରୀ/ସମ୍ବଲପୁର
PR-520/R/26-27

ବିଶ୍ୱ କୁସ୍ତି ଚାମ୍ପିଅନଶିପ୍‌ରେ ସ୍ୱର୍ଣ୍ଣ ଜିତିଲେ ମନୀଷା ଭାନୱାଲା

ନୂଆଦିଲ୍ଲୀ, ୩୦/୧୦: ଶୁକ୍ରବାର ଇତିହାସ ସୃଷ୍ଟି କରିଛନ୍ତି ମନୀଷା ଭାନୱାଲା। ପ୍ରଥମ ଭାରତୀୟ ମହିଳା ଭାବେ କୁସ୍ତି ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି ସେ। ସେହିପରି ଏହି ସଫଳତା ପାଇବାରେ ସୁଶୀଲ କୁମାରଙ୍କ ପରେ ସେ ହେଉଛନ୍ତି ଦେଶର ଦ୍ୱିତୀୟ କୁସ୍ତିଯୋଦ୍ଧା। ୨୦୧୦ ମସିହାରେ ପୁରୁଷ ୬୬ କେଜି ବିଭାଗରେ ଶୀର୍ଷ ସ୍ଥାନ ହାସଲ କରିଥିଲେ ସୁଶୀଲ କୁମାର। ମହିଳା ୫୯ କେଜି ବର୍ଗରେ ଭାଗ ନେଇଥିବା ମନୀଷା ଭାନୱାଲ ଆଜି ଫାଇନାଲରେ ଆମେରିକାର ଆବିଗେଲ ନେଟ୍‌ଙ୍କୁ ଭେଟିଥିଲେ। ଏହି ମୁକାବିଲା ବେଶ୍ ରୋମାଞ୍ଚକର ରହିଥିଲା। ୦-୬ ପଏଣ୍ଟରେ ପଛୁଆ ରହିଥିବା ମନୀଷା କରିଥିଲେ ଅପ୍ରତ୍ୟାଶିତ ପ୍ରତ୍ୟାବର୍ତ୍ତନ। ଶେଷରେ ୮-୬ ପଏଣ୍ଟରେ ବିଜୟୀ ହୋଇଥିଲେ ଓ ସ୍ୱର୍ଣ୍ଣ ପଦକ ହାତେଇଥିଲେ। ଏହା ସହିତ ମହିଳା କୁସ୍ତିରେ ବିଶ୍ୱ ଚାମ୍ପିଅନ ହେବା ପାଇଁ ଭାରତର ଦୀର୍ଘ ବର୍ଷର ଅପେକ୍ଷାର ଅନ୍ତ ଘଟାଇଥିଲେ। କୁସ୍ତି ବିଶ୍ୱ ଚାମ୍ପିୟନଶିପର ଏହି ସଂସ୍କରଣ ଆଉ ଏକ ଦୃଷ୍ଟିକୋଣରୁ ଐତିହାସିକ ରହିବ। ଚଳିତ ଥର ପ୍ରଥମ ଥର ପାଇଁ ଗୋଟିଏ ସଂସ୍କରଣରେ ତିନି ଜଣ ଭାରତୀୟ ମହିଳା ସ୍ୱର୍ଣ୍ଣ ପଦକ ମୁକାବିଲାରେ ପହଞ୍ଚିଥିଲେ। ନୀଲମ ସିରୋହି ୫୦ କେଜି ଏବଂ କାଜଲ ଧୋଟକ ୭୬ କେଜି ବର୍ଗ ଫାଇନାଲରେ ପହଞ୍ଚିଥିଲେ। ଗତକାଲି ସେମାନେ ନିଜ ନିଜର ଫାଇନାଲ୍ ମ୍ୟାଚ୍‌ରେ ହାରିଯିବା ପରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଅନ୍ୟପକ୍ଷରେ ତନୁ ଶର୍ମା ବ୍ରୋଞ୍ଜ ପଦକ ଜିତିଛନ୍ତି। କାଜାଖସ୍ତାନର ଅଲ୍‌ଟିନ୍ ଶାଗାୟେଭାଙ୍କ ବିପକ୍ଷରେ ସେମିଫାଇନାଲରେ ଦମ୍‌ଦାର ମୁକାବିଲା ପ୍ରଦର୍ଶନ କରି ଫାଇନାଲ୍‌ରେ ପ୍ରବେଶ କରିଥିଲେ ହରିୟାଣାର ଝିଅ ମନୀଷା।

୨୦୩୦ ହକି ବିଶ୍ୱକପ, ଆୟୋଜକ ଦୌଡ଼ରେ...

ଓଡ଼ିଶା-ତାମିଲନାଡୁ ଏବଂ ପଞ୍ଜାବ

ନୂଆଦିଲ୍ଲୀ,୩୦/୧୦: କ୍ରୀଡ଼ା ଜଗତ ପାଇଁ ବଡ଼ ଖବର । ୨୦୩୦ରେ ପୁରୁଷ ଓ ମହିଳା ବିଶ୍ୱକପ ଆୟୋଜନ ଦୌଡ଼ରେ ପଞ୍ଜାବ, ତାମିଲନାଡୁ ଏବଂ ଓଡ଼ିଶା ରହିଛନ୍ତି । ହକି ଇଣ୍ଡିଆର ମହାସଚିବ ଭୋଲାନାଥ ସିଂହ କହିଛନ୍ତି ଯେ, ୨୦୩୦ରେ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ଓ ମହିଳା ଏଫ୍‌ଆଇଏଚ୍ ବିଶ୍ୱକପ୍ ଆୟୋଜନ ପାଇଁ ପଞ୍ଜାବ, ଓଡ଼ିଶା ଏବଂ ତାମିଲନାଡୁ ଆଗରେ ଅଛନ୍ତି । ଓଡ଼ିଶା ସଫଳତାର ସହିତ ୨ ଥର ପୁରୁଷ ହକି ବିଶ୍ୱକପ ଆୟୋଜନ କରିଛି । ତାମିଲନାଡୁ ଚେନ୍ନାଇ ଏବଂ ମଦୁରାଇରେ ଗତବର୍ଷ ଜୁନିୟର ପୁରୁଷ ହକି ବିଶ୍ୱକପ ଆୟୋଜନ କରିଥିଲା । ଭାରତୀୟ ହକିର ଗଡ଼ ପଞ୍ଜାବ କେବେ ବି ବିଶ୍ୱକପ୍ ଆୟୋଜନ କରିନାହିଁ । ସେ ବର୍ତ୍ତମାନ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରୁଛନ୍ତି । ଗତ ୧୭ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ପଞ୍ଜାବ ଏକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଛି । ଓଡ଼ିଶା, ତାମିଲନାଡୁ ଓ ପଞ୍ଜାବ ବିଶ୍ୱକପ୍ ଆୟୋଜନ ପାଇଁ ଦୌଡ଼ରେ ଅଛନ୍ତି । ଯଦି ଓଡ଼ିଶା ପୁଣି ଥରେ ବିଶ୍ୱକପ ଆୟୋଜନ କରେ, ତେବେ ଏହା ସେମାନଙ୍କ ପାଇଁ ମଧ୍ୟ ଏକ ବଡ଼ ସଫଳତା ହେବ । ଓଡ଼ିଶା ଆମର ପ୍ରଥମ ପ୍ରାଥମିକତା ହେବ ବୋଲି କହିଛନ୍ତି ହକି ଇଣ୍ଡିଆର ମହାସଚିବ। ସେ ଆହୁରି କହିଛନ୍ତି, ‘ମୁଁ କେବଳ ଆକାଶରେ ତୀର ନିକ୍ଷେପ କରେ ନାହିଁ । ମୁଁ କିପରି ମିଛ କହିବି ଜାଣେ ନାହିଁ । ସାଧାରଣ ସମ୍ପାଦକ ହେବା ପରେ ହକିକୁ ଦେଶର କୋଣ ଅନୁକୋଣରେ ପହଞ୍ଚାଇବା ହେଉଛି ପ୍ରାଥମିକତା । ମୁଁ ହକିକୁ ଦେଶର କୋଣ ଅନୁକୋଣକୁ ନେବାକୁ ଚାହୁଁଛି। ମଧ୍ୟପ୍ରଦେଶ ଏପର୍ଯ୍ୟନ୍ତ କୌଣସି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିନାହିଁ, କିନ୍ତୁ ବର୍ତ୍ତମାନ ମହିଳା ଚାମ୍ପିଅନ୍ସ ଟ୍ରଫି ନଭେମ୍ବର ୧୯ ରୁ ୨୮ ପର୍ଯ୍ୟନ୍ତ ଭୋପାଳରେ ଖେଳାଯିବ।

ଅସଂଗଠିତ, ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକଙ୍କ ପାଇଁ ଜାତୀୟ ସାମାଜିକ ସୁରକ୍ଷା ବୋର୍ଡ ଗଠନ ନେଇ ବିଜ୍ଞପ୍ତି ଜାରି

ନୂଆଦିଲ୍ଲୀ, ୩୦/୧୦(ପିଆଇବି): କେନ୍ଦ୍ର ସରକାର ଅସଂଗଠିତ ଶ୍ରମିକ ଏବଂ ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକଙ୍କ ପାଇଁ ଜାତୀୟ ସାମାଜିକ ସୁରକ୍ଷା ବୋର୍ଡ ଗଠନ ନେଇ ବିଜ୍ଞପ୍ତି ଜାରି କରିଛନ୍ତି। ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ସାମାଜିକ ସୁରକ୍ଷା ସଂହିତା ଅନୁଯାୟୀ ଏହି ବୋର୍ଡ ଗଠନର ଆଧିକାରିକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ସହ ଡିଜିଟାଲ୍ ପ୍ଲାଟଫର୍ମରେ କାମ କରୁଥିବା ଶ୍ରମିକଙ୍କୁ ମଧ୍ୟ ସାମାଜିକ ସୁରକ୍ଷା ବ୍ୟବସ୍ଥାର ପରିସରଭୁକ୍ତ କରିବା। କେନ୍ଦ୍ରୀୟ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଅନୁଯାୟୀ, ଏହି ବୋର୍ଡଗୁଡ଼ିକର ଅଧ୍ୟକ୍ଷତା କେନ୍ଦ୍ରୀୟ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ କରିବେ। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ସହ ଏଗ୍ରିଗେଟର କମ୍ପାନୀ, ନିଯୋଜକ, ନାଗରିକ ସମାଜ ସଂଗଠନ, ଶ୍ରମିକ ସଂଘ ଏବଂ ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକ ସଂଗଠନର ପ୍ରତିନିଧିମାନେ ସାମିଲ ହେବେ। ଜାତୀୟ ସାମାଜିକ ସୁରକ୍ଷା ବୋର୍ଡ ଅସଂଗଠିତ ଶ୍ରମିକ ଏବଂ ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକଙ୍କ ପାଇଁ ଲକ୍ଷ୍ୟଭିତ୍ତିକ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିବା, ଏହାର ତଦାରଖ କରିବା ଏବଂ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦେବା କାର୍ଯ୍ୟ କରିବ।

ବନ୍ୟା ପ୍ରଭାବିତ ଗଞ୍ଜାମରେ ନିୟୋଜିତ ୩୦ ଅଧିକାରୀ

ଭୁବନେଶ୍ୱର,୩୦।୧୦: ବନ୍ୟା ପ୍ରଭାବିତ ଗଞ୍ଜାମ ଜିଲ୍ଲାରେ ରିଲିଫ୍ (ସହାୟତା) ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରିବା ପାଇଁ ଓଡ଼ିଶା ସରକାର ମୋଟ ୩୦ ଜଣ ଓଏଏସ (ଓଡ଼ିଶା ପ୍ରଶାସନିକ ସେବା) ଏବଂ ଓଆରଏସ (ଓଡ଼ିଶା ରାଜସ୍ୱ ସେବା) ଅଧିକାରୀଙ୍କୁ ନିୟୋଜିତ କରିଛନ୍ତି। ଏ ସମ୍ପର୍କରେ ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦୁଇଟି ପୃଥକ ନିର୍ଦ୍ଦେଶନାମା ଜାରି କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ ୧୦ ଜଣ ବରିଷ୍ଠ ଓଏଏସ ଅଧିକାରୀଙ୍କୁ ଗଞ୍ଜାମ ଜିଲ୍ଲାରେ ନିୟୋଜିତ କରାଯାଇଛି।

ପୌର ଚିକିତ୍ସାଳୟ ସମସ୍ୟା ଦୂର କରାଯାଉ: ସେବା ପ୍ରତିନିଧି

ଭୁବନେଶ୍ୱର,୩୦।୧୦(ନିପ୍ର): ସ୍ଥାନୀୟ ପୁରୁଣା ଭୁବନେଶ୍ୱରସ୍ଥିତ ପୌର ଚିକିତ୍ସାଳୟର ଉନ୍ନତି କଳ୍ପେ ଦୀର୍ଘ ଚାରିବର୍ଷ ଏକମାସ ଧରି ଶାନ୍ତି ପୂର୍ଣ୍ଣ ଧାରଣା ବିଭିନ୍ନ ସମୟରେ ଦେଇ ଚାଲିଛନ୍ତି ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ବହୁ ସ୍ୱେଚ୍ଛାସେବୀ।ଏହି ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ଲାଗି ଦାବି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଆଠ କୋଟି ଟଙ୍କା ଧରି ପୌର ଚିକିତ୍ସାଳୟର କର୍ତ୍ତୃପକ୍ଷ ପୌର ଚିକିତ୍ସାଳୟର ନୂତନ ସ୍ଥାପନ ନିମନ୍ତେ ସ୍ଥାନ ଖୋଜୁଥିଲେ ବି ମିଳୁନାହିଁ। ଏ ବାବଦରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଧାରଣା ଦେଇଥିବା ଅଶୋକ କୁମାର ମହାରଣା, ଗିରିଜା ଶଙ୍କର ମହାପାତ୍ର, ହୃଷୀକେଶ ବେହେରା, ପ୍ରଦୀପ କୁମାର ରାୟ, ପୂର୍ଣ୍ଣଚନ୍ଦ୍ର ସେନାପତି, ରଙ୍କନିଧି ପଟ୍ଟନାୟକ, ପୀୟୂଷ ମହାନ୍ତି, ସନ୍ତୋଷ କୁମାର ମହାପାତ୍ର ଓ ଅନ୍ୟମାନେ ଦାବି କରିଛନ୍ତି।

ଗଞ୍ଜାମ ବନ୍ୟା ସ୍ଥିତି ନେଇ...

ଜିଲ୍ଲାପାଳଙ୍କ ସହ କଥା ହେଲେ ନବୀନ

ଭୁବନେଶ୍ୱର, ୩୦/୧୦(ନିପ୍ର): ଗଞ୍ଜାମ ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟେଲିଫୋନ ଯୋଗେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି। ହିଞ୍ଜିଳି ଓ ଶେରଗଡ଼ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ସ୍ଥିତି, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ସମ୍ପର୍କରେ ସେ ପଚାରି ବୁଝିଥିଲେ। ବିପନ୍ନଙ୍କୁ ତୁରନ୍ତ ଆବଶ୍ୟକ ସହାୟତା ଯୋଗାଇଦେବାକୁ ସେ ପରାମର୍ଶ ଦେଇଛନ୍ତି। ଅର୍ଣ୍ଣବ ବାତ୍ୟାଜନିତ ବନ୍ୟାରେ ଗଞ୍ଜାମବାସୀଙ୍କ ଦୁର୍ଦ୍ଦଶା ନେଇ ନବୀନ ଦୁଃଖ ପ୍ରକାଶ କରିଛନ୍ତି। ବନ୍ୟା ସ୍ଥିତି ଅନୁଧ୍ୟାନ ପାଇଁ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳକୁ ଗଞ୍ଜାମ ପଠାଇଛନ୍ତି। ଏହି ଦଳରେ ପ୍ରତାପ ଜେନା, ଟୁକୁନି ସାହୁ, ବିକ୍ରମ ପଣ୍ଡା, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଚନ୍ଦ୍ରଶେଖର ସାହୁ, ଭୃଗୁ ବକ୍ସିପାତ୍ର, ଚିନ୍ମୟ ସାହୁ, ରଞ୍ଜିତା ସାହୁ ଓ ସଂଘମିତ୍ରା ଦଳେଇ ସାମିଲ ଅଛନ୍ତି। ଦୁଇଦିନିଆ ଗସ୍ତରେ ଦଳ ବିପନ୍ନଙ୍କୁ ଭେଟିବା ସହ କ୍ଷୟକ୍ଷତି ଆକଳନ କରିବ ଏବଂ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ନେଇ ପ୍ରଶାସନ ସହ ଆଲୋଚନା କରିବ।

ଗୁରୁତର ରୋଗୀଙ୍କୁ ଖଟିଆରେ ବୋହିଲେ ଗ୍ରାମବାସୀ

ରାୟଗଡ଼ା, ୩୦/୧୦ (ନିପ୍ର): ରାସ୍ତା ଓ ପୋଲ ଅଭାବରୁ ରାୟଗଡ଼ା ଜିଲ୍ଲାରେ ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ। ରାୟଗଡ଼ା ବ୍ଲକ ପିତାମହଲ ପଞ୍ଚାୟତ ଅନ୍ତର୍ଗତ ବେହେରାଗୁଡ଼ା ନିକଟସ୍ଥ ନାଗାବଳୀ ନଦୀ ଆରପାରିରେ ଥିବା ପୂଜାରୀବାମ୍ଭୁ ଗ୍ରାମର ଅଭି ବିଡ଼ିକା ଗୁରୁତର ଅସୁସ୍ଥ ହେବାରୁ ଗ୍ରାମବାସୀ ତାଙ୍କୁ ଖଟିଆରେ ବୋହି ବଢ଼ିଥିବା ନଦୀଜଳ ପାର କରାଇଥିଲେ। ପରେ ବେହେରାଗୁଡ଼ାଠାରେ ଥିବା ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ବର୍ତ୍ତମାନ ସେ ସୁସ୍ଥ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମକୁ ପିତାମହଲ ପଞ୍ଚାୟତର ବେଡେଲି ଦେଇ ରାସ୍ତା ନିର୍ମାଣ ପାଇଁ ସର୍ଭେ ହୋଇଥିଲେ ମଧ୍ୟ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ନାଗାବଳୀ ନଦୀ ଏହି ଅଞ୍ଚଳର ୬ଟି ଗ୍ରାମର ଲୋକଙ୍କ ଯାତାୟାତରେ ବାଧକ ସାଜିଛି। ନଦୀ ଉପରେ ପୋଲ ନିର୍ମାଣ ହେଲେ ରାୟଗଡ଼ା ସହରକୁ ଯୋଗାଯୋଗ ସୁଗମ ହେବା ସହ ଲୋକଙ୍କ ଦୂରତା ମଧ୍ୟ କମିବ ବୋଲି ଗ୍ରାମବାସୀ ସୁରେଶ କଲାକା କହିଛନ୍ତି। ନିକଟରେ ନିର୍ବାଚିତ ପ୍ରତିନିଧିମାନେ ଗ୍ରାମ ପରିଦର୍ଶନ କରି ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି ଗୁରୁତର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

ମାଲକାନଗିରିରେ ‘ଶୌର୍ଯ୍ୟ କାଫେ’ର ଶିଳାନ୍ୟାସ

ମାଲକାନଗିରି, ୩୦/୧୦(ନିପ୍ର): ମାଲକାନଗିରି ଜନଜାତି ସଂଗ୍ରହାଳୟ ନିକଟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ‘ଶୌର୍ଯ୍ୟ କାଫେ’ର ଭୂମିପୂଜନ ଓ ଶିଳାନ୍ୟାସ କରାଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏହାର ଶୁଭାରମ୍ଭ କରିଥିଲେ। ମାଓବାଦୀ କାର୍ଯ୍ୟକଳାପ ସମୟରେ ଜିଲ୍ଲାରେ ଶାନ୍ତି ଓ ସୁରକ୍ଷା ପ୍ରତିଷ୍ଠା ପାଇଁ ପ୍ରାଣବଳି ଦେଇଥିବା ଆରକ୍ଷୀ ଓ ଅର୍ଦ୍ଧସାମରିକ ବାହିନୀର ବୀର ଯବାନଙ୍କ ସ୍ମୃତିରେ ଏହି କାଫେ ନିର୍ମାଣ କରାଯାଉଛି। ଏହା ଦେଶପ୍ରେମ, ତ୍ୟାଗ ଓ ସେବା ମନୋଭାବର ପ୍ରେରଣା କେନ୍ଦ୍ର ହେବ ବୋଲି ଜିଲ୍ଲାପାଳ କହିଥିଲେ। ଆରକ୍ଷୀ ଅଧୀକ୍ଷକ ଶହୀଦ ଯବାନଙ୍କ ସାହସ ଓ ବଳିଦାନକୁ ସ୍ମରଣ କରିଥିଲେ। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ହଳଧର ଶବରଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ରହି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ବିନା ପ୍ରଚାରରେ ସରିଲା ‘ସୁରଭି, ବିଇଓଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ

ଗୋଲାମୁଣ୍ଡା, ୩୦/୧୦(ନିପ୍ର): ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ଓ ସୃଜନଶୀଳତାର ବିକାଶ ପାଇଁ ଆୟୋଜିତ ସରକାରୀ କାର୍ଯ୍ୟକ୍ରମ ‘ସୁରଭି’ ଗୋଲାମୁଣ୍ଡା ବ୍ଲକରେ ବିନା ପ୍ରଚାରରେ ଶେଷ ହୋଇଛି। କାର୍ଯ୍ୟକ୍ରମର ଆୟୋଜନ, ପରିଚାଳନା ଓ ବିଭାଗୀୟ ସମନ୍ୱୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ସହ ବିଇଓଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି। ଏତେ ବଡ଼ ଶିକ୍ଷାମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସ୍ଥାନୀୟ ସାମ୍ବାଦିକଙ୍କୁ ଆଗୁଆ ସୂଚନା ଦିଆଯାଇନଥିବା ଅଭିଯୋଗ ହୋଇଛି। ଏଥିସହ କାର୍ଯ୍ୟକ୍ରମର ସମୟ ନିର୍ଘଣ୍ଟ ଓ ପରିଚାଳନାରେ ମଧ୍ୟ ଅବ୍ୟବସ୍ଥା ଥିବା କୁହାଯାଇଛି। ବିଶେଷକରି ଗ୍ରୀଣ୍ଡୋଲ କ୍ଲଷ୍ଟରରେ ସୁରଭି ଆୟୋଜନ ନକରି ସିଧାସଳଖ ବ୍ଲକସ୍ତରୀୟ ପ୍ରତିଯୋଗିତା କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ସମସ୍ତ କ୍ଲଷ୍ଟରର ଛାତ୍ରଛାତ୍ରୀଙ୍କୁ ସମାନ ସୁଯୋଗ ମିଳିଥିଲା କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ବ୍ଲକସ୍ତରୀୟ କାର୍ଯ୍ୟକ୍ରମର ଯୋଜନା, ସମନ୍ୱୟ ଓ ତଦାରଖ ଦାୟିତ୍ୱ ଶିକ୍ଷା ବିଭାଗର ଥିବାବେଳେ ଏଭଳି ଅବ୍ୟବସ୍ଥା କିପରି ହେଲା, ତାହା ସ୍ପଷ୍ଟ ହୋଇନାହିଁ। ସୁରଭି ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ପ୍ରତିଭା ପ୍ରଦର୍ଶନର ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ହୋଇଥିବାରୁ ଏହାର ସୁଚାରୁ ପରିଚାଳନା ଆବଶ୍ୟକ। ତେଣୁ ଏହି ଅଭିଯୋଗଗୁଡ଼ିକ ଉପରେ ଗୋଲାମୁଣ୍ଡା ବିଇଓଙ୍କ ସ୍ପଷ୍ଟୀକରଣ ସହ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରିବାକୁ ଦାବି ହୋଇଛି।

ସମ୍ବଲପୁର ସିଟି ରେଳ ଷ୍ଟେସନ ନିରୀକ୍ଷଣ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ଭୁବନେଶ୍ୱର, ୩୦/୧୦(ପିଆଇବି): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶୁକ୍ରବାର ସମ୍ବଲପୁର ସିଟି ରେଳ ଷ୍ଟେସନ ପରିଦର୍ଶନ କରି ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଚାଲିଥିବା ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ଷ୍ଟେସନର ଭିତ୍ତିଭୂମି ବିକାଶ, ଯାତ୍ରୀ ସୁବିଧାର ଉନ୍ନତିକରଣ ଓ ପରିବେଶର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସେ ଅନୁଧ୍ୟାନ କରିଥିଲେ। ଯାତ୍ରୀଙ୍କ ପାଇଁ ଉନ୍ନତ ସୁବିଧା, ସୁଗମ ଯାତାୟାତ ବ୍ୟବସ୍ଥା ଏବଂ ପରିଚ୍ଛନ୍ନ ଓ ଆରାମଦାୟକ ଷ୍ଟେସନ ପରିବେଶ ସୃଷ୍ଟି ଉପରେ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରିଥିଲେ। ଚାଲୁ ରହିଥିବା ନିର୍ମାଣ କାର୍ଯ୍ୟର ନିୟମିତ ତଦାରଖ କରିବା ସହ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ କାର୍ଯ୍ୟ ସମ୍ପନ୍ନ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ପିଏମ୍ କିଷାନ କିସ୍ତି ପାଇଲେ ଚାଷୀ

ବଡ଼ଚଣା, ୩୦/୧୦: ପି.ଏମ୍ କିଷାନ ଯୋଜନାର ୨୪ତମ କିସ୍ତି ପ୍ରଦାନ ଅବସରରେ ଯାଜପୁର ଜିଲ୍ଲାସ୍ତରୀୟ ସମାରୋହ ବଡ଼ଚଣା କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ମୁଖ୍ୟ ଅତିଥି ଥିଲେ। ଏହି କିସ୍ତିରେ ଯାଜପୁର ଜିଲ୍ଲାର ୧ ଲକ୍ଷ ୬୮ ହଜାର ୯୦୫ ଜଣ କୃଷକ ୨ ହଜାର ଟଙ୍କା ଲେଖାଏଁ ପାଇଛନ୍ତି।

ସୁନ୍ଦରଗଡ଼: ସୁନ୍ଦରଗଡ଼ ବିକାଶ ଭବନଠାରେ ଜିଲ୍ଲାସ୍ତରୀୟ ପିଏମ୍ କିଷାନ ଉତ୍ସବ ପାଳିତ ହୋଇଛି। ଏଥିରେ ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ସମେତ ଅନ୍ୟ ଅତିଥି ଯୋଗଦେଇଥିଲେ। ଗୁଜରାଟର ବନାସକାଣ୍ଠାଠାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୨୪ତମ କିସ୍ତି ପ୍ରଦାନର ସିଧାପ୍ରସାରଣ ହୋଇଥିଲା। ଜିଲ୍ଲାର ୧ ଲକ୍ଷ ୩୬ ହଜାର ୩୫୮ ଜଣ ଚାଷୀଙ୍କ ଖାତାକୁ କିସ୍ତି ଅର୍ଥ ହସ୍ତାନ୍ତର ହୋଇଛି।

ରାୟଗଡ: ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ୨୪ତମ କିସ୍ତି ଅର୍ଥରାଶି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ବନାସକାଣ୍ଠାଠାରୁ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରଦାନ କରିଛନ୍ତି। ଏହି ଅବସରରେ ରାୟଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପିଏମ୍ କିଷାନ ଉତ୍ସବ ଦିବସ ପାଳିତ ହୋଇଥିଲା। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ସମେତ କୃଷି ବିଭାଗର ଅଧିକାରୀ ଓ ବୈଜ୍ଞାନିକମାନେ ଏଥିରେ ଯୋଗଦେଇଥିଲେ। ଜିଲ୍ଲାର ୫୦ ହଜାର ୯୬୩ ଜଣ ଚାଷୀ ଏହି କିସ୍ତିରେ ଉପକୃତ ହୋଇଛନ୍ତି।

ଜୀବନ ଓ ଜୀବିକାକୁ ଉଜାଡ଼ିଲା ବାତ୍ୟା ପରେ ବନ୍ୟା

କଣ୍ଟିଲୋ, ୩୦/୧୦ (ନିପ୍ର): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଗତ ତିନିଦିନ ଧରି ଖଣ୍ଡପଡ଼ା ଅଞ୍ଚଳରେ ଲଗାଣ ବର୍ଷା ଓ ପବନ ଯୋଗୁଁ ବ୍ୟାପକ ଫସଲ କ୍ଷତି ହୋଇଛି। ଘଣ୍ଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବୋହିବା ସହ ପ୍ରବଳ ବର୍ଷାରେ ଧାନ ଓ ପନିପରିବା ଚାଷ ଉଜୁଡ଼ି ଯାଇଛି। ଏକର ଏକର ଜମିରେ ପାଚିଲା ଧାନଗଛ ଭାଙ୍ଗି ପାଣିରେ ପଡ଼ି ରହିଥିବାବେଳେ ଶୀତଦିନିଆ ପନିପରିବା ଚାଷ ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବର୍ଷାଜଳରେ ପନିପରିବା ତଳି ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଗତ ମଙ୍ଗଳବାର ତୁଳନାରେ ବୁଧବାର ଓ ଗୁରୁବାର ବର୍ଷାର ପରିମାଣ ଅଧିକ ରହିଥିଲା। ଫଳରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିବାବେଳେ ଉଜୁଡ଼ା ଫସଲ ଦେଖି ଚାଷୀ ପରିବାର ହତାଶ ହୋଇପଡ଼ିଛନ୍ତି। ପ୍ରତିବର୍ଷ ଅକ୍ଟୋବର ମାସରେ ବାତ୍ୟା ଓ ଲଗାଣ ବର୍ଷା ଯୋଗୁଁ ଚାଷୀମାନେ କ୍ଷତି ସହୁଥିବାରୁ ସେମାନଙ୍କ ଚିନ୍ତା ବଢ଼ିଛି। ବର୍ଷା ସମ୍ପୂର୍ଣ୍ଣ ଛାଡ଼ିବା ପରେ ଖଣ୍ଡପଡ଼ା ବ୍ଲକ କୃଷି ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀମାନେ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ଫସଲ କ୍ଷୟକ୍ଷତିର ଆକଳନ କରିବା ସହ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଓ କ୍ଷତିପୂରଣ ଯୋଗାଇଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ବେଲଗୁଣ୍ଠା: ଅର୍ଣ୍ଣବ ବାତ୍ୟାଜନିତ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ବେଲଗୁଣ୍ଠା ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଇଙ୍ଗିନାଠି ପଞ୍ଚାୟତରେ ୩୦୦ ଏକରରୁ ଊର୍ଦ୍ଧ୍ୱ ଜମିର ପାଚିଲା ଧାନ ଫସଲ ନଷ୍ଟ ହୋଇଥିବାବେଳେ ବଲାଡ଼ି ଗ୍ରାମର ଏକ କୁକୁଡ଼ା ଫାର୍ମରେ ପାଣି ପଶି ପ୍ରାୟ ୧୫ ହଜାର କୁକୁଡ଼ାଙ୍କ ମୃତ୍ୟୁ ଘଟିଛି। ଲୋହରାଖଣ୍ଡି ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ଇଙ୍ଗିନାଠି, ଉସ୍ତପଲ୍ଲୀ, ସାରିଆପଲ୍ଲୀ, ରତଙ୍ଗ, ବଲାଡ଼ି, ମନ୍ଦାର ସମେତ ଧୁମୁଛାଇ ପଞ୍ଚାୟତର ଡିମ୍ବିରିପଲ୍ଲୀ ଓ ପାଟୁଳିସାହି ଗ୍ରାମ ଜଳମଗ୍ନ ହୋଇଥିଲା। ଘରେ ପାଣି ପଶିବାରୁ ଆସବାବପତ୍ର ନଷ୍ଟ ହେବା ସହ ଚାଳଘର କ୍ଷତିଗ୍ରସ୍ତ ହୋଇଛି। ଧାନ ଫସଲ ସମେତ କଦଳୀ, ଆଖୁ ଓ ପରିବା ଚାଷ ମଧ୍ୟ ନଷ୍ଟ ହୋଇଛି। ବନ୍ୟାଜଳ ହ୍ରାସ ପରେ ମଧ୍ୟ ୧୦ରୁ ୧୫ ଏକର ଜମି ବାଲିଚର ହୋଇଛି। ବନ୍ୟାରେ ବଲାଡ଼ି-କୁଶପଲ୍ଲୀ ରାସ୍ତା ଧୋଇଯାଇଥିବାବେଳେ ମନ୍ଦାର ନିକଟରେ ରାସ୍ତା ନଷ୍ଟ ହେବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିବା ଓ ତାର ଛିଡ଼ିବା ଯୋଗୁଁ ଗୁରୁବାର ଭୋର ୫ଟାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା।

କୁଚିଣ୍ଡା: ଅର୍ଣ୍ଣବ ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡରେ ପାଚିଲା ଧାନ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଗୁରୁବାର କୁଚିଣ୍ଡା ବ୍ଲକରେ ୫୮ ମି.ମି. ବର୍ଷା ହେବାରୁ ଧାନ କିଆରିରେ ପାଣି ଜମି ରହିଛି। ଫଳରେ ଅମଳ ଯୋଗ୍ୟ ଧାନ ଗଜା ହେବା ଆଶଙ୍କାରେ ଚାଷୀ ଚିନ୍ତିତ। ବର୍ଷା ଅଭାବରୁ ପୂର୍ବରୁ ଢିପ ଜମିର ଧାନ ଫସଲ ପ୍ରଭାବିତ ହୋଇଥିବା ବେଳେ ଏବେ ଲଗାଣ ବର୍ଷା ଯୋଗୁଁ ବେର୍ଣ୍ଣା ଓ ଖାଲ ଜମିର ଫସଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏଥିସହ ଷୋରିଷ, ଲଙ୍କା, ଟମାଟୋ, ବାଇଗଣ, ପୋଟଳ, ଭେଣ୍ଡି, କଲରା ଓ ଝୁଡୁଙ୍ଗ ଭଳି ପନିପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି। ବ୍ୟାଙ୍କ ଓ ସମବାୟ ସମିତିରୁ ଋଣ ନେଇ ଚାଷ କରିଥିବା ଚାଷୀ ଏବେ ଫସଲ ନଷ୍ଟ ସହ ଋଣ ପରିଶୋଧ ଚିନ୍ତାରେ ପଡ଼ିଛନ୍ତି। ଆଉ ଦିନେ ଦୁଇଦିନ ବର୍ଷା ଲାଗି ରହିଲେ ଫସଲର ବ୍ୟାପକ କ୍ଷତି ହେବା ଆଶଙ୍କା ରହିଛି।

ପୁରୀ: ବାତ୍ୟା ‘ଅର୍ଣ୍ଣବ’ ପ୍ରଭାବରେ ପୁରୀ ସହରରେ ଲଗାତାର ବର୍ଷା ଯୋଗୁଁ ବିଭିନ୍ନ ତଳିଆ ଅଞ୍ଚଳ ସମେତ ବସ୍ତିବାସିନ୍ଦା ଏବେ ବି ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଜଳ ନିଷ୍କାସନ ବ୍ୟବସ୍ଥା ଅଭାବରୁ ଲୋକେ ନାନା ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଛି। ଏଥିପ୍ରତି ପୁରୀ ମହାନଗର ନିଗମ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହ ଜଳବନ୍ଦୀ ସମସ୍ୟାର ସମାଧାନ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

କାଶୀନଗର: ବାତ୍ୟା ‘ଅର୍ଣ୍ଣବ’ ପ୍ରଭାବରେ ଲଗାତାର ବର୍ଷା ଓ ପବନ ଯୋଗୁଁ କାଶୀନଗର ଅଞ୍ଚଳର ଚାଷୀମାନେ ବ୍ୟାପକ କ୍ଷତିର ଆଶଙ୍କା କରିଛନ୍ତି। ଏଠାରେ ଚାଷ ହେଉଥିବା ପନିପରିବା, ମକା, ଫୁଲ ଓ ଧାନ ଫସଲ ପ୍ରଭାବିତ ହୋଇଛି। ବିଶେଷକରି ଧାନ ଜମି ଜଳମଗ୍ନ ହୋଇ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଫଳରେ ଧାନଗଛ ପାଣିରେ ବୁଡ଼ି ରହିଛି। ଫସଲ ବିକ୍ରି କରି ଭଲ ରୋଜଗାର କରିବାର ଆଶା ରଖିଥିବା ଚାଷୀଙ୍କ ଚିନ୍ତା ବଢ଼ିଛି। ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ସାଧାରଣରେ ଦାବି ହୋଇଛି।

୨୪ତମ ପିଏମ୍ କିଷାନ କିସ୍ତି ଟଙ୍କା ବଣ୍ଟନ

ଭୁବନେଶ୍ୱର, ୩୦/୧୦(ନିପ୍ର): ୨୪ ତମ ପିଏମ୍ କିଷାନ କିସ୍ତି ଟଙ୍କା ବଣ୍ଟନ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଗୁଜୁରାଟର ବନାସକାଣ୍ଠାରୁ ଆଭାସୀ ମାଧ୍ୟମରେ ଦେଶବ୍ୟାପୀ ‘ପିଏମ୍-କିଷାନ’ ଯୋଜନାର ୨୪ତମ କିସ୍ତି ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ଭୁବନେଶ୍ୱରସ୍ଥିତ ରାଜ୍ୟସ୍ତରୀୟ ‘ପିଏମ୍ କିଷାନ ଉତ୍ସବ’ରେ ଯୋଗଦେଇ ଉପସ୍ଥିତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ସମ୍ବୋଧିତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଆଜି ଓଡ଼ିଶାର ୩୫ ଲକ୍ଷ ୩୮ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ ଚାଷୀ ପରିବାରଙ୍କ ବ୍ୟାଙ୍କ ଖାତାକୁ ଡିବିଟିଜରିଆରେ ସିଧାସଳଖ ସହାୟତା ରାଶି ହସ୍ତାନ୍ତର ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ପାଇଁ କୃଷକ କେବଳ ଚାଷୀ ନୁହନ୍ତି, ସେମାନେ ଆମର ‘ଅନ୍ନଦାତା’। କେନ୍ଦ୍ରର ପିଏମ୍-କିଷାନ ସହିତ ରାଜ୍ୟର ସିଏମ୍-କିଷାନ, କ୍ୱିଣ୍ଟାଲ ପିଛା ୩,୧୦୦ ଦରରେ ଧାନ କ୍ରୟ, ସୁଭଦ୍ରା ଯୋଜନା, ‘କୃଷି ବିଦ୍ୟାନିଧି’ ଛାତ୍ରବୃତ୍ତି ଏବଂ ‘ପି.ଏମ୍. ଧନ-ଧାନ୍ୟ କୃଷି ଯୋଜନା’ ଆଜି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିପାରିଛି। ଏଥିସହ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ପୁଷ୍ଟିଶସ୍ୟର ପୁନରୁଦ୍ଧାର ପାଇଁ ଆମର ପ୍ରୟାସ ନିରନ୍ତର ଜାରି ରହିଛି। ସାମ୍ପ୍ରତିକ ପ୍ରାକୃତିକ ବିପର୍ଯ୍ୟୟରେ ଗଞ୍ଜାମ, ଗଜପତି ସମେତ ବିଭିନ୍ନ ଜିଲ୍ଲାରେ ଫସଲ ହରାଇଥିବା ଚାଷୀ ଭାଇଭଉଣୀଙ୍କ ସହ ଆମ ସରକାର ସମ୍ବେଦନଶୀଳତାର ସହ ଛିଡ଼ା ହୋଇଛି; କ୍ଷୟକ୍ଷତି ଆକଳନ ଭିତ୍ତିରେ ପ୍ରତ୍ୟେକ ପ୍ରଭାବିତ ପରିବାରକୁ ଯଥାଶୀଘ୍ର ନିୟମାନୁଯାୟୀ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସ୍ତ୍ରୀଙ୍କୁ ହାଣି ଦେଲା ସ୍ୱାମୀ

କୋରାପୁଟ, ୩୦/୧୦(ନିପ୍ର): ସାମାନ୍ୟ ତରକାରିକୁ ନେଇ ହୋଇଥିବା କଳହକୁ ନେଇ ଶୋଇଥିବା ଅବସ୍ଥାରେ ଟାଙ୍ଗିଆରେ ହାଣି ସ୍ତ୍ରୀକୁ ହତ୍ୟା କରିଛି ସ୍ୱାମୀ। ଅଭିଯୋଗ ଆସିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ଥାନା ଅନ୍ତର୍ଗତ ଲୁଲା ପଞ୍ଚାୟତର ପଦୁଗୁଡ଼ା ଗାଁରୁ। ମୃତ ମହିଳାଙ୍କ ନାଁ ହେଉଛି କବିତା ସାଉନ୍ତା। ତାଙ୍କୁ ୩୨ ବର୍ଷ ହୋଇଥିଲା। ତାଙ୍କ ସ୍ୱାମୀ ତଥା ଅଭିଯୁକ୍ତଙ୍କ ନାଁ ରାବ ସାଉନ୍ତା। ଗତକାଲି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତରକାରିକୁ ନେଇ ବଚସା ହୋଇଥିଲା। ଏହାକୁ କେନ୍ଦ୍ର କରି ବିଳମ୍ବିତ ରାତିରେ କବିତା ଶୋଇଥିବା ବେଳେ ରାବ ତାଙ୍କୁ ଟାଙ୍ଗିଆରେ ହାଣି ଦେଇଥିଲେ ବୋଲି ଅଭିଯୋଗ ହୋଇଛି।

ନକଲି ସର୍ଫ ଏକ୍ସେଲ ଓ ହୁଇଲ କାରଖାନା ଠାବ

ଭଦ୍ରକ, ୩୦/୧୦(ନିପ୍ର): ଭଦ୍ରକ ଜିଲ୍ଲା ରାଣୀତାଳସ୍ଥିତ ଏକ ପରିତ୍ୟକ୍ତ ରାଇସ୍ ମିଲ୍‌ରେ ଚାଲିଥିବା ନକଲି ସର୍ଫ ଏକ୍ସେଲ ଓ ହୁଇଲ କାରଖାନାକୁ ଗ୍ରାମାଞ୍ଚଳ ପୁଲିସ ଠାବ କରିଛି। ଚଢ଼ାଉ କରି ପୁଲିସ ବିପୁଳ ପରିମାଣର ନକଲି ପ୍ୟାକେଟ୍, ଖାଲି ଜରି ରୋଲ୍, କଞ୍ଚାମାଲ, ପ୍ୟାକିଂ ମେସିନ୍ ଓ ଏକ ଗାଡ଼ି ଜବତ କରିଛି। କାରଖାନାର ମାଲିକ ଫେରାର ହୋଇଯାଇଛି। ଜାତୀୟ ରାଜପଥ-୧୬ କଡ଼ରେ ଥିବା ବନ୍ଦ ସତ୍ୟନାରାୟଣ ରାଇସ୍ ମିଲ୍‌ର ଗୋଦାମରେ ଦୀର୍ଘଦିନ ଧରି ଏହି ବେଆଇନ କାରବାର ଚାଲିଥିଲା। ମିଲ୍ ମାଲିକ ରମ୍ଭୁ ପାଣିଗ୍ରାହୀ ଗୋଦାମକୁ କଟକ ଜଗତପୁରର ଜଣେ ବ୍ୟକ୍ତିଙ୍କୁ ଭଡ଼ାରେ ଦେଇଥିବା ପୁଲିସକୁ କହିଛନ୍ତି।

ଜଗତସିଂହପୁର ପୌରପରିଷଦ, ଜଗତସିଂହପୁର
OFFICE OF THE JAGATSINGHPUR MUNICIPALITY, JAGATSINGHPUR
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା
13001/2307/2627

No 6554 / Date 28/10/2026

Corrigendum to Detailed Tender Call Notice

Notice No & Date : 6362 / 13.10.2026
BID Identification No : 2026_ORULB_143520_1

In partial modification of the E-Procurement Notice No. 6362 dated 13.10.2026, the following corrections/clarifications are hereby made in respect of the Detailed Tender Call Notice (DTCN):

1. Class of Contractor: The class of contractor specified in the DTCN shall be read as "B" Class Contractor of Odisha State PWD or equivalent class of CPWD/Railways/MES/MSME/Central Government or other State Government, instead of "C" Class Contractor.
2. Earnest Money Deposit (EMD): The EMD amount specified throughout the DTCN shall be read as ₹1,06,687/- (Rupees One Lakh Six Thousand Six Hundred Eighty-Seven only) instead of ₹10,66,869/- or any other amount mentioned in the DTCN towards EMD.

All other terms and conditions of the aforesaid E-Procurement Notice and the DTCN shall remain unchanged.

This corrigendum shall be read as an integral part of the aforesaid E-Procurement Notice and the DTCN.

OIPR 13001/13087/1/26-27/0011

Executive Officer
Jagatsinghpur Municipality

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ